ଆଜି - ଶନିବାର
ତାରିଖ - ୧୨ ସେପ୍ଟେମ୍ବର ୨୦୨୬
ମାସ - ସିଂହ, ଦିନ - ୨୭
ତିଥି - ପ୍ରତିପଦ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ଉତରାଫାଲ୍‌ଗୁନୀ, କନ୍ୟା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୭: ୦୦
ସୂର୍ଯ୍ୟାସ୍ତ - ୫ : ୪୯ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ସ୍ୱାଧୀନତା ଅପେକ୍ଷା ଶୌଚ ବ୍ୟବସ୍ଥା ଅଧିକ ଗୁରୁତ୍ୱପୂର୍ଣ୍ଣ।"
- ମହାତ୍ମା ଗାନ୍ଧୀ


ଆଜିକାଲି LIVE
THE AJIKALI 24X7

E-News : www.Ajikali epaper.com

Vol.- 41 ISSUE- 150 R.N.I. REGD. No. 44026/86 ବାଲେଶ୍ୱର ୧୨ ସେପ୍ଟେମ୍ବର ୨୦୨୬ ଶନିବାର BALASORE 12 SEPTEMBER 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ୧୮ତମ ବ୍ରିକ୍ସ ସମ୍ମିଳନୀ ଅବସରରେ ରୁଷ ରାଷ୍ଟ୍ରପତିଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ







ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଆୟୋଜିତ ୧୮ତମ ବ୍ରିକ୍ସ ସମ୍ମିଳନୀ ଅବସରରେ ରୁଷ ରାଷ୍ଟ୍ରପତି ମହାମହିମ ଭ୍ଲାଦିମିର ପୁଟିନଙ୍କ ସହ ସାକ୍ଷାତ କରିଛନ୍ତି। ଚଳିତ ବର୍ଷ ଦୁଇ ନେତାଙ୍କ ମଧ୍ୟରେ ଏହା ଦ୍ୱିତୀୟ ସାକ୍ଷାତ। ଏହା ପୂର୍ବରୁ ଅଗଷ୍ଟ ୩୧ ତାରିଖରେ ବିସକେକଠାରେ ଆୟୋଜିତ ୨୬ତମ ଏସସିଓ ସମ୍ମିଳନୀ ଅବସରରେ ଦୁଇ ନେତା ସାକ୍ଷାତ କରିଥିଲେ। ଏହି ସାକ୍ଷାତ ସମୟରେ ଦୁଇ ନେତା ରାଜନୈତିକ, ଅର୍ଥନୈତିକ, ପ୍ରତିରକ୍ଷା, ଶକ୍ତି, ମହାକାଶ, ଦକ୍ଷତା ଗତିଶୀଳତା ଏବଂ ଦୁଇ ଦେଶର ଲୋକଙ୍କ ମଧ୍ୟରେ ସମ୍ପର୍କ ଆଦି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ଅଗ୍ରଗତି ସମୀକ୍ଷା କରିଥିଲେ। ସେପଟେମ୍ବର ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଭାରତରେ ପ୍ରଥମ ଥର ପାଇଁ ଆୟୋଜିତ ରୁଷର ଆନ୍ତର୍ଜାତିକ ଶିଳ୍ପ ପ୍ରଦର୍ଶନୀ 'ଇନୋପ୍ରୋମ୍ ଇଣ୍ଡିଆ'କୁ ଦୁଇ ନେତା ସ୍ୱାଗତ କରିଥିଲେ। ବାଣିଜ୍ୟ ଓ ଶିଳ୍ପ ସମ୍ପର୍କକୁ ଆହୁରି ସୁଦୃଢ଼ ଓ ବ୍ୟାପକ କରିବାରେ ଏହି ପ୍ରଦର୍ଶନୀର ଗୁରୁତ୍ୱ ରହିଛି ବୋଲି ସେମାନେ ଗୁରୁତ୍ୱାରୋପ କରିଥିଲେ। ଉଭୟ ନେତା 'ଇନୋପ୍ରୋମ୍ ଇଣ୍ଡିଆ' ପ୍ରଦର୍ଶନୀ ପରିଦର୍ଶନ କରିବା ସହ ଅଂଶଗ୍ରହଣକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏକ ବହୁପକ୍ଷୀୟ ବିଶ୍ୱରେ ଭାରତ-ରୁଷ ସମ୍ପର୍କ, ବିଶେଷକରି ୨୦୨୬ରେ ଭାରତର ଅଧ୍ୟକ୍ଷତାରେ ବ୍ରିକ୍ସର କାର୍ଯ୍ୟକଳାପ ସମ୍ପର୍କରେ ଦୁଇ ନେତା ଆଲୋଚନା କରିଥିଲେ। ଏହା ସହିତ ପାରସ୍ପରିକ ସ୍ୱାର୍ଥ ସହ ଜଡ଼ିତ ପ୍ରମୁଖ ଆଂଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ସେମାନେ ନିଜ ନିଜ ମତ ରଖିଥିଲେ। ପଶ୍ଚିମ ଏସିଆ ଏବଂ କୃଷ୍ଣ ସାଗର ଅଂଚଳରେ ଚାଲିଥିବା ସଂଘର୍ଷ ଯୋଗୁଁ ସାମୁଦ୍ରିକ ବାଣିଜ୍ୟ ଏବଂ ଭାରତୀୟ ନାବିକମାନଙ୍କ ସୁରକ୍ଷା ଓ ନିରାପତା ପ୍ରଭାବିତ ହୋଇଥିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ସଂଘର୍ଷର ସମାଧାନ ପାଇଁ ଆଲୋଚନା ଓ କୂଟନୀତି ହିଁ ଆଗକୁ ବଢ଼ିବାର ଉପାୟ ବୋଲି ପ୍ରଧାନମନ୍ତ୍ରୀ ପୁନର୍ବାର ଉଲ୍ଲେଖ କରିଥିଲେ। ଶାନ୍ତି ପ୍ରୟାସରେ ସହଯୋଗ କରିବାକୁ ଭାରତ ପ୍ରସ୍ତୁତ ଥିବା ସେ କହିଥିଲେ। ଦୁଇ ଦେଶ ମଧ୍ୟରେ ରହିଥିବା 'ସ୍ୱତନ୍ତ୍ର ଓ ବିଶେଷାଧିକାରପ୍ରାପ୍ତ ରଣନୈତିକ ସହଯୋଗିତା'କୁ ଆହୁରି ସୁଦୃଢ଼ କରିବା ପାଇଁ ଉଭୟ ନେତା ନିରନ୍ତର ଭାବେ ଯୋଗାଯୋଗରେ ରହିବାକୁ ସହମତ ହୋଇଥିଲେ। ଏହି ଦ୍ୱିପାକ୍ଷିକ ସହଯୋଗିତା ବର୍ତମାନର ଭୂ-ରାଜନୈତିକ ଅନିଶ୍ଚିତତା ପରିପ୍ରେକ୍ଷୀରେ ମଧ୍ୟ ନିରନ୍ତର ଭାବେ ଅଗ୍ରଗତି କରୁଛି ଏବଂ ଏହାର ସ୍ଥିରତା ବଜାୟ ରହିଛି। ୨୪ତମ ଭାରତ-ରୁଷ ବାର୍ଷିକ ସମ୍ମିଳନୀରେ ଯୋଗଦେବା ପାଇଁ ରାଷ୍ଟ୍ରପତି ପୁଟିନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ରୁଷ ଗସ୍ତର ନିମନ୍ତ୍ରଣ ଦେଇଛନ୍ତି ଓ ପ୍ରଧାନମନ୍ତ୍ରୀ ଏହି ନିମନ୍ତ୍ରଣ ଗ୍ରହଣ କରିଛନ୍ତି। ପରବର୍ତୀ ସମୟରେ ଉଭୟ ପକ୍ଷର ସୁବିଧା ଅନୁଯାୟୀ କୂଟନୈତିକ ମାଧ୍ୟମରେ ଏହି ସମ୍ମିଳନୀର ତାରିଖ ନିର୍ଦ୍ଧାରଣ କରାଯିବ।

## ବ୍ରିକ୍ସ ବ୍ୟବସାୟ ଫୋରମ୍ ୨୦୨୬ରେ ଅଭିଭାଷଣ ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଏହି ବର୍ଷ ଆମେ ବ୍ରିକ୍ସର କୋଡ଼ିଏ ବର୍ଷ ପାଳନ କରୁଛୁ। ଯେତେବେଳେ ଏହି ଗୋଷ୍ଠୀ ୨୦୦୬ରେ ଆରମ୍ଭ ହୋଇଥିଲା, ଏଥିରେ କେବଳ ଚାରୋଟି ଦେଶ ଥିଲେ। ଆଜି,ବ୍ରିକ୍ସ ଏବଂ ବ୍ରିକ୍ସ ଅଂଶୀଦାରଙ୍କ ସମେତ, ଆମେ ଏକବିଂଶଟି ଦେଶର ଏକ ପରିବାର। ଆଜି, ବ୍ରିକ୍ସଦେଶଗୁଡ଼ିକ ବିଶ୍ୱ ଜନସଂଖ୍ୟାର ପଚାଶ ପ୍ରତିଶତ, GDP ର ଚାଳିଶ ପ୍ରତିଶତ ଏବଂ ବାଣିଜ୍ୟର ପଚିଶ ପ୍ରତିଶତରୁ ଅଧିକ ପ୍ରତିନିଧିତ୍ୱ କରନ୍ତି। ଅଧିକନ୍ତୁ, ଏହି ବର୍ଷଗୁଡ଼ିକରେ, ଯେତେବେଳେ ବିଶ୍ୱ ଏଉଚ ପ୍ରାୟ ଅଢ଼େଇ ଗୁଣ ବୃଦ୍ଧି ପାଇଛି, ବ୍ରିକ୍ସ ଦେଶଗୁଡ଼ିକର ମିଳିତ ଏଉଚ ପ୍ରାୟ ସାଢ଼େ ଚାରି ଗୁଣ ବୃଦ୍ଧି ପାଇଛି। ଏହାର ଅର୍ଥ ହେଉଛି ବ୍ରିକ୍ସର ଆର୍ଥିକ ଶକ୍ତି ବିଶ୍ୱର ପ୍ରାୟ ଦୁଇଗୁଣ ହାରରେ ବୃଦ୍ଧି ପାଇଛି। ବ୍ରିକ୍ସ ଦେଶଗୁଡ଼ିକ ବିଶ୍ୱ ନବସୃଜନ ଏବଂ ସମାଧାନ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ହୋଇପାରୁଛନ୍ତି। ତୃଣମୂଳ ସ୍ତରରୁ ସୀମାନ୍ତ ପ୍ରଯୁକ୍ତିବିଦ୍ୟା ପର୍ଯ୍ୟନ୍ତ, ଆମ ଦେଶଗୁଡ଼ିକରେ ନୂତନ ନବସୃଜନ ସମ୍ଭାବନା ଆକାର ନେଉଛି। ବ୍ରିକ୍ସର ବର୍ଦ୍ଧିତ ପରିମାଣ, ଗତି ଏବଂ ଆଶାବାଦ ଆମ ମଧ୍ୟରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ଭାରତରେ ଅନୁଷ୍ଠିତ ଏହି ଫୋରମ୍, ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ବ୍ରିକ୍ସ ବ୍ୟବସାୟ ଫୋରମ୍। ଭାରତର ବ୍ରିକ୍ସ ସଭାପତିତ୍ୱର ବିଷୟବସ୍ତୁ ହେଉଛି 'ସ୍ଥାୟୀତା, ନବସୃଜନ, ସହଯୋଗ ଏବଂ ସ୍ଥିରତା ପାଇଁ




ନିର୍ମାଣ'। ଗତ ବାର ବର୍ଷ ଧରି, ଭାରତ ଏହି ମନ୍ତ୍ରକୁ ଏହାର ଅର୍ଥନୈତିକ ଏବଂ ବାଣିଜ୍ୟ ନୀତିର ମୂଳଦୁଆ କରିଛି। ସ୍ଥିରତା ବିଷୟରେ କହିବାକୁ ଗଲେ, ଭାରତ ଶକ୍ତି ଠାରୁ ପ୍ରଯୁକ୍ତିବିଦ୍ୟା ପର୍ଯ୍ୟନ୍ତ ଯୋଗାଣ ଶୃଙ୍ଖଳକୁ ଅଧିକ ବିବିଧ ଏବଂ ନିର୍ଭରଯୋଗ୍ୟ କରିଛି। ଏହି ସ୍ଥିରତା ହିଁ ଆଜି, ବିଶ୍ୱ ଅନିଶ୍ଚିତତା ମଧ୍ୟରେ ମଧ୍ୟ, ଭାରତ ଅଭିବୃଦ୍ଧି ଏବଂ ସ୍ଥିରତାର ପ୍ରତିଶ୍ରୁତି ପ୍ରଦାନ କରେ। ଆମେ ଦ୍ରୁତ ଗତିରେ ରାସ୍ତା, ରେଳବାଇ, ବନ୍ଦର ଏବଂ ବିମାନବନ୍ଦରକୁ ବିସ୍ତାର କରୁଛୁ। ଆମେ ଜାହାଜ ନିର୍ମାଣ, ଅର୍ଦ୍ଧପରିବାହୀ, କ୍ୱାଂଟମ୍, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ବାୟୋଟେକ୍ ଭଳି ରଣନୈତିକ କ୍ଷେତ୍ରରେ ମଧ୍ୟ ନୂତନ କ୍ଷମତା ନିର୍ମାଣ କରୁଛୁ। ଭାରତ ଏହି କ୍ଷେତ୍ରଗୁଡ଼ିକରେ ବିଶ୍ୱ ବ୍ୟବସାୟ ପାଇଁ ନୂତନ ସୁଯୋଗର କେନ୍ଦ୍ର ପାଲଟିଯାଉଛି। ତେଣୁ, ମେକ୍ ଇନ୍ ଇଣ୍ଡିଆ, ଭାରତ ସହିତ ନବସୃଜନ ଏବଂ ବିଶ୍ୱ ପାଇଁ ସ୍କେଲ୍। ଆଜି ଭାରତରେ ଏକ ଷ୍ଟାର୍ଟଅପ୍ ବିପ୍ଳବ ଘଟୁଛି। ଦୁଇ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ଏବଂ ଏକ ଶହ କୋଡ଼ିଏରୁ ଅଧିକ ୟୁନିକର୍ଣ୍ଣ ସହିତ, ଭାରତ ବିଶ୍ୱସ୍ତରୀୟ ସମାଧାନର କେନ୍ଦ୍ର ପାଲଟିଛି। ଆପଣ 'ବ୍ରିକ୍ସ ଭାରତ ଇନୋଭେଟ୍ସ ଏକ୍ସପୋ' ରେ ଏହାର ଏକ ଝଲକ ଦେଖିବେ। ଆମର ଷ୍ଟାର୍ଟଅପ୍ ଇଓ ସହିତ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାକୁ ପରିବର୍ତନ କରୁଛନ୍ତି, ସବୁଜ ହାଇଡ୍ରୋଜେନ୍ ଏବଂ ବ୍ୟାଟେରୀରେ କାମ କରୁଛନ୍ତି, ଏବଂ ପ୍ରତିରକ୍ଷା ଏବଂ ମହାକାଶରେ ନୂତନ ସୀମା ମଧ୍ୟ ଅତିକ୍ରମ କରୁଛନ୍ତି। ଏବେ, ବ୍ରିକ୍ସ ମାଧ୍ୟମରେ, ଆମକୁ ଏହି ବିଶ୍ୱସ୍ତରୀୟ ଉଦ୍ଭାବନଗୁଡ଼ିକୁ ବିଶ୍ୱ ବଜାରକୁ ନେବାକୁ ପଡିବ। ଭାରତର ଉଦ୍ଭାବନ କାହାଣୀର ଆଉ ଏକ ପ୍ରମୁଖ ଚିହ୍ନ ହେଉଛି ଜନସଂଖ୍ୟା ସ୍ତରରେ ଉଦ୍ଭାବନ। ଭାରତର ୟୁନିଫାଏଡ୍ ପେମେଂଟସ୍ ଇଂଟରଫେସ୍ ଜନସଂଖ୍ୟା ସ୍ତରରେ ଆର୍ଥିକ ଅନ୍ତର୍ଭୁକ୍ତି ଏବଂ ଡିଜିଟାଲ୍ କାରବାରକୁ ତ୍ୱରାନ୍ୱିତ କରିଛି। ଆଜି, ବିଶ୍ୱର ୫୦% ବାସ୍ତବ-ସମୟ ଦେୟ ଏହି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି କରାଯାଏ। ଏହି ଡିଜିଟାଲ୍ ସ୍ତରରେ ନୂତନ ସମାଧାନ ସୃଷ୍ଟି କରିବା ପାଇଁ, ଆମେ ଶିକ୍ଷା ଏବଂ ଷ୍ଟାର୍ଟ-ଅପ୍ ପାଇଁ ଏକ ଖୋଲା ଇକୋସିଷ୍ଟମ ପ୍ରଦାନ କରିଛୁ। ଆମେ ଗର୍ବିତ ଯେ ଅନେକ ଦେଶ ଭାରତର ବିଶ୍ୱସ୍ତରୀୟ ଇକୋସିଷ୍ଟମକୁ ଗ୍ରହଣ କରୁଛନ୍ତି। ବ୍ରିକ୍ସ ଦେଶର ଉଦ୍ଭାବକମାନେ ମଧ୍ୟ ଏହି ଅଭିଜ୍ଞତା ଉପରେ ଆଧାର କରି ସେମାନଙ୍କ ଦେଶ ପାଇଁ ନୂତନ ସମାଧାନ ବିକଶିତ କରିପାରିବେ। ଆଜି, ବିଶ୍ୱ ସ୍ତରରେ ବାଣିଜ୍ୟ ପ୍ରତିବନ୍ଧକ ବୃଦ୍ଧି ପାଉଥିବାରୁ, ଭାରତ ଅର୍ଥନୈତିକ ସେତୁ ନିର୍ମାଣ କରୁଛି। ୨୦୧୪ ମସିହାରୁ, ଆମେ ପ୍ରାୟ ୪୦ ଟି ଦେଶ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛୁ। ବ୍ରିକ୍ସ ମଧ୍ୟରେ ଆମର ଆଭିମୁଖ୍ୟ ସମାନ: ପ୍ରତିବନ୍ଧକଗୁଡ଼ିକୁ ହ୍ରାସ କରିବା ଏବଂ ବ୍ୟବସାୟ ପାଇଁ ସୁଯୋଗ ବୃଦ୍ଧି କରିବା।

## ଅଳ୍ପରେ ଖବର

- ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଶୁକ୍ରବାର ଅଗସ୍ତି ନୂଆଗାଁ ସ୍ଥିତ ଏଫଏଲସି (ଫିସ୍ ଲାଣ୍ଡିଂ ସେଂଟର / ପ୍ରକଳ୍ପ) ସ୍ଥଳ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କଲି। ଏହି ପ୍ରକଳ୍ପ ସ୍ଥାନୀୟ ଜନସାଧାରଣଙ୍କ ସାମାଜିକ ଓ ଆର୍ଥିକ ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ବ୍ରହ୍ମପୁରରୁ ଅଯୋଧ୍ୟା ଓ ବାରାଣାସୀ ଅଭିମୁଖେ ତୀର୍ଥଯାତ୍ରା ଟ୍ରେନ୍ ଯାତ୍ରା ଆରମ୍ଭ କରିଛି। ୫ଟି ଜିଲ୍ଲାର ପ୍ରାୟ ୭୭୫ ଜଣ ତୀର୍ଥଯାତ୍ରୀ ଏଥିରେ ସାମିଲ ହୋଇଛନ୍ତି।
- ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂକୁ ନେଇ ବିଜେଡି ହାଇକୋର୍ଟ ଯିବା ଘଟଣାରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଏହା ବିଜେଡିର ଆଭ୍ୟନ୍ତରୀଣ ବ୍ୟାପାର।
- ସପ୍ତପୁରୀ ଅମାବାସ୍ୟାର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତା ଜାରି କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସପ୍ତପୁରୀ ଅମାବାସ୍ୟା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

## ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ୟୁଏଇରେ ଦୁବାଇ ରୋଡ୍‌ସୋ

## ୟୁଏଇ ନିବେଶକମାନଙ୍କୁ ସହଭାଗୀ ହେବା ପାଇଁ ଆହ୍ୱାନ କଲେ ମୁଖ୍ୟମନ୍ତ୍ରୀ

ଦୁବାଇ/ଭୁବନେଶ୍ୱର: ଓଡ଼ିଶାରେ ପୁଞ୍ଜିନିବେଶ ପ୍ରତି ୟୁଏଇର ନିବେଶକଙ୍କୁ ଆକୃଷ୍ଟ କରିବାକୁ ଦୁବାଇ ରୋଡ୍‌ସୋର ଆୟୋଜନ କରାଯାଇଛି। ଦୁବାଇରେ ଆୟୋଜିତ ଓଡିଶା ନିବେଶକ ସମ୍ମିଳନୀ-ୟୁଏଇ- ୨୦୨୬ ରେ ପ୍ରାୟ ୪୦୦ ଜଣ ବ୍ୟବସାୟୀ, ନିବେଶକ ଓ ୟୁଏଇ ବ୍ୟବସାୟିକ ସମୁଦାୟର ପ୍ରତିନିଧି ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରାକୃତିକ ସମ୍ପଦ, ପ୍ରତିଯୋଗିତାମୂଳକ ଶକ୍ତି, ବନ୍ଦର, ଶିଳ୍ପ ଭିତିଭୂମି, ଦକ୍ଷ ମାନବ ସମ୍ବଳ ଓ ନିବେଶ ଅନୁକୂଳ




ପରିବେଶକୁ ନିବେଶକଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏଲଏନଜି ଷ୍ଟୋରେଜ୍, ଗ୍ରୀନ୍ ଏନର୍ଜି, କୃତ୍ରିମ ବୁଦ୍ଧିମତା ଡାଟା ସେଂଟର, ରେୟାର୍ ଆର୍ଥ୍, ଜାହାଜ ମରାମତି, ପ୍ରୋପେଲାଂଟ ଉତ୍ପାଦନ, ସାର ଓ ରସାୟନ, ହାଉସିଂ, ଷ୍ଟିଲ୍ ଓ ଡାଉନଷ୍ଟ୍ରିମ୍ ଶିଳ୍ପ ଭଳି କ୍ଷେତ୍ରରେ ନିବେଶ ସୁଯୋଗ ଉପରେ ଆଲୋଚନା ହୋଇଥିଲା। ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସରକାରଙ୍କ ସ୍ପିଡ୍, ସର୍ଟନିଟି ଆଣ୍ଡ ଏକ୍ଜିକ୍ୟୁସନ (ଶୀଘ୍ର, ନିଶ୍ଚିତତା ଓ କାର୍ଯ୍ୟାନ୍ୱୟନ) ନୀତି ଉପରେ ଗୁରୁତ୍ୱ ଦେଇ ନିବେଶକମାନଙ୍କୁ ପ୍ରକଳ୍ପର ପ୍ରତ୍ୟେକ ପର୍ଯ୍ୟାୟରେ ସରକାରୀ ସହଯୋଗର ଆଶ୍ୱାସନ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସରକାରୀ ଅଧିକାରୀ, ଭାରତୀୟ କୂଟନୈତିକ ପ୍ରତିନିଧି ଓ ୟୁଏଇର ପ୍ରମୁଖ ଶିଳ୍ପପତିମାନେ ଉପସ୍ଥିତ ଥିଲେ। ଦୁବାଇ ରୋଡ୍‌ଶୋ ଓଡ଼ିଶା-ୟୁଏଇ ଆର୍ଥିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ରାଜ୍ୟରେ ପୁଞ୍ଜି, ପ୍ରଯୁକ୍ତି, ଶିଳ୍ପ ଓ ନିଯୁକ୍ତି ସୃଷ୍ଟି ପାଇଁ ନୂଆ ସୁଯୋଗ ସୃଷ୍ଟି କରିଛି।

## ରାଜସ୍ୱ ପର୍ଷଦର ନୂତନ ୱେବସାଇଟ୍ ଓ ତ୍ରୈମାସିକ ଜର୍ଣ୍ଣାଲର ଶୁଭାରମ୍ଭ କଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର : ରାଜ୍ୟର ସାଧାରଣ ଲୋକଙ୍କୁ ସହଜ, ସ୍ୱଚ୍ଛ ଏବଂ ତ୍ୱରିତ ସେବା ଯୋଗାଇଦେବା ଲକ୍ଷ୍ୟରେ ରାଜସ୍ୱ ପର୍ଷଦର ଏକ ନୂତନ ୱେବସାଇଟ୍ ଶୁଭାରମ୍ଭ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆନୁଷ୍ଠାନିକ ଭାବେ ଏହି ଅତ୍ୟାଧୁନିକ ୱେବସାଇଟକୁ ଲୋକାର୍ପିତ କରିଛନ୍ତି। ସରକାରୀ ସେବାକୁ ଡିଜିଟାଇଜ୍ କରିବା ଏବଂ ପ୍ରଶାସନିକ କାର୍ଯ୍ୟରେ ଅଧିକ ସ୍ୱଚ୍ଛତା ଆଣିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଏହି ଉନ୍ମୋଚନ ଉତ୍ସବରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ନୂଆ ୱେବସାଇଟ୍ ମାଧ୍ୟମରେ ରାଜସ୍ୱ ସମ୍ବନ୍ଧୀୟ ମାମଲାଗୁଡ଼ିକର ଫଇସଲା ପ୍ରକ୍ରିୟା ବେଶ୍ ତ୍ୱରିତ ହୋଇପାରିବ। ଲୋକମାନେ ଏଣିକି ନିଜ ମାମଲାର ସ୍ଥିତି, ଶୁଣାଣି ତାରିଖ ଓ ଅନ୍ୟାନ୍ୟ ଜରୁରୀ ତଥ୍ୟ ଘରେ ବସି ସହଜରେ ଅନ୍‌ଲାଇନ୍ ଯୋଗେ ପାଇପାରିବେ। ଏହାଦ୍ୱାରା ସାଧାରଣ ନାଗରିକଙ୍କୁ ଆଉ



ବାରମ୍ବାର ସରକାରୀ ଅଫିସ୍ ଦୌଡ଼ିବାକୁ ପଡ଼ିବ ନାହିଁ କିମ୍ବା କୌଣସି ଅଯଥା ହଇରାଣ ହେବାକୁ ପଡ଼ିବ ନାହିଁ। ଏତଦ୍ ?ବ୍ୟତୀତ, ରାଜସ୍ୱ ମାମଲାଗୁଡ଼ିକର ବିକେନ୍ଦ୍ରୀକରଣ ଏବଂ ତ୍ୱରିତ ସମାଧାନ ପାଇଁ ରାଜ୍ୟ ସରକାର ଏକ ବଡ଼ ଘୋଷଣା ମଧ୍ୟ କରିଛନ୍ତି। ଖୁବ୍ ?ଶୀଘ୍ର ରାଜ୍ୟର ଆଉ ୩ଟି ନୂଆ ଜିଲ୍ଲାରେ ରାଜସ୍ୱ ରିଭିଜନାଲ୍ କୋର୍ଟ ସ୍ଥାପନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଯାଜପୁର, କେନ୍ଦ୍ରାପଡ଼ା ଏବଂ ବରଗଡ଼ ଜିଲ୍ଲାରେ ଏହି ନୂତନ କୋର୍ଟ ଖୋଲିବାକୁ ନିଷ୍ପତି ନିଆଯାଇଛି। ଆଗାମୀ ଦିନରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ଏହି ବ୍ୟବସ୍ଥାର ସମ୍ପ୍ରସାରଣ କରାଯିବ। ଏହି କୋର୍ଟଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଆଖପାଖ ଅଂଚଳର ଜନସାଧାରଣ ନିଜ ଜିଲ୍ଲାରେ ହିଁ ସୁବିଧାରେ ଏବଂ ଶୀଘ୍ର ନ୍ୟାୟ ପାଇପାରିବେ।

## ବିଏମ୍‌ସି ଟିମ୍ ଦ୍ୱାରା ଜାତୀୟ ସ୍ୱଚ୍ଛ ବାୟୁ ପୁରସ୍କାର ପ୍ରଦର୍ଶିତ କଲେ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର

ଭୁବନେଶ୍ୱର : ଜାତୀୟ ୱାର୍ଡସ୍ତରୀୟ ସ୍ୱଚ୍ଛ-ବାୟୁ ମୂଲ୍ୟାଙ୍କନରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଭୁବନେଶ୍ୱର ମହାନଗର ନିଗମର ଏକ ପ୍ରତିନିଧି ଦଳ ଆଜି ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ସାକ୍ଷାତ କରି ମିଳିଥିବା ଟ୍ରଫି ଓ ପ୍ରମାଣପତ୍ର ଓ ଚେକ ପ୍ରଦର୍ଶିତ କରି ଅବଗତ କରାଇଥିଲେ। ବିଏମ୍ ସି ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ନେତୃତ୍ୱରେ ବିଏମସିର ପ୍ରତିନିଧି ଦଳ ମନ୍ତ୍ରୀଙ୍କ ସରକାରୀ ବାସଭବନରେ ଭେଟିଥିଲେ। ଏହି ଦଳରେ ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ବିଏମସି କମିଶନର ଶ୍ରୀ ଚଂଚଳ ରାଣା, ଡେପୁଟି କମିଶନର (ପରିମଳ) ଶ୍ରୀ ଏନ୍. ଗଣେଶ ବାବୁ, ପରିମଳ



ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷଙ୍କ ସହ ୱାର୍ଡ ନମ୍ବର ୩୦, ୩୬ ଓ ୨୨ ର ପ୍ରତିନିଧିମାନେ ସାମିଲ ଥିହୋଇଥିଲେ। ଜାତୀୟ ୱାର୍ଡସ୍ତରୀୟ ସ୍ୱଚ୍ଛ-ବାୟୁ ମୂଲ୍ୟାଙ୍କନରେ ବିଏମସିର ୱାର୍ଡ ନମ୍ବର ୩୬ ଓ ୩୦ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଏହା ସହ ରାଉରକେଲା ମ୍ୟୁନିସିପାଲ କର୍ପୋରେସନର ୱାର୍ଡ ନମ୍ବର ୧୩ ମଧ୍ୟ ଶୀର୍ଷ ସ୍ଥାନ ଅଧିକାର କରିଛି। ଏହି ସଫଳତା ସହରୀ ବାୟୁର ଗୁଣବତାରେ ଉନ୍ନତି ଆଣିବା ଦିଗରେ ଓଡ଼ିଶାର ପ୍ରୟାସକୁ ଆହୁରି ସ୍ୱୀକୃତି ଦେଇଛି। ଏହି ସଫଳତା ସ୍ୱଚ୍ଛ-ବାୟୁ ପରିଚାଳନା ପାଇଁ ଓଡ଼ିଶାର ବିକେନ୍ଦ୍ରୀକୃତ ଓ ଗୋଷ୍ଠୀଭିତିକ ଆଭିମୁଖ୍ୟକୁ ପ୍ରତିଫଳିତ କରୁଅଛି।

## ନୂଆଁଖାଇ ପାଇଁ ସଜେଇ ହେଲାଣି ପଶ୍ଚିମ ଓଡ଼ିଶା

ସମ୍ବଲପୁର : ଆଉ ଦିନକ କେଇଟା ପରେ ପଶ୍ଚିମ ଓଡ଼ିଶାର ଗଣପର୍ବ। କଳା, ସଂସ୍କୃତି ଓ ଭାଇଚାରାର ପର୍ବ ନୂଆଁଖାଇ। ଏଥିପାଇଁ ଗାଁ ଠୁ ସହର ସବୁଆଡ଼ ଉତ୍ସବ ମୁଖର। ମା'ଙ୍କ ପାଖରେ ନବାନ୍ନ ଲାଗିହେବ। ଚାଷୀ ତାର ପ୍ରଥମ ଅମଳ ଧାନକୁ ନିଜ ଇଷ୍ଟ ଦେବତାଙ୍କ ପାଖରେ ଲାଗି କରିବ। ଏହା ପରେ ଘରେ ଘରେ ସମସ୍ତେ ନୂଆ ଖାଇବେ। ହେଲେ ଏହି ନୂଆଁଖାଇରେ ରହିଛି ଅନେକ ପରମ୍ପରା।



ସେଥିମଧ୍ୟରୁ ଏକ ନିଆରା ପରମ୍ପରା ହେଉଛି କଟୁଆଳ ପରମ୍ପରା। ପୂର୍ବରୁ ଯେତେ ବେଳେ ମୋବାଇଲ ବା ଟେକ୍ନୋଲୋଜି ନଥିଲା ସେତେବେଳେ ରାଜା ହେଉକି ଜମିଦାର, ପ୍ରଜାମାନଙ୍କୁ ସୂଚନା ଦେବା ପାଇଁ କଟୁଆଳ ରଖୁଥିଲେ। ଆଉ ରାଜାଙ୍କ ସୂଚନାଙ୍କୁ ଏହି କଟୁଆଳ ମାନେ ଗାଁ ଗାଁ ବସ୍ତିବସ୍ତି ବୁଲି ପ୍ରଜାଙ୍କୁ ପ୍ରଦାନ କରୁଥିଲେ। ଯେଉଁ ପରମ୍ପରା ଏବେ ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି। କଟୁଆଳ ପରମ୍ପରା ଅନୁଯାୟୀ ଗାଁର ଯିଏ କଟୁଆଳ ରହିଥାନ୍ତି ସେ ପାରମ୍ପରିକ ବେଶରେ ହାତରେ ବାଜା ନେଇ ନୂଆଁଖାଇର କିଛି ଦିନ ପୂର୍ବରୁ ପର୍ବର ଲଗ୍ନ ଏବଂ ସମୟ ସମସ୍ତ ଗାଁ ଲୋକଙ୍କୁ ଅବଗତ କରାଇଥାନ୍ତି। ଆଉ ଏହି କଟୁଆଳ ଦେଇଥିବା ସମୟ ଅନୁସାରେ ସମସ୍ତେ ନୂଆଁଖାଇ ଦିନ ନୂଆ ଖାଇଥାନ୍ତି। କଟୁଆଳଙ୍କୁ ଏହି ଲଗ୍ନ ଗାଁ ଗଉଁଟିଆ ବା ଗାଁ ମୁଖିଆ ପ୍ରଦାନ କରିଥାନ୍ତି। ଆଉ ଏହି କଟୁଆଳ କାର୍ଯ୍ୟ କରିବା ପାଇଁ ତାଙ୍କୁ ଗାଁର ପ୍ରତି ଘରୁ ଚାଉଳ, କପଡ଼ା ବା ଟଙ୍କା ପ୍ରଦାନ କରାଯାଇଥାଏ। ତେବେ ସମୟ ବଦଳିଲାଣି ଆଉ ଧୀରେ ଧୀରେ ଏହି ପରମ୍ପରା ଲୋପ ପାଇବାକୁ ବସିଲାଣି ହେଲେ ଆଜି ବି ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ବ୍ଲକ ଅଜେଇକେଲା ଗାଁ ରେ ଏହି ପରମ୍ପରା ବଂଚିଛି। ଦେଖନ୍ତୁ ଗାଁ କଟୁଆଳ କିଭଳି ବାଜା ବଜାଇ ଗାଁର ପ୍ରଜାଙ୍କୁ ନୂଆଁଖାଇ ଲଗ୍ନ ବିଷୟରେ ଅବଗତ କରୁଛନ୍ତି।

# ବିଧାୟକ ମାନସ ଦତଙ୍କ ପ୍ରଚେଷ୍ଟାରେ ବାଲେଶ୍ୱରରେ ଶୁଭାରମ୍ଭ ହେଲା ପ୍ରଥମ ହୃଦରୋଗ ବିଶେଷଜ୍ଞଙ୍କ ବହିର୍ବିଭାଗ



ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱର ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୋଡ଼ି ହୋଇଛି ଏକ ନୂତନ ଅଧ୍ୟାୟ । ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ କୁମାର ଦତଙ୍କ ନିରନ୍ତର ପ୍ରଚେଷ୍ଟା କ୍ରମେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଥମ ଥର ପାଇଁ ହୃଦରୋଗ ବିଶେଷଜ୍ଞ ବହିର୍ବିଭାଗ ଆରମ୍ଭ ହୋଇଛି । ଆଜି ବିଧାୟକ ମାନସ ଦତଙ୍କ କରକମଳରେ ଏହି ନୂତନ ବହିର୍ବିଭାଗର ଶୁଭ ଉଦ୍ ?ଘାଟନ ହେବା ସହ ବାଲେଶ୍ୱରରେ ବିଶେଷଜ୍ଞ ହୃଦରୋଗ ଚିକିତ୍ସା ସେବାର ଏକ ନୂଆ ପର୍ଯ୍ୟାୟ ଆରମ୍ଭ ହୋଇଛି । ହୃଦରୋଗ ବର୍ତ୍ତମାନ ସମୟରେ ଏକ ପ୍ରମୁଖ ସ୍ୱାସ୍ଥ୍ୟଜନିତ ସମସ୍ୟା ହୋଇଥିବାବେଳେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବରୁ ସ୍ୱତନ୍ତ୍ର ହୃଦରୋଗ ବିଶେଷଜ୍ଞ ବହିର୍ବିଭାଗର ସୁବିଧା ନଥିଲା । ଫଳରେ ଜିଲ୍ଲାର ଅନେକ ରୋଗୀଙ୍କୁ ବିଶେଷଜ୍ଞ ପରାମର୍ଶ ଓ ଉନ୍ନତ ପରୀକ୍ଷା ପାଇଁ ଭୁବନେଶ୍ୱର, କଟକ କିମ୍ବା ରାଜ୍ୟ ବାହାରର ବଡ଼ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଥିଲା ।ଏହି ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ ସମସ୍ୟାକୁ ଉପଲବ୍ଧି କରି ବିଧାୟକ ଶ୍ରୀ ଦତ ଓଡ଼ିଶା ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବାଲେଶ୍ୱରରେ ହୃଦରୋଗୀଙ୍କ ପାଇଁ ଆବଶ୍ୟକ ବିଶେଷଜ୍ଞ ସେବା ଓ ଆଧୁନିକ ନିଦାନ ବ୍ୟବସ୍ଥା ଉପଲବ୍ଧ କରାଇବା ଦିଗରେ ସେ ନିରନ୍ତର ଭାବେ ପଦକ୍ଷେପ ନେଇଆସୁଥିଲେ । ଏବେ ହୃଦରୋଗ ବିଶେଷଜ୍ଞ ବହିର୍ବିଭାଗ ଆରମ୍ଭ ହେବା ସହ ସେହି ଦାବି ବାସ୍ତବ ରୂପ ନେଇଛି । ନୂତନ ହୃଦରୋଗ ବହିର୍ବିଭାଗରେ ହୃଦରୋଗ ବିଶେଷଜ୍ଞଙ୍କ ସେବା ସହ ଆଧୁନିକ ଇଉଈଡ଼ ମେସିନର ସୁବିଧା ମଧ୍ୟ ଉପଲବ୍ଧ ହୋଇଛି । ଏହାଦ୍ୱାରା ହୃଦରୋଗ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ପରୀକ୍ଷା, ନିଦାନ, ବିଶେଷଜ୍ଞ ପରାମର୍ଶ ଓ ଆବଶ୍ୟକ ଚିକିତ୍ସା ସେବା ଜିଲ୍ଲାସ୍ତରରେ ଆହୁରି ସୁବିଧାଜନକ ହେବ । ବିଶେଷକରି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଓ ଦୂରଦୂରାନ୍ତର ରୋଗୀମାନେ ଏଥିରୁ ବିଶେଷ ଭାବେ ଉପକୃତ ହେବେ । କେବଳ ବାଲେଶ୍ୱର ଜିଲ୍ଲା ନୁହେଁ, ଉତର ଓଡ଼ିଶାର ହୃଦରୋଗୀଙ୍କ ପାଇଁ ମଧ୍ୟ ଏହି ସେବା ବେଶ ଉପଯୋଗୀ ହେବ । ସ୍ଥାନୀୟ ସ୍ତରରେ ବିଶେଷଜ୍ଞ ସେବା ଉପଲବ୍ଧ ହେବା ଫଳରେ ରୋଗୀଙ୍କ ସମୟ ଓ ଖର୍ଚ୍ଚ ହ୍ରାସ ପାଇବା ସହ ଠିକ୍ ସମୟରେ ରୋଗ ଚିହ୍ନଟ ଓ ଚିକିତ୍ସାର ସୁଯୋଗ ବୃଦ୍ଧି ପାଇବ । ଏହି ଅବସରରେ ବିଧାୟକ ଶ୍ରୀ ଦତ କହିଛନ୍ତି ଯେ, ବାଲେଶ୍ୱରବାସୀଙ୍କୁ ନିଜ ଜିଲ୍ଲାରେ ଆଧୁନିକ, ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ହୃଦରୋଗ ବିଶେଷଜ୍ଞ ବହିର୍ବିଭାଗର ଆରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ପଦକ୍ଷେପ । ଆଗାମୀ ଦିନରେ ବାଲେଶ୍ୱରର ସ୍ୱାସ୍ଥ୍ୟସେବା ଭିତିଭୂମିକୁ ଆହୁରି ସୁଦୃଢ଼ ଓ ଉନ୍ନତ କରିବା ପାଇଁ ପ୍ରୟାସ ଜାରି ରହିବ ବୋଲି ସେ କହିଛନ୍ତି । ବାଲେଶ୍ୱରବାସୀଙ୍କ ଦୀର୍ଘଦିନର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରିଥିବାରୁ ବିଧାୟକ ଶ୍ରୀ ଦତ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି । ସେହିପରି ଜିଲ୍ଲାରେ ପ୍ରଥମ ଥର ଏଭଳି ବିଶେଷଜ୍ଞ ହୃଦରୋଗ ସେବା ଆରମ୍ଭ ହୋଇଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇବା ସହ ବିଧାୟକଙ୍କ ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା ଦିଲ୍ଲୀପ ଜେନା ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ବିଭାଗ ସମ୍ପର୍କିତ ସ୍ଥାୟୀ କମିଟି ଓ ସମୀକ୍ଷା ବୈଠକ ଅନୁଷ୍ଠିତ



ବାଲେଶ୍ୱର(ନି.ପ୍ର.)ଆଜି ଅପରାହ୍ନ ୩ ଘଟିକା ସମୟରେ ବାଲେଶ୍ୱର ସ୍ଥିତ ସର୍କିଟ ହାଉସ ଠାରେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ବିଭାଗୀୟ ସମ୍ପର୍କିତ ସ୍ଥାୟୀ କମିଟି-୦୦, ୨୦୨୬-୨୭ର ୪ର୍ଥ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।

ଉକ୍ତ ବୈଠକ କମିଟିର ଅଧ୍ୟକ୍ଷ ତଥା ମାନ୍ୟବର ନୀଳଗିରି ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ କୁମାର ଖଟୁଆଙ୍କ ଅଧ୍ୟକ୍ଷତାରେ ସମ୍ପାଦନ ହୋଇଥିଲା । କମିଟିର ସଦସ୍ୟ ମାନ୍ୟବର ସାରସକଣା ବିଧାୟକ ଶ୍ରୀଯୁକ୍ତ ଭାଦବ ହାଁସଦାଃ, ମାନ୍ୟବର ବାସୁଦେବପୁର ବିଧାୟକ ଶ୍ରୀଯୁକ୍ତ ଅଶୋକ ଦାସ ଓ ମାନ୍ୟବର ମହାକାଳପଡ଼ା ବିଧାୟକ ଶ୍ରୀଯୁକ୍ତ ଦୁର୍ଗା ପ୍ରସନ୍ନ ନାଏକ ବୈଠକରେ ଯୋଗ ଦେଇଥିଲେ । ତାଙ୍କ ସହିତ ମାନ୍ୟବର ବାଲେଶ୍ୱର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ, ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁ[ଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହଙ୍କ ସମେତ ପ୍ରଶାସନର ଅନେକ ବରିଷ୍ଠ ଅଧିକାରୀ ଉକ୍ତ ବୈଠକରେ ଉପସ୍ଥିତ ଥିଲେ ।

ଏହି ବୈଠକରେ ଭୂତଳ ଜଳ ଓ ଭୂପୃଷ୍ଠ ଜଳର ବ୍ୟବହାର, ଭୂତଳ ଜଳସ୍ତରର ଅଧ୍ୟୟନ ଏବଂ ଶିଳ୍ପାଂଚଳଗୁଡ଼ିକରେ ଗ୍ରହଣ କରାଯାଇଥିବା ସତର୍କତାମୂଳକ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଜିଲ୍ଲାର ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ବିବରଣୀ ପ୍ରଦାନ କରିଥିଲେ । ବାଲେଶ୍ୱର ଜିଲ୍ଲାର ବେସରକାରୀ ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକର ଅନେକ ଅଧିକାରୀଗଣ ଉପସ୍ଥିତ ରହି ନିଜର ମତ ରଖିଥିଲେ ।

ସମୀକ୍ଷା ବୈଠକ ପରେ କମିଟିର ଅଧ୍ୟକ୍ଷଙ୍କ ସହିତ ସମସ୍ତ ସଦସ୍ୟ, ସ୍ଥାନୀୟ ବିଧାୟକ/ ବିଧାୟିକା, ଜିଲ୍ଲାପାଳ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଇମାମି ପେପର ମିଲ ଓ ଏଲୟକ୍ ଶିଳ୍ପାଂଚଳ ପରିଦର୍ଶନ କରିଥିଲେ ।

# ବ୍ୟାଙ୍କ କର୍ମଚାରୀଙ୍କ ମହା ଧର୍ମଘଟ: ଗ୍ରାହକ ହନ୍ତସନ୍ତ



ବାଲେଶ୍ୱର,(ନି.ପ୍ର.): ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନର ଆହ୍ୱାନରେ ୧୧ ସେପ୍ଟେମ୍ବର ୨୦୨୬ ତାରିଖ ଦିନ ସର୍ବଭାରତୀୟସ୍ତରରେ ବ୍ୟାଙ୍କ ଧର୍ମଘଟ ସଫଳତାର ସହ ସମାପ୍ତ ହୋଇଛି । ଏହି ଧର୍ମଘଟରେ ସର୍ବଭାରତୀୟସ୍ତରରେ ୮ଲକ୍ଷ ବ୍ୟାଙ୍କ କର୍ମଚାରୀ ସାମିଲ ହୋଇଥିଲେ । ବାଲେଶ୍ୱର ଏସବିଆଇ ମେନବ୍ୟାଙ୍କ ସମ୍ମୁଖରେ ଏକ ବିଶାଳ ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା । ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀମାନେ ଏକତ୍ର ହୋଇ ୫ ଦିନିଆ ବ୍ୟାଙ୍କିଂ, ପିଏଲଆଇରେ ଭେଦଭାବ ଦୂରୀକରଣ, ପେନସନ ଅଫଡେସନ, ସମାନ ମହଙ୍ଗାଭତା ଏବଂ ଅନ୍ୟାନ୍ୟ ବକେୟା ଦାବି ପୂରଣ ପାଇଁ ଦୃଢ଼ ଦାବି ଉପସ୍ଥାପନ କରାଯାଇଛି । ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ ଘୋଷିତ ପରବର୍ତ୍ତୀ କାର୍ଯ୍ୟସୂଚୀ ଅନୁଯାୟୀ ୨୮,୨୯ ଓ ୩୦ ସେପ୍ଟେମ୍ବର ୨୦୨୬ରେ ତିନିଦିନିଆ ଅଖିଳ ଭାରତୀୟ ବ୍ୟାଙ୍କ ଧର୍ମଘଟ ଏବଂ ଦାବି ଗୁଡ଼ିକର ସମାଧାନ ନହେଲେ ଆସନ୍ତା ୨୬ ଅକ୍ଟୋବରରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ୟାଙ୍କ ଗୁଡ଼ିକ ଧର୍ମଘଟ ଆରମ୍ଭ କରାଯିବ । ଏଥିରେ ସମସ୍ତଙ୍କର ସହଯୋଗ କାମନା କରାଯାଇଛି ।

# ଜିଲ୍ଲା କନିଷ୍ଠ ଦୌଡକୁଦ ଖେଳାଳୀ ଚୟନ ପ୍ରତିଯୋଗିତା

ବାଲେଶ୍ୱର(ନି.ପ୍ର.) ଜିଲ୍ଲା କ୍ରୀଡ଼ାସଂଘ ଆନୁକୁଲ୍ୟରେ ଆସ'। ମାସ ୦୯.୧୦.୨୦୨୬ ରିଖ ରେ କନିଷ୍ଠ ଦୌଡକୁଦ ଖେଳାଳି ଚୟନ ପ୍ରତୀଯୋଗିତା ସ୍ଥାନୀୟ ପରମିଟ ପଡିଆ ଠାରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡାସଂଘ ର କାର୍ଯ୍ୟକାରୀ ସଭାପତି ଶ୍ରୀ ଅଭୟ ମହାପାତ୍ର ଜଣାଇର୍ଛି । ଏହି ଚୟନ ପ୍ରତୀଯୋଗିତା ୧୪ ଏବଂ ୧୬ ବର୍ଷ ରୁ କମ୍ ବାଳକ ଓ ବାଳିକା ମାନଙ୍କ ମଧ୍ୟରେ ହେବ । ଆଗ୍ରହୀ ସ୍କୁଲ ଏବଂ ଅନୁଷ୍ଠାନର କ୍ରୀଡାବିତ ମାନେ ଜିଲ୍ଲା କ୍ରୀଡାସଂଘ ଅଫିସରୁ ଫର୍ମ ନେଇ ୩୦.୦୯.୨୦୨୬ ରିଖ ସୁଦ୍ଧା ସେମାନଙ୍କର ନାମ ଅନୁଷ୍ଠାନ ଜରିଆରେ ପିକରଣ କରାଇବେ । ଉକ୍ତ ତାରିଖ ପରେ ଫର୍ମ ଗ୍ରହଣ କରାଯିବ ନାହିଁ । କ୍ରୀଡାବିତ ମାନେ ନାମ ପିକରଣ ସମୟରେ ଡିଜିଟାଲ ଜନ୍ମ ପ୍ରମାଣ ପତ୍ର ଏବଂ ଆଧାର କାଡ଼ ଦାଖଲ କରିବେ । ପ୍ରତିଯୋଗିତା ବିଷୟରେ ଅଧିକ ବିବରଣୀ ପାଇଁ ଯୁଗ୍ମ ସମ୍ପାଦକ ଶ୍ରୀ ସଂଜୟ ଲେଙ୍କା (୬୩୭୧୬୫୨୯୩୩), ବିରେନ୍ଦ୍ର କୁମାର ସ୍ୱାଇଁ (୮୧୪୪୬୮୯୪୮୫)ଙ୍କ ସହିତ ଯୋଗାଯଗ କରିବା ପାଇଁ ଜିଲ୍ଲା କ୍ରୀଡାସଂଘ ର କାର୍ଯ୍ୟକାରୀ ସଭାପତି ଶ୍ରୀ ଅଭୟ ମହାପାତ୍ର ଜଣାଇର୍ଛି । ଏହି ଚୟନ ପ୍ରତୀଯୋଗିତା ରେ ଯୋଗ୍ୟ ବିବେଚିତ ଖେଳାଳି ମାନେ ନଭେମ୍ବର ମାସରେ ତେଲେଙ୍ଗାନା ରାଜ୍ୟର ହାଇଦ୍ରାବାଦ ଠାରେ ହେବାକୁ ଥିବା ଜାତୀୟ ଆ'ଜିଲ୍ଲା ଦୌଡକୁଦ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲା ତରଫଂରୁ ପ୍ରତିନିଧିତ୍ୱ କରିବେ ।

# ଇଞ୍ଜିନିୟର୍ସ ଡେ'ପାଳନ ପୂର୍ବରୁ ବିଭିନ୍ନ ସ୍ଥାନ ରେ ଚାରା ରୋପଣ

ବାଲେଶ୍ୱର (ନି.ପ୍ର.)ଆଗାମୀ ପନ୍ଦର ତାରିଖରେ ବରିଷ୍ଠ ଇଂଜିୟର ରାମ ଗୁଣ୍ଡମ ବିଶେଶ୍ୱରାୟା ଙ୍କ ଜନ୍ମ ଦିବସ କୁ ବାଲେଶ୍ୱର ଇଂଜିନୟର୍ସ ଫୋରମ ପକ୍ଷରୁ ଇଞ୍ଜିନିୟର୍ସ ଡେ ଭାବେ ପାଳନ କରାଯିବା ପାଇଁ ସ୍ଥିର କରାଯାଇଛି । ଏହି ପରିପ୍ରେକ୍ଷୀ ରେ ଶୁକ୍ରବାର ପୂର୍ବାହ୍ନ ରେ ବାଲେଶ୍ୱର ଇଞ୍ଜିନିୟର୍ସ ଫୋରମ ପକ୍ଷରୁ ସିଦ୍ଧି ବିନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଆଇ ଟି ଆଇ ର କରଞ୍ଜିଆ ମୌଜା ରେ ଥିବା ଶ୍ମଶାନ 'ମୁକ୍ତିଦ୍ୱାର(୨) ' ପରିସର ରେ ଉନ୍ନତ ମାନ ର ଆମ୍ବ, ଜାମୁକୋଳି ନଡ଼ିଆ ଚାରା ଆଦି ଫଳନ୍ତି ବୃକ୍ଷ ର ଚାରା ରୋପଣ କରାଯାଇଥିଲା । ଫୋରମ ର ସଭାପତି ଇଂ ସୁଗତ ବୋଷ ଙ୍କ ନେତୃତ୍ୱ ରେପୂର୍ବତନ ସଭାପତି ଇଂ. ସୁରେନ୍ଦ୍ର ନାଥ ଦାସ, ଶିବ ପ୍ରସାଦ ବେହେରା, ଶଶାଙ୍କ ଶେଖର ଦେ ', ନରନାରାୟଣ ପାଣିଗ୍ରାହୀ, ସୁକୁମାର ନାୟକ, ଶ୍ରୀନିବାସ ଦେ ' , ସୁଦର୍ଶନ ଘଡେଇ, ମାନସ ରଞ୍ଜନ ସାହୁ, ମାନସ ଦାସ ପ୍ରିନସିପାଲ ସୁମନ୍ତ ସାହୁ, ଡ଼. ଅଶୋକ କୁମାର ଦାସ ଜୟନ୍ତ ମହାନ୍ତି ଏବଂ ଫୋରମ ର ବହୁ କର୍ମକର୍ତା ଓ ବିଦ୍ୟାଳୟ ର ଅଧକ୍ଷ ସୁଧାଂଶୁ ଶେଖର ପଣ୍ଡା , ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ ଓ ଛାତ୍ର ଛାତ୍ରୀ ଚାରା ରୋପଣ କରିଥିଲେ ବୋଲି ଫୋରମ ର କର୍ମକର୍ତା ସୁଗତ ବୋଷ ସୂଚନା ଦେଇଛନ୍ତି ।




# ୫୯ ଗ୍ରାମ ବ୍ରାଉନ୍ ସୁଗାର ଜବତ: ୧ ଗିରଫ



ବାଲେଶ୍ୱର,(ନି.ପ୍ର.): ୧୧ ତାରିଖ ଅପରାହ୍ନରେ ପୋଲିସ ପ୍ରଶାସନ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳପନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପରେଶ ରାଉତ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି କି, ୧୦ ତାରିଖ ମଧ୍ୟାହ୍ନରେ ଜଣେ ବ୍ୟକ୍ତି ଜଳେଶ୍ୱରରୁ ବାଷଲଶ୍ୱର ଅଭିମୁଖେ ବ୍ରାଉନସୁଗାର ନେଇ ଆସୁଥିବା ଖବର ପାଇଥିଲା ଟାଉନପୋଲିସ । ଟାଉନଥାନା ଅଧିକାରୀ ବିଜୟ କୁମାର ଦାସ ତତକ୍ଷଣାତ୍ ପୋଲିସ ଜାଲ ବିଛାଇ ବାଲିଘାଟ ପୋଲ ନିକଟରେ ଏକ ଧଳା ସ୍କୁଟି ସହ ଜଣେ ଯୁବକଙ୍କୁ ଅଟକ ରଖି ଛାନଭିନ କରିବା ପରେ ତା' ନିକଟରୁ ୫୯ଗ୍ରାମର ଧଳା ଜହର(ବ୍ରାଉନସୁଗାର) ଜବତ କରାଯାଇଥିଲା । ଏବଂ ଗିରଫ ହୋଇଥିବା ବ୍ୟକ୍ତି ଜଣକ ହେଲେ ଟାଉନଥାନା ଅନ୍ତର୍ଗତ ସ୍କୁଲ ବଜାର ଅଂଚଳର ଏସକେ କୁତୁବୁଦ୍ଦିନଙ୍କ ପୁତ୍ର ଏସକେ କୁରବାନ ଓରଫ ସିପୁନ(୨୪) ଗିରଫ କରାଯିବା ସହ ବ୍ରାଉନସୁଗାର ଜବତ ଓଡ଼ି୦୧ବିଏ୩୧୨୭ ନମ୍ବର ବିଶିଷ୍ଟ ସ୍କୁଟିକୁ ଜବତ କରାଯାଇଛି । ତାଛଡ଼ା ଅତିରିକ୍ତ ତହସିଲଦାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବ୍ରାଉନସୁଗାର ଯାଂଚ କରାଯାଇ ଅଭିଯୁକ୍ତ କୁରବାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ରାଜ୍ୟସ୍ତରୀୟ ହିନ୍ଦୀ ବିତର୍କରେ ଅର୍ଥଦର୍ଶୀଙ୍କୁ ଚେୟାରମ୍ୟାନ୍ ଟ୍ରଫି

ବାଲେଶ୍ୱର, (ନି.ପ୍ର.): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱରର ଯୁକ୍ତ ତିନି ପ୍ରଥମ ବର୍ଷ ଇଂରାଜୀ ବିଭାଗ ଛାତ୍ର ଅର୍ଥଦର୍ଶୀ ନାୟକ ରାଜ୍ୟସ୍ତରୀୟ ଚେୟାରମ୍ୟାନ୍ସ କପ୍ ହିନ୍ଦୀ ବିତର୍କ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ।ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର ପକ୍ଷରୁ ଜାନୁଆରୀ ୨୦୨୬ରେ ଆୟୋଜିତ ରାଜ୍ୟସ୍ତରୀୟ ଚେୟାରମ୍ୟାନ୍ସ କପ୍ ହିନ୍ଦୀ ବିତର୍କ ପ୍ରତିଯୋଗିତାରେ ଅର୍ଥଦର୍ଶୀ ନିଜର ଯୁକ୍ତିପୂର୍ଣ୍ଣ ଉପସ୍ଥାପନା ଓ ବକ୍ତୃତା ଦକ୍ଷତା ପ୍ରଦର୍ଶନ କରି ପ୍ରଥମ ସ୍ଥାନ ହାସଲ କରିଥିଲେ ।ତାଙ୍କର ଏହି ଅସାଧାରଣ କୃତିତ୍ୱ ପାଇଁ ଚେୟାରମ୍ୟାନ୍ ଟ୍ରଫି, ପ୍ରମାଣପତ୍ର ସହିତ ୫,୦୦୦ ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯାଇଛି । ଗତ ୭ ସେପ୍ଟେମ୍ବର ୨୦୨୬ରେ ଭୁବନେଶ୍ୱରଠାରେ ଆୟୋଜିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ୪୪ତମ ପ୍ରତିଷ୍ଠା ଦିବସ ସମାରୋହରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ଅର୍ଥଦର୍ଶୀଙ୍କ ଏହି ସଫଳତାରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଫିରୋଜ କୁମାର ପାଢ଼ୀ, ପ୍ରଶାସନିକ ଅଧିକାରୀ ଶ୍ରୀ ରଞ୍ଜନ କୁମାର ରାଏ,ଏକାଡେମିକ ବର୍ଷାର ଡ଼ ଜୟଶ୍ରୀ ମିଶ୍ର,ଫିଟ କଲେଜ ପ୍ରୋଗ୍ରାମ ଅଧିକାରୀ,ଡ଼ ସନ୍ତୋଷ କୁମାର ରାଉତ, ସେକ୍ସନ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ଶତପଥୀଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ,ଅଧ୍ୟାପିକା,କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଆନନ୍ଦ ପ୍ରକାଶ କରିବା ସହ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ତାଙ୍କର ଏହି ସଫଳତା ଅନ୍ୟ ଛାତ୍ରଛାତ୍ରୀଙ୍କୁ ବିତର୍କ ଓ ବୌଦ୍ଧିକ ପ୍ରତିଯୋଗିତା କ୍ଷେତ୍ରରେ ଆଗେଇବାକୁ ପ୍ରେରଣା ଯୋଗାଇବ ବୋଲି ମତ ପ୍ରକାଶ ପାଇଛି ।



# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଗଣେଶପୂଜା ପାଇଁ ୧୫୪ଜଣଙ୍କର ଏନଓସି ପ୍ରଦାନ

ବାଲେଶ୍ୱର (ନି.ପ୍ର.) ବାଲେଶ୍ୱରର ଉପଜିଲ୍ଲାପାଳ ଶିବା ମାଲବ୍ୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆଇନ ଶୃଙ୍ଖଳାର ରକ୍ଷଣାବେକ୍ଷଣ, ଗଣେଶ ପୂଜାକୁ ଶାନ୍ତି ଶୃଙ୍ଖଳା ସହ ମେଢ଼ ଭସାଣି କାର୍ଯ୍ୟକ୍ରମ, ଏନଓସି ପ୍ରଦାନ ଇତ୍ୟାଦି ଶେଷ ହୋଇଛି । ପ୍ରକାଶଯେ, ୧୫୪ଜଣ ଏନଓସି ନେବାପରେ ଆହୁରି ୩ଟି ବଡ଼ମେଢ଼ ଯୋଉମାନଙ୍କର ଭସାଣି ଦିନ ଧାର୍ଯ୍ୟ ହୋଇପାରୁନାହିଁ ସେ୩ଜଣଙ୍କର ଧାର୍ଯ୍ୟ ସମୟ ବର୍ତମାନ ଭୁବନେଶ୍ୱର, କଟକ, ବାଲେଶ୍ୱର ପ୍ରଶାସନ ମାଧ୍ୟମରେ ଟଣା ଓଟରା ଚାଲିଛି । ଖବରରୁ ପ୍ରକାଶଯେ, ଜିଲ୍ଲା ପ୍ରଶାସନ ଗତ ୧.୯.୨୬ ତାରିଖରେ ଶାନ୍ତି କମିଟି ବୈଠକରେ ପ୍ରଥମେ ୧୬ ପରେ ୧୮ ଓ ପରେ ୨୧ ତାରିଖ ଦିନରେ ଭସାଣି ଉତ୍ସବ ସମ୍ପନ୍ନ ହେବ ବୋଲି ନିଷ୍ପତି ନିଆଯାଇଥିଲେ ହେଁ ପରବର୍ତୀ ସମୟରେ ପୁଣି ଏକ ବୈଠକ ଡକାଯାଇ ୧୬,୧୮ ଓ ୨୧ ପରିବର୍ତେ ୨୦ ତାରିଖ ଦିନ ମେଢ଼ ଭସାଣି ହେବ ବୋଲି ପ୍ରଶାସନ ନିଷ୍ପତି ନେଇ ଗଣମାଧ୍ୟମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ମାଧ୍ୟମରେ ଅବଗତ କରାଇଛି । ଯାହାଫଳରେ ଏନଓସି ପାଇଁ ୮,୯ ଓ ୧୦ ତିନିଦିନ ଧାର୍ଯ୍ୟ ପୂର୍ବରୁ କରାଯାଇଥିଲେ ହେଁ ପରବର୍ତୀ ସମୟରେ ପୁଣି ୧୧ ତାରିଖକୁ ଦିନ ଧାର୍ଯ୍ୟ କରାଯାଇଥିଲା । ଫଳରେ ଟାଉନଥାନା ଅଧିନରେ ୯୮ଜଣ., ସଦର ଥାନା ଅଧିନରେ ୪ଜଣ, ଶିଳ୍ପାଂଚଳ ଥାନା ଅଧିନରେ ୮ଜଣ, ଚାନ୍ଦିପୁର ଥାନା ଅଧିନରେ ୧ଟି, ଏବଂ ସହଦେବଖୁଂଟା ଥାନା ଅଧିନରେ୪୩ଜଣ ଏବଯାତ୍ ମୋଟ ୧୫୪ ଜଣ ଏନଓସି ନେଇଥିଲା ବେଳେ ଅବଶିଷ୍ଟ ୩ଟି ମେଢ଼ର ଭସାଣି ପାଇଁ ଟଣା ଓଟରା ଆରମ୍ଭ ହୋଇଛି । ଏଣେ କନଭେଂଟ ସାଇଲେନ୍ସ ଜୋନ ପରିସରରେ ଏବର୍ଷ ମୋଟ ୩୯ଟି ମେଢ଼ କର୍ମକର୍ତା ଏନଓସି ନେଇଥିବା ଜଣାପଡ଼ିଛି ।



# କେକେଏସ୍ ମହିଳା କଲେଜରେ ଅନୁଷ୍ଠିତ ହେଲା 'ତୁଳନାର ଆଲୋକରେ ଫକୀରମୋହନ, ଗଙ୍ଗାଧର ଓ ରବୀନ୍ଦ୍ର ନାଥ' ଶୀର୍ଷକ ପାଠଚକ୍ର



ବାଲେଶ୍ୱର,(ନି.ପ୍ର.): କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟରେ ସ୍ନାତକ ଓ ସ୍ନାତକୋତର ଓଡ଼ିଆ ଭାଷା ଏବଂ ସାହିତ୍ୟ ବିଭାଗ ପକ୍ଷରୁ ନିମନ୍ତ୍ରିତ ଅତିଥି ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ 'ତୁଳନାର ଆଲୋକରେ ଫକୀରମୋହନ, ଗଙ୍ଗାଧର ଓ ରବୀନ୍ଦ୍ର ନାଥ' ଶୀର୍ଷକ ଉପରେ ନିୟନ୍ତ୍ରିତ ଅତିଥି ସ୍ୱାଭାବ କବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ମଣୀନ୍ଦ୍ର କୁମାର ମେହେର ଆଲୋକପାତ କରିଥିଲେ ।ଅଧ୍ୟକ୍ଷା ଡକ୍ଟର ଝାନ୍ ?ସୀ ଜେନା ସଭାପତିତ୍ୱ ଅଭିଭାଷଣ ରଖି ଫକୀରମୋହନ, ଗଙ୍ଗାଧର ଓ ରବୀନ୍ଦ୍ର ନାଥ କେବଳ ନିଜ ନିଜ ସମାଜ ଓ ସାହିତ୍ୟ ଭିତରେ ସୀମିତ ନଥିଲେ; ବରଂ ଭାରତୀୟ ତଥା ବିଶ୍ୱ ଜୀବନ ଦର୍ଶନକୁ ଏକ ନୂତନ ପଥ ପ୍ରଦର୍ଶନ କରାଇଥିଲେ ବୋଲି କହିଥିଲେ । ସାହିତ୍ୟ ଯେ ବିପଥଗାମୀ ସମାଜକୁ ଶୃଙ୍ଖଳିତ କରିବାରେ ସହାୟକ ହୋଇଥାଏ ବୋଲି ଡ. ଜେନା ବକ୍ତବ୍ୟ ରଖିଥିଲେ । ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ରାଜକିଶୋର ପଣ୍ଡିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ. ଜୟନ୍ତ କୁମାର ପରିଡ଼ା ମଂଚ ଆହ୍ୱାନ କରିଥିଲେ ।ନିମନ୍ତ୍ରିତ ଅତିଥି ପ୍ରଫେସର ମେହେର ତାଙ୍କ ବକ୍ତବ୍ୟରେ 'ତୁଳନାର ଆଲୋକରେ ଫକୀରମୋହନ, ଗଙ୍ଗାଧର ଓ ରବୀନ୍ଦ୍ର ନାଥ'ଙ୍କ ଉପରେ ଗଭୀର ଆଲୋକପାତ କରିଥିଲେ । ଏହି କାଳଜୟୀ ଲେଖକମାନେ ପରସ୍ପର ଭେଟ ହେଇନଥିଲେ ମଧ୍ୟ ସେମାନଙ୍କର ଆତ୍ମିକ ଚେତନାରେ ସମାନତା ଓ ସଚେତନତା ପରିଲକ୍ଷିତ ହୁଏ ବୋଲି କହିଥିଲେ । ଈଶ୍ୱରୀୟ ମହାନୁଭବ ଚେତନା, ଭାଷାପ୍ରୀତି, ଜାତୀୟତା ପ୍ରୀତି, ଭୌତିକ ଓ ଆଦିଭୌତିକ ଚେତନାର ଊର୍ଦ୍ଧ୍ୱକୁ ଯାଇ ସେମାନେ କାଳଜୟୀ ସୃଷ୍ଟି ରଚନା କରିଯାଇଛନ୍ତି । ସେହିପରି କୁନ୍ତଳା କୁମାରୀ ସାବତଙ୍କ କାଳଜୟୀ ସାହିତ୍ୟର ମୂଲ୍ୟାୟନ କରିଥିଲେ । କ୍ଷଣିକ ଜୀବନ ଭିତରେ ଆତ୍ମାଯେ କାଳଜୟୀ, ଯିଏ ଶେଫାଳି ପରି ଅକାଳେ ଝରିପଡ଼ିଥିଲେ ମଧ୍ୟ ତାର ପ୍ରତ୍ୟେକଟି ରେଣୁ ଆଜି ଓଡ଼ିଆ ବିଭାଗର ଛାତ୍ରୀଙ୍କ ଭିତରେ ନକ୍ଷତ୍ର ପରି ଜାଜ୍ଜୁଲ୍ୟମାନ ହେଉଛି ବୋଲି କହିଥିଲେ । ଅଧ୍ୟାପିକା ଡକ୍ଟର ଅର୍ଚ୍ଚନା ପଟ୍ଟାୟତ ଧନ୍ୟବାଦ ଦେଇଥିଲେ । ଅଧ୍ୟାପିକା ଶୁଭସ୍ମିତା ମହାପାତ୍ର, ପ୍ରିୟଙ୍କା ସ୍ୱାଇଁ, ଅଧ୍ୟାପକ ଅଭିମନ୍ୟୁ ବିଶ୍ୱାଳ, ଜିତେନ୍ଦ୍ରିୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପାଠଚକ୍ର ସମ୍ପାଦିକା ରାଜଶ୍ରୀ ରଣା, ସହ ସମ୍ପାଦିକା ଲକ୍ଷ୍ମୀପ୍ରିୟା ବର୍ଦ୍ଧନ, ଛାତ୍ରୀ ପ୍ରଜ୍ଞାପିପାସା ଦାସ, ନିକିତା ରାଉତ, ପଦ୍ମାବତୀ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ ।

# ପ୍ରବାସୀ ଓଡ଼ିଆ ଡାଟା ବ୍ୟାଙ୍କ ଉନ୍ମୋଚନ ପାଇଁ ବ୍ୟାପକ ପ୍ରସ୍ତୁତି

ନୂଆଦିଲ୍ଲୀ : ସର୍ବପ୍ରଥମ ପ୍ରବାସୀ ଓଡ଼ିଆ ଡାଟା ବ୍ୟାଙ୍କ ଉନ୍ମୋଚନ କରାଯିବା ପାଇଁ ଏବେ ନୂଆଦିଲ୍ଲୀରେ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଜଣାଯାଇଛି । ପ୍ରସ୍ତାବିତ ଏହି ଡାଟା ବ୍ୟାଙ୍କରେ ଓଡ଼ିଶା ବାହାରେ ବସବାସ କରୁଥିବା ପ୍ରାୟ ଦେଢ଼ କୋଟି ଓଡ଼ିଆଙ୍କ ସମ୍ପର୍କରେ ବିସ୍ତୃତ ସୂଚନା ସ୍ଥାନ ପାଇବାକୁ ଯାଉଛି । ଭାରତର ସମସ୍ତ ରାଜ୍ୟ ଓ ସହର ତଥା ବିଦେଶର ବିଭିନ୍ନ ଦେଶରେ ଅବସ୍ଥାନ କରୁଥିବା ଅଣ-ନିବାସୀ ଓଡ଼ିଆମାନଙ୍କ ପାଇଁ ଏବେ ଏହି ଡାଟା ବ୍ୟାଙ୍କରେ ପଞ୍ଜୀକରଣ ପ୍ରକ୍ରିୟା ଚାଲୁ ରହିଛି । ପଞ୍ଜୀକୃତ ହେବା ପରେ ସେମାନଙ୍କୁ ପ୍ରବାସୀ ଓଡ଼ିଆ ଭାବେ ପରିଚୟ ପତ୍ର ପ୍ରଦାନ କରାଯାଉଛି । ଦେଶର ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନ ସାମୁଦାୟିକ ବିକାଶ ସମିତି (ଏସ ଭି ଏସ), ଏହାର ସଭାପତି ତଥା ବିଶିଷ୍ଟ ସମାଜସେବୀ ଓ ବରିଷ୍ଠ ଚାର୍ଟାର୍ଡ ଆକାଉଂଟାଂଟ ଡଃ ମନୋରଞ୍ଜନ ମହାନ୍ତିଙ୍କର ନେତୃତ୍ୱରେ ବିଶ୍ୱବ୍ୟାପୀ ଓଡ଼ିଆଙ୍କର ଗଣନା ଓ ସେମାନଙ୍କର ଡିଜିଟାଲ ତଥ୍ୟ



ସଂଗ୍ରହ କାର୍ଯ୍ୟରେ ଏବେ ନିୟୋଜିତ ରହିଛି । ଗଣ ମାଧ୍ୟମକୁ ସୂଚନା ପ୍ରଦାନ କରି ପ୍ରବାସୀ ଓଡ଼ିଆ ଡାଟା ବ୍ୟାଙ୍କର ମୁଖ୍ୟ ସ୍ଥପତି ଡଃ ମନୋରଞ୍ଜନ ମହାନ୍ତି ଜଣାଇଛନ୍ତି ଯେ ସଂଗୃହୀତ ତଥ୍ୟ ପ୍ରବାସୀ ଓଡ଼ିଆ ୱେବସାଇଟ ଓ ମୋବାଇଲ ଆପ ରେ ସ୍ଥାନ ପାଇବ । ଏହି ସାଧୁ ଉଦ୍ୟମର ଅସଲ ଲକ୍ଷ୍ୟ ଜରୁରୀକାଳୀନ ପରିସ୍ଥିତିରେ ପ୍ରବାସୀ ଓଡ଼ିଆମାନଙ୍କୁ ତତ୍କ୍ଷଣାତ୍ ସହାୟତା ପ୍ରଦାନ କରିବା, ନିକଟରେ ରହୁଥିବା ଅନ୍ୟ ପ୍ରବାସୀ ଓଡ଼ିଆ ପରିବାର ମାନଙ୍କ ସହିତ ସେମାନଙ୍କର ଯୋଗାଯୋଗ ସ୍ଥାପନ କରାଇବା ଏବଂ ଓଡ଼ିଆ ସମ୍ପ୍ରଦାୟ ଓ ପ୍ରବାସୀ ଓଡ଼ିଆ




ସଂଗଠନମାନଙ୍କର ଏକ ବିଶ୍ୱସ୍ତରୀୟ ମଜବୁତ ନେଟୱାର୍କ ସୃଷ୍ଟି କରିବା ବୋଲି ଡଃ ମହାନ୍ତି ଉଲ୍ଲେଖ କରିଛନ୍ତି । ଡାଟା ବ୍ୟାଙ୍କ, ୱେବସାଇଟ ଓ ମୋବାଇଲ ଆପ୍‌ର ଉଦ୍‌ଘାଟନ ରାଷ୍ଟ୍ରୀୟ ରାଜଧାନୀ ନୂଆଦିଲ୍ଲୀ ଠାରେ ହେବ ବୋଲି ସଂଗଠକ ମାନେ ଜଣାଇଛନ୍ତି । ଭାରତ ଓ ବିଦେଶର ବିଭିନ୍ନ ଅଂଚଳରୁ ଆସିବାକୁ ଥିବା ପ୍ରାୟ ୩୦୦ଟି ବୃହତ ଓଡ଼ିଆ ସଂଗଠନର ତୁଙ୍ଗ ପ୍ରତିନିଧି ମାନେ ଏହି ଅବସରରେ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି । ଏପର୍ଯ୍ୟନ୍ତ ବିଶ୍ୱର ୮୦ଟି ଦେଶରେ ଅବସ୍ଥାପିତ ଓଡ଼ିଆମାନେ ସେନସସ ପୋର୍ଟାଲ ରେ ନିଜ ନିଜର ନାମ ପଞ୍ଜୀକରଣ କରିସାରି ଥିବା ଜଣାଯାଇଛି । ଭାରତ ଓ ବିଶ୍ୱର କୋଣ ଅନୁକୋଣ ରେ ବାସ କରୁଥିବା ସମସ୍ତ ପ୍ରବାସୀ ଓଡ଼ିଆ ଭାଇ ଭଉଣୀ ମାନେ ଯଥା ଶୀଘ୍ର ଏସ ଭି ଏସ ପ୍ଲାଟଫର୍ମରେ ସେମାନଙ୍କର ନାମ ପଞ୍ଜୀକରଣ କରାଇ ଜଣେ ପ୍ରକୃତ ଗର୍ବିତ ପ୍ରବାସୀ ଓଡ଼ିଆ ଭାବେ ନିଜକୁ ପରିଚିତ କରାନ୍ତୁ ବୋଲି ଡଃ ମହାନ୍ତି ନିବେଦନ କରିଛନ୍ତି । ଏହି ମହତ୍ୱପୂର୍ଣ୍ଣ ଉଦ୍ୟମ ସହିତ ସାମିଲ ହୋଇ ପ୍ରବାସୀ ଓଡ଼ିଆ ସଂଗଠନମାନେ ଅଧିକରୁ ଅଧିକ ସଂଖ୍ୟକ ପ୍ରବାସୀ ଓଡ଼ିଆଙ୍କୁ ପଞ୍ଜୀକରଣ ପାଇଁ ପ୍ରୋତ୍ସାହିତ କରିବାକୁ ସେ ଅନୁରୋଧ କରିଛନ୍ତି ।

# ଇଣ୍ଡିଆ ମେଂଟ ପକ୍ଷରୁ ଜଳେଶ୍ୱର ବଂଚାଅ ଆନ୍ଦୋଳନ ଆରମ୍ଭ



ଜଳେଶ୍ୱର(ନିପ୍ର): ଜଳେଶ୍ୱରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜଳେଶ୍ୱର ବଂଚାଅ ଆନ୍ଦୋଳନ ଆଜି ଆରମ୍ଭ ହୋଇଛି । ଇଣ୍ଡିଆ ମେଂଟ, ବିଶେଷକରି କଂଗ୍ରେସ ଓ ସିପିଏମ ପକ୍ଷରୁ ଆଜି ଜଳେଶ୍ୱର ତହସିଲଦାର ଓ ବିଡିଓଙ୍କ ମାର୍ଫତରେ ବାଲେଶ୍ୱର ଜିଲ୍ଲାପାଳ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ଅନ୍ୟାନ୍ୟ ବିଭାଗୀୟ ମନ୍ତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଆଜି ୮ ଦଫା ଦାବି ସମ୍ବଳିତ ଏକ ଦାବି ପାତ୍ର ପ୍ରଦାନ କରାଯାଇଛି । ଜଳେଶ୍ୱର ଅଂଚଳରେ ଦୀର୍ଘଦିନ ଧରି ଜଳବନ୍ଦୀ ସମସ୍ୟା ଏକ ଗୁରୁତର ଜନଜୀବନ ଓ କୃଷି ସମସ୍ୟାରେ ପରିଣତ ହୋଇଛି । ପ୍ରତିବର୍ଷ ବର୍ଷା ଋତୁରେ ବିଶେଷକରି ପଶ୍ଚିମବଙ୍ଗ ପଟୁ ଆସୁଥିବା ବର୍ଷା ଓ ବନ୍ୟାଜଳ ଦୀର୍ଘ ସମୟ ଧରି ନିଷ୍କାସିତ ହୋଇନପାରିବା ଯୋଗୁଁ ଜଳେଶ୍ୱର ବ୍ଲକର ବହୁ ପଂଚାୟତର ଶହ ଶହ ଗ୍ରାମ ପ୍ରଭାବିତ ହେଉଛନ୍ତି । ସୁଗୋ, ନାମ୍ପୋ, ନେଡୁଆ, ଖାଲିନା, ସଂପତିଆ, ଖୁଲୁଡ଼ା, ବର୍ତନା, ପଶ୍ଚିମବାଡ଼, ଝାଡ଼ପିମ୍ପଳ, ବାଇଗଣବାଡ଼ିଆ, ପାଇକସିଦା, କୁଟସାହି, ଆର.ଆର.ପୁର, ଗୋପୀମୋହନପୁର, ଆରୁହା ଆଦି ଅଂଚଳ ଏହାଦ୍ୱାରା ବାରମ୍ବାର କ୍ଷତିଗ୍ରସ୍ତ ହେଉଛି । ଜଳେଶ୍ୱର ପୌରାଂଚଳ ଏବଂ ଭୋଗରାଇ ବ୍ଲକର ମଧ୍ୟ ଅନେକ ଅଂଚଳ ଏହି ସମସ୍ୟାର ଶିକାର ହେଉଛନ୍ତି । ଚଳିତ ବର୍ଷର ବନ୍ୟା ଓ ଜଳବନ୍ଦୀ ପରିସ୍ଥିତି ଏହି ସମସ୍ୟାର ଭୟାବହତାକୁ ଆହୁରି ସ୍ପଷ୍ଟ କରିଦେଇଛି । ଜଳବନ୍ଦୀ ଯୋଗୁଁ ଜଳେଶ୍ୱର ଅଂଚଳର ହଜାର ହଜାର ଏକର ଧାନଚାଷ ଓ ପନିପରିବା ଫସଲ ନଷ୍ଟ ହୋଇଛି । ଅନେକ ଗ୍ରାମର କଚ୍ଚା ଘର ଜଳବନ୍ଦୀ ଓ ଅତ୍ୟଧିକ ବର୍ଷାରେ କ୍ଷତିଗ୍ରସ୍ତ ହୋଇଛି । ଏପରିକି ମାଟିର କାନ୍ଥ ଭୁଶୁଡ଼ି ପଡ଼ିବା ଫଳରେ ଦୁଇ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ହଜାର ହଜାର ପରିବାର ଏବେ ମଧ୍ୟ ଅସୁରକ୍ଷିତ ଓ ଦୁର୍ଦ୍ଦଶାପୂର୍ଣ୍ଣ ପରିସ୍ଥିତିରେ ରହୁଛନ୍ତି । ତେଣୁ ଏହାକୁ କେବଳ ଏକ ସାଧାରଣ ବର୍ଷାଜନିତ ସମସ୍ୟା ଭାବେ ନଦେଖି ଏକ ଗୁରୁତର ମାନବିକ ଓ କୃଷି ସଙ୍କଟ ଭାବେ ନେଇ ତୁରନ୍ତ ରିଲିଫ୍ ଓ ପୁନର୍ବାସମୂଳକ ପଦକ୍ଷେପ ନିଆଯିବା ପାଇଁ ଦାବି କରାଯାଇଛି । ବର୍ତ୍ତମାନ ଯେପରି ଛୋଟ ଛୋଟ ନାଳ ଖୋଳିବା, ସଫା କରିବା କିମ୍ବା ଅସ୍ଥାୟୀ ଭାବେ ଜଳ ନିଷ୍କାସନ କରିବାର ପଦକ୍ଷେପ ନିଆଯାଉଛି, ତାହା ଦ୍ୱାରା ଏହି ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ନୁହେଁ ।

# ତୃତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

ମାଲକାନଗିରି(ନିପ୍ର) : ମାଲକାନଗିରି ବ୍ଲକ ଅନ୍ତର୍ଗତ ସିନ୍ଧୀରିମାଳ ଆଂଚଳିକ ସାଧନ କେନ୍ଦ୍ର ଠାରେ ତୃତୀୟ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ଆଂଚଳିକ ସାଧନ ସଂଯୋଜିକା ଚିନ୍ମୟୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ ଓ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୁକ୍ତା ବେହେରାଙ୍କଦ୍ୱାରା ଦୀପ, ଧୂପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରାଯାଇଥିଲା । ସରକାରଙ୍କ ପତ୍ର ସଂଖ୍ୟା ୫୪୩୫, ତାରିଖ ୨୯.୦୮.୨୬ ଅନୁଯାୟୀ ସି.ଆର.ସି.ସି ଙ୍କ ଦ୍ୱାରା ଶିକ୍ଷା ବିଜ୍ଞାନ ବିଷୟରେ ଆଲୋକପାତ କରିବା ସହ ଆକଳନ ରୂପରେଖରେ ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୌଳିକ, ପ୍ରସ୍ତୁତି ଓ ମାଧ୍ୟମ ସ୍ତର ଆକଳନ ପଦ୍ଧତି, ପରିସର ଓ ସାଧନୀକୁ ଅବଗତ କରାଗଲା । ଗଠନ ମୂଳକ ଓ ସମାପ୍ତି ସୂଚକ ଆକଳନ ନମ୍ବର ବଂଟନ ସହ କଳା ଶିକ୍ଷା, ଶାରୀରିକ ଶିକ୍ଷା, ବୃତିଗତ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା । ଅପରାହ୍ନ ୩ ଟା ସମୟରେ ସିନ୍ଧୀରିମାଳ କ୍ଲଷ୍ଟରରେ ପଦୋନ୍ନତି ପାଇ ନୂତନ ରୂପେ ଯୋଗଦାନ କରିଥିବା ଲେବେଲ-୩ ପ୍ରଧାନ ଶିକ୍ଷକ ଯଥା ବାସନ୍ତୀ ପଟନାୟକ, କେଦାର ମହାକୁଡ଼ ଓ ସାନ୍ଧ୍ୟରାଣୀ ହନ୍ତାଳ ଙ୍କୁ ଫୁଲତୋଡ଼ା ଓ ଉତରୀୟ ପ୍ରଦାନ ସହ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା ।

# ଅଯୋଧ୍ୟା ଓ ବାରାଣସୀ ଯାତ୍ରା କଲେ ୫ ଜିଲ୍ଲାର ୭୭୫ ତୀର୍ଥଯାତ୍ରୀ

ବ୍ରହ୍ମପୁର(ନିପ୍ର): ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ଗଞ୍ଜାମ ସମେତ ୫ଟି ଜିଲ୍ଲାର ୭୭୫ ଜଣ ବରିଷ୍ଠ ତୀର୍ଥଯାତ୍ରୀ ଓ ୨୫ ଜଣ ଏସ୍କର୍ଟ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଯାତ୍ରା କରିଛନ୍ତି । ବ୍ରହ୍ମପୁର ରେଳ ଷ୍ଟେସନରୁ ଏହି ତୀର୍ଥଯାତ୍ରା ଟ୍ରେନର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ତୀର୍ଥଯାତ୍ରୀଙ୍କୁ ଶୁଭକାମନା ଜଣାଇ ତୀର୍ଥଯାତ୍ରା ଟ୍ରେନର ଶୁଭାରମ୍ଭ କରିଥିଲେ । ମନ୍ତ୍ରୀ କହିଥିଲେ ଯେ, ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାର ୪୬ ହଜାରରୁ ଅଧିକ ଲୋକ ଦେଶର ବିଭିନ୍ନ ପବିତ୍ର ତୀର୍ଥସ୍ଥାନ ପରିଦର୍ଶନ କରି ସାରିଲେଣି । ଧାଡ଼ିର ଶେଷରେ ଥିବା ଲୋକଙ୍କ କଲ୍ୟାଣକୁ ସରକାର ସର୍ବଦା ପ୍ରାଥମିକତା ଦେଇଆସିଛନ୍ତି । ଆର୍ଥିକ ଦୁର୍ବଳତା ଯୋଗୁଁ ଯେଉଁ ବରିଷ୍ଠ ନାଗରିକମାନେ ଦେଶର ପ୍ରମୁଖ ତୀର୍ଥସ୍ଥାନ ପରିଦର୍ଶନ କରିବାରୁ ବଂଚିତ ହେଉଥିଲେ, ସରକାରଙ୍କ ସହାୟତା ଯୋଗୁଁ ସେମାନଙ୍କର




ସେହି ଇଚ୍ଛା ପୂରଣ ହୋଇପାରୁଛି । ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଏହାର ଏକ ଉଜ୍ଜ୍ୱଳ ଉଦାହରଣ ବୋଲି ସେ କହିଥିଲେ । ଏହି ଯାତ୍ରାରେ ତୀର୍ଥଯାତ୍ରୀମାନେ ବାରାଣସୀର ପବିତ୍ର ଗଙ୍ଗା ଘାଟ, ବିଭିନ୍ନ ଶୈବ ପୀଠ, ଗଙ୍ଗା ଆରତି ଓ କାଶୀ ବିଶ୍ୱନାଥ ମନ୍ଦିର ଦର୍ଶନ କରିବା ସହ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ସାନ୍ନିଧ ଲାଭ କରିବେ । ତୀର୍ଥଯାତ୍ରୀଙ୍କ ଯାତ୍ରା ସମୟରେ ସମସ୍ତ ପ୍ରକାର ସୁବିଧା ଓ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ଏସ୍କର୍ଟ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ । ଏହି ତୀର୍ଥଯାତ୍ରାରେ ଗଜପତି ଜିଲ୍ଲାରୁ ୭୨ ଜଣ, ନୟାଗଡ଼ରୁ ୧୧୯, କନ୍ଧମାଳରୁ ୯୧, ବୌଦ୍ଧରୁ ୫୫ ଏବଂ ଗଞ୍ଜାମରୁ ୪୩୮ ଜଣ ତୀର୍ଥଯାତ୍ରୀ ସାମିଲ ହୋଇଛନ୍ତି । କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ୫ ରାତି ଓ ୬ ଦିନର ଏହି ଯାତ୍ରା ସୁଖମୟ ଓ ଆନନ୍ଦମୟ ହେଉ ବୋଲି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ କାମନା କରିଥିଲେ । ସେମାନେ କହିଥିଲେ ଯେ, ଆର୍ଥିକ ଅସୁବିଧା ଯୋଗୁଁ ଯେଉଁ ବରିଷ୍ଠ ନାଗରିକ ମାନେ ଦୀର୍ଘଦିନ ଧରି ତୀର୍ଥ ଯାତ୍ରାର ସୁଯୋଗ ପାଇପାରୁନ ଥିଲେ, ସରକାରଙ୍କ ଏହି ଯୋଜନା ସେମାନଙ୍କ ସ୍ୱପ୍ନକୁ ସାକାର କରିବାରେ ସହାୟକ ହୋଇଛି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତି ୱାସନ୍ ସ୍ୱାଗତ ଭାଷଣ ଦେଇ ତୀର୍ଥଯାତ୍ରୀମାନଙ୍କୁ ତୀର୍ଥର ଆନନ୍ଦ ଉପଭୋଗ କରିବା ସହ ମନ ଓ ଶରୀରକୁ ପ୍ରଫୁଲ୍ଲ ରଖିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମ କମିଶନର ଏ. ସସ୍ୟା ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଆଇଆରସିଟିସି ରିଜିଓନାଲ ମ୍ୟାନେଜର ଅନୁଜ ଦତ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ଡ. ରୁଦ୍ର ନାରାୟଣ ଦାସ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜନକ କୁମାର ତରାଇ ପ୍ରମୁଖ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସରକାରଙ୍କ ଏହି ପଦକ୍ଷେପ ଓ ବ୍ୟବସ୍ଥା ପାଇଁ ତୀର୍ଥଯାତ୍ରୀମାନେ ଖୁସି ବ୍ୟକ୍ତ କରିବା ସହ ଯାତ୍ରାକୁ ନେଇ ଉତ୍ସାହ ପ୍ରକାଶ କରିଥିଲେ । ଯାତ୍ରୀ ମାନଙ୍କର ସ୍ୱାଗତ ଓ ମନୋରଞ୍ଜନ ପାଇଁ ଷ୍ଟେସନରେ ପାରମ୍ପରିକ ନୃତ୍ୟ ଓ ସଙ୍ଗୀତର ଆୟୋଜନ ହୋଇଥିଲା । ଗୁରୁବାର ରାତିରେ ବ୍ରହ୍ମପୁର ରେଳ ଷ୍ଟେସନ ନିକଟସ୍ଥ ଗୁରୁକୁଳ ସ୍କୁଲରେ ତୀର୍ଥଯାତ୍ରୀମାନଙ୍କୁ ସ୍ୱାଗତ କରାଯାଇ ସେମାନଙ୍କ ରହଣି, ସ୍ୱାସ୍ଥ୍ୟ ପରୀକ୍ଷା, ଖାଦ୍ୟପେୟ ଓ ଭୋଜନ ଆଦିର ସମସ୍ତ ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିଲା ।

# ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

କଟକ(ନିପ୍ର): ଶଙ୍କରପୁର ପିଜିଅନ୍ସ ଆସୋସିଏସନ୍ ପକ୍ଷରୁ କଟକର ଏକ ହୋଟେଲରେ ୨୦୨୬ ମସିହାର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟନ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ଜିନେଶ ଦାସ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ । ଏହି ସମାରୋହରେ ‘ହାଇଫ୍ଲାୟର’ ଏବଂ ‘ଲୋଫ୍ଲାୟର’ ବର୍ଗରେ ବିଜୟୀ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ହାଇଫ୍ଲାୟର ବର୍ଗର ପ୍ରଥମରେ ସଞ୍ଜୟ ଦାସ, ଦ୍ୱିତୀୟରେ ଲକି ବେହେରା, ତୃତୀୟରେ ନାରାୟଣ ରାଇତ, ଲୋଫ୍ଲାୟର ବର୍ଗରେ ପ୍ରଥମରେ ସୌମ୍ୟ ରଞ୍ଜନ ସାହୁ, ଦ୍ୱିତୀୟରେ ସନ୍ତୋଷ ପାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା । ମୁଖ୍ୟ ଅତିଥି ନୟନ ମହାନ୍ତି, ଅତିଥି ଜିନେଶ ଦାସ ଓ ତ୍ରିଲୋଚନ ସେଠୀ ପ୍ରମୁଖ ଉପସ୍ଥିତ ହୋଇ ପାରା ଉଡ଼ାଣ ପ୍ରତିଯୋଗିତା ଭଳି ପାରମ୍ପରିକ ଖେଳର ସଂରକ୍ଷଣ ଓ ପ୍ରୋତ୍ସାହନ ପାଇଁ ଆସୋସିଏସନର ପ୍ରଚେଷ୍ଟାକୁ ଉଚ୍ଚ ପ୍ରଶଂସା କରିଥିଲେ ।

# ବ୍ଲକସ୍ତରୀୟ କ୍ରୀଡ଼ା ଓ ଦୌଡକୁଦ ପ୍ରତିଯୋଗିତା

ସିମୁଳିଆ(ନିପ୍ର) : ସିମୁଳିଆ ବ୍ଲକ ସ୍ତରୀୟ ଦୁଇ ଦିନିଆ କ୍ରୀଡା ଓ ଦୌଡ଼କୁଦ ପ୍ରତିଯୋଗିତା, ପିଏମ ଶ୍ରୀ ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି କ୍ଷ ବ୍ଲକ ଶିକ୍ଷାଧିକାରିଣୀ ସୂର୍ଯ୍ୟଶିଖା ମହାନ୍ତିଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥିଭାବେ ବ୍ଲକ ଅଧକ୍ଷ ବାବାଜୀ ଚରଣ ମଲ୍ଲିକ, ଏବିଇଓ ବିଦ୍ୟାଧର ମହାଳିକ, ରଘୁନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ମାଝୀ, ସିମୁଳିଆ ଥାନା ଅଧିକାରୀ ଦେବରାଜ ଜେନା, ସିଆରସିସି ଶ୍ରୀକାନ୍ତ ମହାନ୍ତି, କ୍ରୀଡା ସମ୍ପାଦକ ଭାଗିରଥି ଜେନା, ପରିଚାଳନା କମିଟି ସଭାପତି ମାଧବାନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ପାଣିଗ୍ରାହୀ ମଂଚ ପରିଚାଳନା କରିଥିଲେ । ଦୁଇ ଦିନିଆ ପ୍ରତିଯୋଗିତାରେ ସିମୁଳିଆ ବ୍ଲକ ୪୮ଟି ବିଦ୍ୟାଳୟରୁ ୭୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୧୭୫ଜଣ କୃତୀ ପ୍ରତିଯୋଗୀ ଜିଲ୍ଲା ସ୍ତରକୁ ଉନ୍ନୀତ ହୋଇଛନ୍ତି ।

# ବାଘ ଆତଙ୍କ: ଭୟଭୀତ ଗ୍ରାମବାସୀ

ନୂଆପଡ଼ା(ନିପ୍ର) : ନୂଆପଡ଼ା ଜିଲ୍ଲାର ଜଙ୍ଗଲ ଘେରା ଅଂଚଳରେ ପୁଣି କଲରାପତରିଆ ବାଘର ପ୍ରାଦୁର୍ଭାବ ଦେଖାଦେଇଛି, ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଆତଙ୍କ ସୃଷ୍ଟି ହୋଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ନୂଆପଡ଼ା ସଦର ରେଞ୍ଜ ଧରମବନ୍ଧା ସେକସନ ଅନ୍ତର୍ଗତ ମୁସରଙ୍ଗି ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ସେଠ ଜାମପାନି ଗ୍ରାମରେ ଗତରାତିରେ ଏହି ଅଘଟଣ ଘଟିଛି । ଗାଁର ଦୁକାଲୁ ଶୁନାନୀଙ୍କ ଗୁହାଳ ଘରୁ ଏକ ବାଛୁରୀକୁ ବାଘ ଟେକି ନେଇ ଗାଁ ବାହାରେ ମାରି ଖାଇଥିବା ଅଭିଯୋଗ ହୋଇଛି । ଆଜି ସକାଳୁ ପରିବାର ଲୋକେ ଓ ଗ୍ରାମବାସୀ ଖୋଜାଖୋଜି କରିବା ପରେ ଗାଁ ବାହାରେ ବାଛୁରୀଟିର ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ । ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବନ ବିଭାଗକୁ ତୁରନ୍ତ ଖବର ଦିଆଯାଇଥିଲା । ଖବର ପାଇ ବନ ବିଭାଗର ଏକ ବିଶେଷ ଟିମ୍ ସ୍ଥାନୀୟ ଅଂଚଳରେ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ବାଘର ପାଦଚିହ୍ନ ଓ ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ କଲରାପତରିଆ ବାଘର କାରନାମା ବୋଲି ବନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଅପରପକ୍ଷରେ ବନ ବିଭାଗ ପକ୍ଷରୁ ଗାଁରେ ଡାକବାଜି ଯନ୍ତ୍ର (ମାଇକ) ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି । ସନ୍ଧ୍ୟା ସମୟ ପରେ ବିନା ପ୍ରୟୋଜନରେ ଘରୁ ବାହାରକୁ ନ ବାହାରିବା ସହ ସୁରକ୍ଷିତ ରହିବା ପାଇଁ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ନିବେଦନ କରାଯାଇଛି ।


## AFFIDAVIT

By virtue of an affidavit sworn before Executive Magistrate, Balasore, Affidavit No. 7119, dated 11.09.2026, I, Sri Pradipta Kumar Behuria, S/o- Prahallad Behuria permanent resident of At- Charpada, Po- Kandiahat, Ps- Rajkanika, Dist- Kendrapada - 755016 currently residing At- Maharshinagar, Po/Ps- Sahadevkhunta, Dist- Baleshwar - 756001 declare that I have changed my minor daughter's name from Priyankasona Behuria to Priyanksona Behuria. Henceforth, she shall be known as Priyanksona Behuria for all purposes.

Sd/-
Pradipta Kumar Behuria



No. 32001/862/2627

OFFICE OF THE SUPERINTENDING ENGINEER,
MINOR IRRIGATION DIVISION, BALESHWAR.
No. 2948 Dt. 09.09.2026
'e' Procurement Notice
BID IDENTIFICATION No. SEMIDBLS-04/2026-27
e-mail ID: mibalasore@yahoo.co.in/eemidbalasore@gmail.com

The Superintending Engineer, Minor Irrigation Division, Baleshwar on behalf of the Governor of Odisha invites online percentage rate tender through "e" procurement (Single & Double cover) for the works as detailed in the Annexure to this bid notice.

| | |
|---|---|
| Name of the work: | Construction of Check Dam, Improvement & Repair to Diversion Weirs, Distribution Systems, Check Dams in different Blocks of Baleshwar & Bhadrak District under different Scheme for the year 2026-27. (Detail as Mentioned against Work in Annexure to Bid Notice) |
| No. of Works: | 34 (Thirty-Four) Nos. only |
| Estimated Cost: | Varies from Rs.5.63 lakh to Rs. 71.79 lakh (Approximately) |
| Cost of Tender Paper: | As Mentioned against Work in Annexure to Bid Notice |
| Period of Completion: | As Mentioned against Work in Annexure to Bid Notice |
| Availability of bid documents for sale and receipt through on-line | From dt. 18.09.2026, 11.00 A.M, to dt. 03.10.2026, up to 5.00 P.M. |
| Last date / time of receipt of bids in the portal | 03.10.2026 (5.00PM) |
| Date of opening of technical bid through online | On dt. 05.10.2026 at 11.00 A.M in the Office of the S.E, M.I. Division, Baleshwar. |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC). Of class-II Or Class-III |
| The detail tender call notice can also be seen in the DOWR web site http:/dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division, Baleshwar. At / P.O / District – Baleshwar. Ph. No / Fax No.-06762-224461, Email ID: miBaleshwar@yahoo.co.in |
| Further details can be seen from the e-market place web site ww.tendersodisha.gov.in/ District NIC Portal (baleswar.nic.in) | |

Note: Corrigendum/ Addendum/ Modifications/ Additions if any can be seen through on-line only.

Sd/-
Superintending Engineer
M.I. Division, Baleswar

OIPR. 32001/32014/1/26-27/0004





ଅନ୍ୟର କଥା ବିଚାରିଲା ବେଳେ ନିର୍ବୋଧର ଏକମାତ୍ର ମାପକାଠି ହୋଇଥାଏ କିଏ କେତେ ଦେଲା ।

# ଆଜିକାଲି



*ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ, ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ସ୍ୱଧର୍ମେନିଧନଂ ଶ୍ରେୟଃ, ପରଧର୍ମେର ଭୟାବହଃ ।*
*(ଶ୍ରୀମଦ୍ ଭଗବତ୍ ଗୀତା)*

ଭାବାର୍ଥ : ନିଜର କୁଳଧର୍ମ ଦୋଷମୁକ୍ତ ହେଲେ ମଧ ନିଜ କୁଳ ଧର୍ମରେ ମରିବା ବରଂ ଶ୍ରେୟ, ପରର କୁଳଧର୍ମ ଶ୍ରେଷ୍ଠ ହେଲେ ମଧ ତାହା ଗ୍ରହଣ କରିବା ଦୋଷମୁକ୍ତ ଅଟେ ।

## ସ୍ୱଚ୍ଛତା ହି ସେବା

"ସ୍ୱଚ୍ଛତା ହି ସେବା ପାଇଁ ଓଡ଼ିଶାର ପ୍ରସ୍ତୁତି ଶେଷ ହୋଇଛି ଏବଂ କେନ୍ଦ୍ରର ସମସ୍ତ ମାର୍ଗଦର୍ଶିକାକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରାଯିବ । ଓଡ଼ିଶାରେ ଏକ କୋଟି ଦୀପ ପ୍ରଜ୍ୱଳନ ପାଇଁ ମଧ ଯୋଜନା କରାଯାଇଛି, ଯେଉଁଥିରେ ପ୍ରତି ଜିଲ୍ଲାର ପ୍ରତିଟି ପରିବାରକୁ ସାମିଲ କରାଯିବ । ଗ୍ରାମାଂଚଳରେ ପଂଚାୟତିରାଜ ବିଭାଗ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ପରିମଳ ଓ ସଫେଇ କାର୍ଯ୍ୟ ସହ ଜଳାଶୟଗୁଡ଼ିକର ବିକାଶ କାର୍ଯ୍ୟ ହାତକୁ ନେବ । ସେହିପରି ସହରାଂଚଳରେ ମଧ ଏହିଭଳି କାର୍ଯ୍ୟକ୍ରମ କରାଯିବ । କାର୍ଯ୍ୟ ପୂର୍ବରୁ ଓ ପରେ ଥିବା ସ୍ଥିତିକୁ ଭିଡିଓ ଜରିଆରେ ରେକର୍ଡ କରାଯାଇ ପରିବର୍ତ୍ତନକୁ ପ୍ରଦର୍ଶିତ କରାଯିବ । ଆମକୁ ମିଳିଥିବା ସମସ୍ତ ନିର୍ଦ୍ଦେଶକୁ ତାହାର ପ୍ରକୃତ ଭାବନାରେ ସଫଳତାର ସହ କାର୍ଯ୍ୟକାରୀ କରାଯିବ ।" ମନ୍ତ୍ରଣାଳୟର ମାର୍ଗଦର୍ଶିକା ଅନୁଯାୟୀ "ସ୍ୱଚ୍ଛତା ମେଁ ସହଭାଗ, ସ୍ୱଚ୍ଛ ଭାରତ, ବିକଶିତ ଭାରତ" ମୂଳମନ୍ତ୍ରକୁ ଆଧାର କରି ଏହି ଅଭିଯାନ ପାଳିତ ହେବ । ନାଗରିକ, ସରକାରୀ ସଂସ୍ଥା, ଜନପ୍ରତିନିଧି, ବିଭିନ୍ନ ଅନୁଷ୍ଠାନ, ସାମାଜିକ ସଂଗଠନ ଓ ଅନ୍ୟାନ୍ୟ ଅଂଶୀଦାରଙ୍କୁ ଏଥିରେ ସକ୍ରିୟ ଭାବେ ସାମିଲ କରାଯିବ । ଏହି ଅଭିଯାନ ପାଂଚଟି ପ୍ରମୁଖ ସ୍ତମ୍ଭ ଉପରେ ଆଧାରିତ ହେବ । ସ୍ୱଚ୍ଛତା ଲକ୍ଷ୍ୟ ଏକକ ଏବଂ ଅଳିଆ ଆବର୍ଜନା ପଡୁଥିବା ସ୍ଥାନ ଗୁଡ଼ିକର ଚିହ୍ନଟ ଓ ସମୟୋଚିତ ରୂପାନ୍ତରଣ; 'ସ୍ୱଚ୍ଛତା ଜ୍ଞାନ ଯାତ୍ରା' ଓ 'ସ୍ୱଚ୍ଛତା ସମ୍ବାଦ' ମାଧ୍ୟମରେ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ଅଂଶଗ୍ରହଣ; ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ସହ ସଂଯୋଗ ପାଇଁ 'ସଫାଇମିତ୍ର ସୁରକ୍ଷା ଏବଂ ସମ୍ମାନ ଶିବିର'; ଶୂନ୍ୟ-ବର୍ଜ୍ୟବସ୍ତୁ କ୍ରୀଡ଼ା ଓ ପରିବେଶ ଅନୁକୂଳ ଉତ୍ସବ ମାଧ୍ୟମରେ ଜନଭାଗିଦାରୀ; ଏବଂ 'ସ୍ୱଚ୍ଛତା ସେ ସମୃଦ୍ଧି' ଅଧୀନରେ ବର୍ଜ୍ୟବସ୍ତୁରୁ କଳା, ବର୍ଜ୍ୟବସ୍ତୁରୁ ସମ୍ପଦ ଭଳି ଅର୍ଥନୀତି ଅଭ୍ୟାସକୁ ପ୍ରୋତ୍ସାହନ ଦିଆଯିବ । ଚିହ୍ନଟ ହୋଇଥିବା ସ୍ଥାନ ଏବଂ ଅଳିଆ ପଡୁଥିବା ଅଂଚଳଗୁଡ଼ିକରେ ସ୍ୱଚ୍ଛତା, ସୌନ୍ଦର୍ଯ୍ୟକରଣ ଓ ନିରନ୍ତର ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବାକୁ ପୌରାଂଚଳ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି, ସଫେଇ କର୍ମଚାରୀଙ୍କ ସୁରକ୍ଷା, ସମ୍ମାନ ଓ କଲ୍ୟାଣ ସହିତ ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ନେଇ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଉପରେ ମଧ ଗୁରୁତ୍ୱ ଦିଆଯିବ । ନାଗରିକ, ଜନପ୍ରତିନିଧି, ସରକାରୀ କର୍ମଚାରୀ, ବିଭିନ୍ନ ଅନୁଷ୍ଠାନ ଓ ସାମାଜିକ ସଂଗଠନଗୁଡ଼ିକୁ ଏକାଠି କରି ସ୍ୱଚ୍ଛତା କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ ପାଇଁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଅକ୍ଟୋବର ୧ ତାରିଖରେ ରାଜ୍ୟସ୍ତରୀୟ "ଏକ ଦିନ, ଏକ ଘଂଟା, ଏକ ସାଥ୍" ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ଐଶ୍ୱରୀୟ ଚେତନା

◆ ଶରତ କୁମାର ସାହୁ

ଈଶ୍ୱର ପ୍ରାପ୍ତି ପାଇଁ ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଉଛି ନିଜକୁ ଜାଣିବା । ନିଜକୁ ଜାଣିଲେ, ନିଜ ମଧ୍ୟରେ ଲୁକ୍‌କାୟିତ ଅବସ୍ଥାରେ ଥିବା ସେହି ଐଶ୍ୱରୀୟ ସତାକୁ ଅନୁଭବ କରିପାରିଲେ ଯାଇ ବ୍ୟକ୍ତିଜଣକ ଈଶ୍ୱରଙ୍କ ସନ୍ଧାନ ପାଇ ପାରିବ । ଏଥିପାଇଁ ବ୍ୟକ୍ତିକୁ ପ୍ରଥମେ ଅନ୍ତର୍ମୁଖୀ ହେବାକୁ ପଡ଼ିବ । ସଂସାରର ମୋହ, ମାୟା ଇତ୍ୟାଦିକୁ ଅଳିକ ମନେକରି ସେ ସବୁ ପ୍ରତି ଉଦାସୀନ ରହିବାକୁ ହେବ । ଆତ୍ମାସାକ୍ଷାତକାରର ଏହି ପଥରେ ମନୁଷ୍ୟର ସବୁଠୁ ବଡ଼ ବାଧକ ହୁଏ ତାର ଅହଂକାର । ତାର 'ମୁଁ' ତ୍ୱ । ଏହା ଉପରେ ବିଜୟ ପାଇବା ବଡ଼ କଠିନ । ଏହା ମଣିଷକୁ ସର୍ବଦା କୁପଥକୁ ଟାଣିନିଏ । ମନୁଷ୍ୟ ମନରେ ସଂକୀର୍ଣ୍ଣତା ସୃଷ୍ଟି କରେ । ଫଳରେ ମନୁଷ୍ୟର ବିଷୟ ଆସକ୍ତି କମେ ନାହିଁ କିମ୍ବା ତା ମଧ୍ୟରେ ଐଶ୍ୱରୀୟ ଚେତନା ଜାଗ୍ରତ ହୋଇପାରେ ନାହିଁ । ତେଣୁ ନିଜକୁ ଜାଣିବାକୁ ହେଲେ ପ୍ରଥମେ ନିଜର ଅହଂଭାବକୁ ତ୍ୟାଗ କରିବାକୁ ପଡ଼ିବ । ଅନ୍ୟର ଦୋଷତ୍ରୁଟି ଦେଖିବା ଅପେକ୍ଷା ନିଜର ଭୁଲ୍ ପ୍ରତି ଅଧିକ ସଚେତନ ରହିବାକୁ ପଡ଼ିବ । ନିଜର ଆଚରଣ, ଉଚ୍ଚାରଣ ତଥା କର୍ମରେ ଯେପରି ଅନ୍ୟ କାହାର କ୍ଷତି ନହୁଏ ସେ ଦିଗରେ ଧ୍ୟାନ ଦେବାକୁ ପଡ଼ିବ । ଏ ସବୁ ପରେ ବ୍ୟକ୍ତିକୁ ପ୍ରତିଦିନ ନିଜ ସହ ବେଶ୍ କିଛି ସମୟ ଏକାନ୍ତରେ ବିତାଇବାକୁ ପଡ଼ିବ । ଏହି ସମୟ ମଧ୍ୟରେ ନିଜ ମନରେ ଆସୁଥିବା ଭାବନାକୁ ବିଶ୍ଳେଷଣ କରିବାକୁ ପଡ଼ିବ । ବାରମ୍ବାର ଏପରି କରିବା ଦ୍ୱାରା ବ୍ୟକ୍ତିଜଣକର ଆଚରଣ ଶୁଦ୍ଧପୂତ ହେବା ସହ ଈଶ୍ୱରଙ୍କ ନିକଟରେ ପହଂଚିବାର ପଥ ସୁଗମ ହେବ ।

*'ଉପକରଣ ହାଉସ', ଚଣ୍ଡୀଖୋଲ, ଯାଜପୁର : ୯୪୩୭୦୫୧୫୪୩*

# ଏମ୍ଏମ୍ଡ଼ିଆର୍ ସଂଶୋଧନ ଆଇନ-୨୦୨୬ : ବିକଶିତ ଭାରତ -ବିକଶିତ ଓଡ଼ିଶା ପାଇଁ ଏକ ମାଇଲ ଖୁଂଟ



◆ ବିରଂଚି ନାରାୟଣ ତ୍ରିପାଠୀ

ଓଡ଼ିଶାକୁ ପ୍ରକୃତିର ଏକ ଅମୂଲ୍ୟ ଉପହାର ଏହାର ଖଣିଜ ସମ୍ପଦ । ଅନେକ ରାଜ୍ୟରେ ଖଣିଜ ସମ୍ପଦ ନଥିବାବେଳେ ଓଡ଼ିଶାରେ ଉଭୟ ଗୁରୁ ଓ ଲଘୁ ଖଣିଜ ସମ୍ପଦର ଭଣ୍ଡାର ଅଛି । ସାରା ଦେଶ ପରି ଓଡ଼ିଶାର ଗୁରୁ ଖଣିଜ ସମ୍ପଦ, କେନ୍ଦ୍ର ସରକାରଙ୍କର ଅଧୀନରେ ଥିବାବେଳେ ଲଘୁ ଖଣିଜ ସମ୍ପଦ, ରାଜ୍ୟ ସରକାରଙ୍କର ଅଧୀନରେ ଅଛି । ଗୁରୁ ଖଣିଜ ସମ୍ପଦ, ଲୁହାପଥର, କ୍ରୋମାଇଟ୍, ବକ୍ସାଇଟ୍, ମାଙ୍ଗାନିଜ୍, କୋଇଲା ଆଦି ଖଣିଜ ସମ୍ପଦ ରାଜ୍ୟକୁ ଦେଶର ଖଣିଜ ମାନଚିତ୍ରରେ ଏକ ବିଶିଷ୍ଟ ସ୍ଥାନ ଦେଇଛି । ଏହି ସମ୍ପଦକୁ ନେଇ ଇସ୍ପାତ, ଆଲୁମିନିୟମ୍, ବିଦ୍ୟୁତ, ନିର୍ମାଣ ଓ ଅନେକ ଶିଳ୍ପ ରାଜ୍ୟରେ ଗଢ଼ିଉଠିଛି । ଏହା ସହିତ ରାଷ୍ଟ୍ର ନିର୍ମାଣରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଆସୁଛି । କିନ୍ତୁ ଏତେ ସବୁ ଥାଇ ବି ବିକାଶରେ ବାଧକର କାରଣ ହେଲା, ପୂର୍ବର କେନ୍ଦ୍ର ଓ ରାଜ୍ୟର କଂଗ୍ରେସ ତଥା ବିଜେଡି ସରକାର, ଖଣିଜ ସମ୍ପଦର ଉତ୍ପାଦନ ଓ ଏହାର ସୁରକ୍ଷା ଠିକ ଢଙ୍ଗରେ କରିପାରିନଥିଲେ । ପୂର୍ବରୁ କେନ୍ଦ୍ରରେ କଂଗ୍ରେସ ଓ ରାଜ୍ୟରେ ବିଜେଡି ସରକାର ଥିବାବେଳେ ଓଡ଼ିଶାରେ ପ୍ରଚୁର ଗୁରୁ ଖଣିଜ ସମ୍ପଦ ଚୋରି ହୋଇଥିଲା ଯାହାକୁ ଜଷ୍ଟିସ ଶାହା କମିଶନ ଆନୁମାନିକ ୬୦,୦୦୦ କୋଟି ବୋଲି ଆକଳନ କରିଥିଲେ । ଏହା ସେ କେବଳ ଲୁହାପଥର ଓ ମାଙ୍ଗାନିଜ ଖଣିକୁ ନେଇ କେତେକ ଜିଲ୍ଲାରେ ଅନୁଧ୍ୟାନ କରି ଆକଳନ କରିଥିଲେ । ଯଦି ସେ ସମସ୍ତ ଖଣିଜ ସମ୍ପଦ ଚୋରିର ଯାଂଚ କରିଥାନ୍ତେ ଓ ସବୁ ଜିଲ୍ଲା ବୁଲିଥାନ୍ତେ ତେବେ ଚୋରି ମୂଲ୍ୟ ୧ ଲକ୍ଷ କୋଟି ଛୁଇଁଥାନ୍ତା । କିନ୍ତୁ କଂଗ୍ରେସ ସରକାର କମିଶନଙ୍କ କାର୍ଯ୍ୟକାଳ ବୃଦ୍ଧି କରିନଥିଲେ । ଏହା ସହିତ ତତ୍କାଳୀନ ରାଜ୍ୟ ସରକାର ଯଦି ଲଘୁ ଖଣିଜ ସମ୍ପଦର ଭିଜିଲାନ୍ସ ଯାଂଚ କରିଥାନ୍ତେ ତେବେ ସେଥିରୁ ଚୋରି ଯୋଗୁ ଆଉ ୫୦,୦୦୦ କୋଟି ରାଜ୍ୟ ରାଜକୋଷରୁ କ୍ଷତି ହୋଇଥିବା ଜଣାପଡିଥାନ୍ତା । ଏହା ବ୍ୟତୀତ ଏମ୍ଏମ୍ଡ଼ିଆର୍ ଆକ୍ଟ (ମାଇନ୍ସ ମିନେରାଲ ଡେଭଲେପମେଂଟ ଆଣ୍ଡ ରେଗୁଲେସନ ଆକ୍ଟ ବା ଖଣି ଏବଂ ଖଣିଜ ପଦାର୍ଥ ବିକାଶ ଏବଂ ନିୟନ୍ତ୍ରଣ ଆଇନ), ୧୯୫୭କୁ ତତ୍କାଳୀନ କଂଗ୍ରେସ ସରକାର ଏପରି ବ୍ୟବହାର କରିଥିଲେ ଯେ ଖଣି ଲିଜ୍‌ରେ କୌଣସି ସ୍ୱଚ୍ଛତା ନଥିଲା ଓ ଯିଏ ଆଗରୁ ଆବେଦନ କଲା ସିଏ ଶାଗ ମାଛ ଦରରେ ଖଣି ଲିଜ୍ ନେଇ ଯାଉଥିଲା । ୨୦୧୪ରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନଡ଼ିଏ ସରକାର ଆସିବା ପରେ ଏମ୍ଏମ୍ଡ଼ିଆର୍ ଆକ୍ଟର ୨୦୧୫ ରେ ସଂଶୋଧନ ଅଣାଯାଇ ଏହାକୁ ଅଧିକ ସ୍ୱଚ୍ଛ କରାଗଲା ଓ ଖଣିଜ ସମ୍ପଦ ଥିବା ରାଜ୍ୟମାନେ କିପରି ଅଧିକ ରାଜସ୍ୱ ପାଇବେ ସେଥିପାଇଁ ବ୍ୟବସ୍ଥା କରାଗଲା । ଏହା ସହିତ ଦେଶର ମାଇନିଂ ସେକ୍ଟର ବିଶ୍ୱ ମାଇନିଂ ବଜାରରେ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୁଖି ହୋଇପାରିଲା ଓ କଂଚାମାଲର ଦରଦାମ୍, କେନ୍ଦ୍ର ସରକାର ସ୍ଥିର ରଖି ଦେଶରେ ଖଣିଜଭିତିକ ଶିଳ୍ପର ବିକାଶକୁ ବଳ ଦେଲେ । ଏଥିଯୋଗୁ ଷ୍ଟିଲ, ସିମେଂଟ୍, ବିଦ୍ୟୁତ ଆଦି ଉତ୍ପାଦନର ବଜାର ଦର ନିୟନ୍ତ୍ରଣରେ ରହିବା ସହିତ ଦେଶ ବିଦେଶରେ ଅନେକ କମ୍ପାନୀ ଭାରତରେ ଖଣିଜଭିତିକ ଶିଳ୍ପରେ ଭାଗନେବାକୁ ଅଗ୍ରସର ହେଲେ । ଏବେ ଦେଶରେ ଖଣି ଶିଳ୍ପର ନିରନ୍ତର ବିକାଶ ଓ ଏହାର ଭାଲ୍ୟୁ-ଆଡିସନକୁ ବିଶ୍ୱ ବଜାରରେ ପ୍ରତିଯୋଗୀ କରିବା ପାଇଁ ଓ ବିକଶିତ ଭାରତ-୨୦୪୭ ଭିଜନରେ ଖଣିଜ ଶିଳ୍ପ ଭାଗୀଦାରୀକୁ ବଢାଇବା ପାଇଁ କେନ୍ଦ୍ର ସରକାର ଏମ୍ଏମ୍ଡ଼ିଆର୍ ଆକ୍ଟ -୧୯୫୭ରେ ସଂଶୋଧନ ଆଣିଛନ୍ତି ଯାହା ଦେଶର ଖଣିଜ ଶିଳ୍ପକୁ ଆଗକୁ ବଢାଇବା ସହିତ ରାଜ୍ୟମାନଙ୍କର ଆର୍ଥିକ ଲାଭକୁ ସୁରକ୍ଷିତ ରଖିବ । କିନ୍ତୁ ବିଜେଡି ଓ କଂଗ୍ରେସ ଏହି ସଂଶୋଧନକୁ ଲୋକଙ୍କ ପାଖରେ ଭୁଲ ଭାବେ ଉପସ୍ଥାପନ କରି ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି । ଅଗଷ୍ଟ ୨୦୨୬ରେ ସଂସଦର ଉଭୟ ସଦନରେ ପାରିତ ହୋଇଥିବା ଏମ୍ଏମ୍ଡ଼ିଆର୍ ସଂଶୋଧିତ ଆଇନର ମୂଳ ଲକ୍ଷ୍ୟ ହେଉଛି ଗୁରୁ ଖଣିଜ କ୍ଷେତ୍ରରେ ଦୀର୍ଘମିଆଦୀ ସ୍ଥିରତା ଓ ନୀତିଗତ ନିଶ୍ଚିତତା ବ୍ୟବସ୍ଥା ସୃଷ୍ଟି କରି ନିବେଶ ଓ ଉତ୍ପାଦନକୁ ଗତି ଦେବା । ଏମ୍ଏମ୍ଡ଼ିଆର୍ ଆଇନର ସଂଶୋଧନ କାହିଁକି ହେଲା ତାହା ଲୋକେ ଜାଣିବା ଦରକାର । ବିରୋଧୀ ଦଳମାନେ ଏହା ଜାଣିଥିଲେ ବି ରଣନୀତି ଓ ଦଳୀୟ ସ୍ୱାର୍ଥ ପାଇଁ ଲୋକଙ୍କୁ ଭୁଲ୍ ତଥ୍ୟ ଦେବା ଦେଖାଯାଉଛି । ଆଇନର ସଂଶୋଧନ କାହିଁକି ହେଉଛି ତାହା ବିଲ୍ରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି । ଏଥିରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଆଜି ବିଶ୍ୱ, ପୁଞ୍ଜି କିମ୍ବା ପ୍ରଯୁକ୍ତିବିଦ୍ୟା ପରି ଖଣିଜ ପଦାର୍ଥ ପାଇଁ ପ୍ରତିଯୋଗିତା କରୁଛି । ଇସ୍ପାତ, ସିମେଂଟ୍, ବିଦ୍ୟୁତ, ଇଲେକ୍ଟ୍ରୋନିକ୍ସ, ପରିବହନ ଏବଂ ପ୍ରତିରକ୍ଷା ସବୁକିଛି ଖଣିଜ ସମ୍ପଦରୁ ଆରମ୍ଭ ହୁଏ । ତେଣୁ ଏହି ସମ୍ପଦର ଏକ ସ୍ଥିର ଏବଂ ସୁସଙ୍ଗତ ବଂଟନ, ଜାତୀୟ ସୁରକ୍ଷା ଏବଂ ଦୈନନ୍ଦିନ ଜୀବିକା ଉଭୟକୁ ଆକାର ଦିଏ । ଭାରତରେ ଖଣି ଏବଂ ଖଣିଜ ପଦାର୍ଥ ଏମ୍ଏମ୍ଡ଼ିଆର୍ ଆଇନ, ୧୯୫୭ ଅଧୀନରେ ନିୟନ୍ତ୍ରିତ । ସଂଶୋଧନ ଆଇନ, ୨୦୨୬, ଏହି କ୍ଷେତ୍ର ପାଇଁ ଏକ ସମାନ ଏବଂ ସନ୍ତୁଳିତ ଆର୍ଥିକ ଢାଂଚା ସ୍ଥାପନ କରିବା ପାଇଁ ଲକ୍ଷ୍ୟ ରଖୁଛି । ଖଣିଜ ସମ୍ପଦ କିଛି ରାଜ୍ୟରେ ରହିଛି କିନ୍ତୁ ଏହା ସମଗ୍ର ଜାତୀୟ ଅର୍ଥନୀତିକୁ ସାହାଯ୍ୟ କରେ, ଯାହା ଏହାର 'କର'କୁ ଜାତୀୟ ଗୁରୁତ୍ୱ ଦେଇଥାଏ । ଅନିୟନ୍ତ୍ରିତ ବ୍ୟବସ୍ଥା ଏବଂ ଭିନ୍ନ ରାଜ୍ୟର ଟିକସ ଢାଂଚା, ଖଣିର କାର୍ଯ୍ୟ କ୍ଷମତାକୁ କ୍ରମାଗତ ଭାବରେ ନଷ୍ଟ କରେ ଓ ଶିଳ୍ପ ଏବଂ ପରିବାରରେ ଉତ୍ପାଦିତ ଦ୍ରବ୍ୟର ଖର୍ଚ୍ଚ ବୃଦ୍ଧି କରେ । କିନ୍ତୁ ସଂଶୋଧିତ ଆଇନ, ୨୦୨୬ ଖଣିଜ ଦ୍ରବ୍ୟର 'କର' ରେ ସମାନତା ଏବଂ ଯୁକ୍ତିଯୁକ୍ତତା ଆଣିବାକୁ ଚେଷ୍ଟା କରୁଛି । ରାଜ୍ୟଗୁଡ଼ିକ ବର୍ତ୍ତମାନ ଖଣି ଉପରେ ପ୍ରାୟ ୧୪ ପ୍ରକାର କର, ଶୁଳ୍କ ଆଦି ଲାଗୁ କରନ୍ତି । ଏଥିରେ ରୟାଲ୍ଟି, ନିଲାମ ପ୍ରିମିୟମ୍, ଡ଼ିଏମ୍ଏଫ୍ ଦେୟ, ଜିଏସ୍ଟି ଏବଂ ପରିବହନ ଶୁଳ୍କ ଆଦି ଅନ୍ତର୍ଭୁକ୍ତ । କିଛି ରାଜ୍ୟ ଖଣିଜ ପଦାର୍ଥ ଥିବା ଜମି ଉପରେ ଅତିରିକ୍ତ ଭାବରେ କର ଲଗାଇବା ଆରମ୍ଭ କରିଛନ୍ତି, ଯାହା ୨୦ ପ୍ରତିଶତ ପରି ଉଚ୍ଚ ହାରକୁ ଛୁଇଁଛି । ଏହା ଏକ କ୍ରମାଗତ ଏବଂ ଖୋଲା ଓ ଅନିଶ୍ଚିତ ଟିକସ ବୋଝ ସୃଷ୍ଟି କରେ । ଗ୍ରାଫାଇଟ୍ ପରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ୟୁରାନିୟମ୍ ପରି ପରମାଣୁ ଖଣିଜ ପଦାର୍ଥ ଉପରେ ମଧ ଏହି କର ବୋଝ ସୃଷ୍ଟି କରେ ଯାହା ଏହି ରଣନୈତିକ ଖଣିଜ ପଦାର୍ଥର ନିଷ୍କାସନକୁ ଅବ୍ୟବସ୍ଥିତ କରେ । ରାଜ୍ୟ ରାଜ୍ୟ ମଧ୍ୟରେ ଭିନ୍ନ 'କର' ହାର ଉତ୍ପାଦନରେ ଅସମାନତା ସୃଷ୍ଟି କରେ । ରଣନୈତିକ ଖଣିଜ ପ୍ରକଳ୍ପଗୁଡ଼ିକୁ ବାଣିଜ୍ୟିକ ଭାବରେ କାର୍ଯ୍ୟକ୍ଷମ ରଖିବା ପାଇଁ ଟିକସର ଯୁକ୍ତିଯୁକ୍ତକରଣ ଆବଶ୍ୟକ । ଯେତେବେଳେ ଅଧିକ ଟିକସ ବୋଝ ହୁଏ , ସେତେବେଳେ ଭାରତୀୟ ଖଣିଜ ପଦାର୍ଥ ଅପେକ୍ଷା ବିଦେଶରୁ କଂଚାମାଲ ଆମଦାନୀ କରିବା ଅଧିକ ଲାଭବାନ ହୁଏ । ଏଥିଯୋଗୁ ଦେଶର ଖଣି ଶିଳ୍ପ କ୍ଷତିଗ୍ରସ୍ତ ହୁଏ ଓ କମ୍ପାନୀମାନେ ବିଦେଶରୁ କଂଚାମାଲ ଆମଦାନୀ କରନ୍ତି । ଏଥିଯୋଗୁ ଆମର ଖଣିଜ ସମ୍ପଦ ଥାଇବି ୨୦୨୫ -୨୬ ଆର୍ଥିକ ବର୍ଷରେ ୧୦,୧୨,୫୨୯ କୋଟି ଟଙ୍କାର ଖଣିଜ ପଦାର୍ଥ ବିଦେଶରୁ ଆମଦାନୀ ହୋଇଥିଲା । ଖଣିଜ କ୍ଷେତ୍ରରେ "ଆତ୍ମନିର୍ଭରତା" ଲକ୍ଷ୍ୟ ପାଇଁ ଏହି ଖର୍ଚ୍ଚ ବୃଦ୍ଧିକୁ ରୋକିବା ଅତ୍ୟନ୍ତ ଜରୁରି । ସେହିପରି, ଖଣିଜ ଉପରେ ଟିକସ ସିଧାସଳଖ ଖଣିଜ ମୂଲ୍ୟରେ ଯୋଡାଯାଏ । ଏଥିଯୋଗୁ ଇସ୍ପାତ, ସିମେଂଟ୍, ବିଦ୍ୟୁତ୍ ଏବଂ ନିର୍ମାଣରେ ଦରଦାମ୍ ବଢେ । ସାଧାରଣ ପରିବାର, ଗୃହ, ବିଦ୍ୟୁତ୍ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଅଧିକ ଦେୟ ଦିଅନ୍ତି । ଯଦି ଖଣି ଶିଳ୍ପ କ୍ଷତିଗ୍ରସ୍ତ ହୁଏ ତେବେ ଖଣି ବନ୍ଦ ହୁଏ ଓ କୋଟି କୋଟି ଶ୍ରମିକ ନିଯୁକ୍ତି ହରାନ୍ତି । ଅନ୍ୟପଟେ ନିବେଶକମାନେ କେବଳ ସେହି ସ୍ଥାନରେ ଖଣି ପାଇଁ ପୁଞ୍ଜି ଲଗାନ୍ତି ଯେଉଁଠାରେ 'ଟିକସ' ସ୍ଥିର ଥାଏ । ହଠାତ୍ ଟିକସରେ ପରିବର୍ତ୍ତନ ସାଧାରଣ ଜନତାଙ୍କୁ ନିରୁତ୍ସାହିତ କରେ । ଏହିସବୁ କାରଣରୁ ଆଇନରେ ସଂଶୋଧନ ହୋଇଛି । ରାଜ୍ୟମାନେ ପୂର୍ବଭଳି ରୟାଲିଟି, ଡ଼ିଏମ୍ଏଫ୍ ଅନୁଦାନ ଓ ଅନ୍ୟାୟ ଟିକସ ପାଇବାବେଳେ କେବଳ ଖଣିଜ ପଦାର୍ଥ ବା ଜମି ଉପରେ ବିନା କେନ୍ଦ୍ର ଅନୁମୋଦନରେ ନୂତନ କର ଆଦାୟ କରିପାରିବେ ନାହିଁ ଓ ପଛୁଆ ତାରିଖରୁ ଟିକସ ଆଦାୟ କରିପାରିବେ ନାହିଁ । କିନ୍ତୁ ଯାହା ଆଦାୟ କରାଯାଇଛି ତାକୁ ଆଉ ଫେରାଇବା ଆବଶ୍ୟକ ନାହିଁ । ଆଇନର ପ୍ରମୁଖ ବ୍ୟବସ୍ଥା ଏମ୍ଏମ୍ଡ଼ିଆର୍ ଆଇନ, ୧୯୫୭ରେ ନୂତନ ଧାରା ୯-ଡି ଯୋଡିହୋଇଛି । ଏହା ଅନୁସାରେ ରାଜ୍ୟ ସରକାରଙ୍କ ଦ୍ୱାରା ଖଣିଜ କିମ୍ବା ଖଣିଜ ପଦାର୍ଥ ଥିବା ଜମି ଉପରେ କୌଣସି ଟିକସ, ସେସ୍ କିମ୍ବା ଅନ୍ୟ କୌଣସି ଟିକସ ଲାଗୁ କରାଯିବ ନାହିଁ । ଏପରି ଟିକସ କେବଳ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତାବଳୀ କିମ୍ବା ପ୍ରତିବନ୍ଧକ ଅନୁଯାୟୀ ଲାଗୁ କରାଯାଇପାରେ । ଦ୍ୱିତୀୟରେ ସଂଶୋଧନ ଲାଗୁହେବା ପୂର୍ବରୁ ରାଜ୍ୟଦ୍ୱାରା ସଂଗ୍ରହ କରାଯାଇନଥିବା ଯେକୌଣସି ଟିକସକୁ ଅବୈଧ ବୋଲି ବିବେଚନା କରାଯିବ କିନ୍ତୁ ପୂର୍ବରୁ ଜମା କିମ୍ବା ଆଦାୟ କରାଯାଇଥିବା ପରିମାଣ ଫେରସ୍ତ କରାଯିବ ନାହିଁ । ତୃତୀୟରେ କେନ୍ଦ୍ର ସରକାରଙ୍କୁ ନିୟମ ପ୍ରଣୟନ କରିବାକୁ କ୍ଷମତା ଦେବା ପାଇଁ ଏମ୍ଏମ୍ଡ଼ିଆର୍ ଆଇନର ଧାରା -୧୩ ସଂଶୋଧନ କରାଯାଇଛି । ଏହି ସଂଶୋଧନ ଫଳରେ ରାଜ୍ୟର ରାଜସ୍ୱ ଏବଂ ସ୍ୱାର୍ଥ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି । ଏକ ସ୍ୱଚ୍ଛ, ନିଲାମ-ଆଧାରିତ ବ୍ୟବସ୍ଥା ଅଧୀନରେ ୨୦୧୫ ପରଠାରୁ ରାଜ୍ୟଗୁଡ଼ିକୁ ସଂଗୃହୀତ ଖଣିଜ ରାଜସ୍ୱ ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଆଇନର ସଂଶୋଧନ ଏହି ସ୍ଥିତିକୁ ପରିବର୍ତ୍ତନ କରିବ ନାହିଁ । ଯାହାଫଳରେ ରାଜ୍ୟଗୁଡ଼ିକ ଖଣି ରାଜସ୍ୱର ଅତ୍ୟଧିକ ଅଂଶ ପାଇବା ଜାରି ରଖିବେ । ୨୦୧୪ ପୂର୍ବରୁ, ଏହି କ୍ଷେତ୍ରକୁ ଇଚ୍ଛାଧୀନ ଏବଂ ଅଣ-ସ୍ୱଚ୍ଛ ଅନୁଦାନ ଏବଂ ରିହାତିର ନବୀକରଣ ଦ୍ୱାରା ଚିହ୍ନିତ କରାଯାଇଥିଲା । ମାମଲା ବାରମ୍ବାର କୋର୍ଟକୁ ଯାଉଥିଲା, ଉତ୍ପାଦନ କମ୍ ଥିଲା ଏବଂ ରାଜ୍ୟର ରାଜସ୍ୱ କମ୍ ରହିଥିଲା । କିନ୍ତୁ ୨୦୧୫ର ସଂଶୋଧନ ପରେ, ଖଣିଜ ଉତ୍ପାଦନରୁ ରାଜ୍ୟଗୁଡ଼ିକୁ ୩୫୪ ପ୍ରତିଶତ ବୃଦ୍ଧି ପାଇଛି ଏବଂ କୋଇଲା ସମେତ ଅନ୍ୟ କ୍ଷେତ୍ରରୁ ରାଜ୍ୟମାନେ ୭ ଲକ୍ଷ କୋଟିରୁ ଅଧିକ ରାଜସ୍ୱ ପାଇଛନ୍ତି । ଖଣି କ୍ଷେତ୍ର ରାଜସ୍ୱର ପ୍ରାୟ ୯୦ ପ୍ରତିଶତ ବର୍ତ୍ତମାନ ରାଜ୍ୟଗୁଡ଼ିକୁ ଯାଉଛି । ମୋଟ ଖଣିଜ ରାଜସ୍ୱ, କୋଇଲା ଏବଂ ଅଣ-କୋଇଲାରେ ସେମାନଙ୍କର ଅଂଶ ଏକ ଦଶନ୍ଧିରେ ପ୍ରାୟ ୨୮ପ୍ରତିଶତ ବୃଦ୍ଧି ପାଇଛି, ଯାହା ୨୦୨୫-୨୬ରେ ପ୍ରାୟ ୧,୧୪,୫୪୯.୨୮କୋଟିରେ ପହଁଚିଛି । କୋଇଲା କ୍ଷେତ୍ର ଏହି ପରିବର୍ତ୍ତନକୁ ସ୍ପଷ୍ଟ ଭାବରେ ଦର୍ଶାଉଛି । ରାଜ୍ୟଗୁଡ଼ିକ ୨୦୧୪-୧୫ରେ ୧୧, ୯୪୭.୯୭ କୋଟି ପାଇଥିଲେ, ଯାହା ୨୦୨୫-୨୬ରେ ବୃଦ୍ଧି ପାଇ ୩୨,୧୮୩.୦୯ କୋଟିରେ ପହଁଚିଛି । କେନ୍ଦ୍ରର ଅଂଶ ସେହି ସମୟ ମଧ୍ୟରେ ୯, ୫୩୪.୨୪ କୋଟିରୁ ହ୍ରାସ ପାଇ ୩,୭୭୧.୮୨ କୋଟିକୁ ପହଁଚିଛି ଅର୍ଥାତ୍ ୨୨.୯୭ ପ୍ରତିଶତରୁ ୧୦.୫ ପ୍ରତିଶତକୁ କମିଛି । ଏହା ଦର୍ଶାଉଛି ଯେ କେନ୍ଦ୍ର କମ୍ ଅର୍ଥ ନେବା ବେଳେ ରାଜ୍ୟମାନେ ଟିକସର ଅଗ୍ରଭାଗ ନେଉଛନ୍ତି । ପ୍ରମୁଖ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକ ୨୦୧୩-୧୪ ଆର୍ଥିକ ବର୍ଷରେ ୧୩, ୫୮୬.୧୬ କୋଟି ପାଇଥିଲେ, ଯାହା ୨୦୨୫-୨୬ ଆର୍ଥିକ ବର୍ଷରେ ବୃଦ୍ଧି ପାଇ ୮୨, ୩୬୬.୧୯ କୋଟିରେ ପହଁଚିଛି । ଏହା ବାରବର୍ଷ ମଧ୍ୟରେ ୧୬.୨୦ ପ୍ରତିଶତର ଏକ ଚକ୍ରବୃଦ୍ଧି ହାର । ୨୦୧୫-୧୬ ଏବଂ ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ, ରାଜ୍ୟଗୁଡ଼ିକୁ ୫ ଲକ୍ଷ କୋଟି ଟଙ୍କାରୁ ଅଧିକ ଟଙ୍କା ପାଇଛନ୍ତି କିନ୍ତୁ କେନ୍ଦ୍ର କେବଳ ପ୍ରାୟ ୮୨,୦୦୦ କୋଟି ଟଙ୍କା ପାଇଛି । ଓଡ଼ିଶା ୨୦୧୫ ପୂର୍ବରୁ ୫୦୦୦ କୋଟି ଟଙ୍କା ପାଉଥିବା ବେଳେ ୨୦୧୫ ପରେ ୫୫୦୦୦ କୋଟି ଟଙ୍କା ପାଇଛି । ସଂଶୋଧିତ ଆଇନ ଏହି ସ୍ଥିତିକୁ ଅପରିବର୍ତ୍ତିତ ରଖିଛି । ୨୦୧୫ରେ ପ୍ରଚଳିତ ନୂଆ ନିଲାମ ବ୍ୟବସ୍ଥା, ରାଜ୍ୟଗୁଡ଼ିକୁ ଏକ ସମ୍ପୂର୍ଣ୍ଣ ନୂତନ ନିଲାମ 'ପ୍ରିମିୟମ' ଦେଉଛି । ୨୦୧୫ ପରଠାରୁ, ରାଜ୍ୟଗୁଡ଼ିକ ୧୨୦୦ କାର୍ଯ୍ୟକ୍ଷମ ଖଣିରୁ ରୟାଲଟି ଭାବରେ ୨.୩୨ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛନ୍ତି । କେବଳ ୧୦୦ ନିଲାମ ହୋଇଥିବା ଖଣିରୁ, ସେମାନେ ନିଲାମ ପ୍ରିମିୟମ ଭାବରେ ୯୬,୦୦୦ କୋଟି ଟଙ୍କା ସଂଗ୍ରହ କରିଛନ୍ତି । ଓଡ଼ିଶା, ଏହାର ୭୯ ନିଲାମ ହୋଇଥିବା ବ୍ଲକ୍ ମଧ୍ୟରୁ ୩୫ଟିକୁ କାର୍ଯ୍ୟକ୍ଷମ କରି, ୨୦୨୦-୨୧ ଏବଂ ୨୦୨୫-୨୬ ମଧ୍ୟରେ ପ୍ରାୟ ୮୭,୦୦୦ କୋଟି ଟଙ୍କା ପ୍ରିମିୟମ ଆୟ କରିଛି । ସେହିଭଳି ବାଲି, ପଥର, ମାଟି, ସିଲିକା, ଗ୍ରାନାଇଟ୍, ମାର୍ବଲ୍, ଜିପ୍ସମ୍, ଲାଟେରାଇଟ୍ ସମେତ ପ୍ରାୟ ୫୦ ଟି କ୍ଷୁଦ୍ର ଖଣିଜ ପଦାର୍ଥ ସମ୍ପୂର୍ଣ୍ଣ ଭାବରେ ରାଜ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ । ସଂଶୋଧିତ ଆଇନର ଏଗୁଡ଼ିକ ଉପରେ କୌଣସି ପ୍ରଭାବ ନାହିଁ । ଏହା ଉପରେ ରାଜ୍ୟ କର୍ତ୍ତୃତ୍ୱ ପୂର୍ବପରି ଜାରି ରହିଛି । ତେଣୁ ମୁଖ୍ୟ କଥା ହେଲା , ଆଗକୁ ରାଜ୍ୟର ଖଣିଜ ସ୍ୱାର୍ଥରେ କ୍ଷତି ହେବ ନାହିଁ ବରଂ ଲାଭ ହେବ । ରାଜ୍ୟରେ ଅନେକ ଖଣିଜଭିତିକ ଶିଳ୍ପ ପ୍ରତିଷ୍ଠା ହେବ ଓ ଏହା ଦ୍ୱାରା ଅଧିକ ନିଯୁକ୍ତି ସୃଷ୍ଟି ହେବ ଏବଂ ରାଜ୍ୟ ଅଧିକ ଖଣିଜ ରାଜସ୍ୱ ପାଇବ । ଏହା ସ୍ପଷ୍ଟ ଯେ ରାଷ୍ଟ୍ରର ବିକାଶ ହେଲେହିଁ ରାଜ୍ୟର ବିକାଶ ହେବ ଏବଂ ରାଷ୍ଟ୍ରର ବିକାଶକୁ ଛାଡି ରାଜ୍ୟର ବିକାଶ ହୋଇ ପାରିବ ନାହିଁ । ବିକଶିତ ଓଡ଼ିଶା -୨୦୩୬ ଓ ବିକଶିତ ଭାରତ -୨୦୪୭ ସ୍ୱପ୍ନ ସାକାର ହେବା ଦିଗରେ ଏହି ସଂଶୋଧନ ସହାୟକ ହେବ । ଆଜି ଯେଉଁମାନେ ବିଲ୍ର ସଂଶୋଧନକୁ ସମାଲୋଚନା କରୁଛନ୍ତି ସେମାନେ ଓଡ଼ିଶାକୁ ୨୦୧୫ ପରେ ମିଳିଥିବା ଅଧିକ ଖଣିଜ ଆୟକୁ କିପରି ବେପରୁଆ ଓ ଦୁର୍ନୀତିଖୋର ଭାବେ ଖର୍ଚ୍ଚ କରୁଥିଲେ ତାହା ଉପରେ ସମୀକ୍ଷା କରିବା କଥା । ଅଧିକ ରାଜସ୍ୱ ଆସିବାପରେ ଏହାର କିପରି ସଦ୍ୱିନିଯୋଗ ହୋଇ ଲୋକଙ୍କ ବିକାଶ ହେବ ତାହା ଉପରେ ସମସ୍ତେ ମିଳିମିଶି କାମ କରିବା ଆବଶ୍ୟକ । କେବଳ ରାଜନୈତିକ ଉଦ୍ଦେଶ୍ୟରେ ଲୋକଙ୍କୁ ଭୁଲ୍ ତଥ୍ୟ ଦେଇ ବିଭ୍ରାନ୍ତ କଲେ ଲୋକେ କ୍ଷମା କରିବେ ନାହିଁ । ଭାରତର ସଂସଦ, ଦେଶର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ହୋଇଥିବାରୁ ଏହା ନିଜର ସାମ୍ବିଧାନିକ ତଥା ଆଇନଗତ ପରିଧି ଭିତରେ ଏମ୍ଏମ୍ଡ଼ିଆର ଆଇନର ସଂଶୋଧନ ଜନସାଧାରଣଙ୍କ ହିତରେ କରିଛି । ଖଣିଜ ସମ୍ପଦର ସୁରକ୍ଷା, ସ୍ୱଚ୍ଛ ଶାସନ, ନିବେଶର ବିସ୍ତାର, ଉତ୍ପାଦନ ବୃଦ୍ଧି ଓ ରାଜ୍ୟ ମାନଙ୍କର ରାଜସ୍ୱ ସୁରକ୍ଷା କହଇ ସମନ୍ୱିତ ଦୃଷ୍ଟିକୋଣ ହିଁ ବିକଶିତ ଭାରତର ମଜଭୁତ ଭିତିଭୂମି ହେବ



*(ରାଜ୍ୟ ସାଧାରଣ ସମ୍ପାଦକ)*
*ଭାରତୀୟ ଜନତା ପାର୍ଟି, ଓଡିଶା*
*ମୋ- ୯୪୩୭୦୮୮୨୦୯*

# ସାଂସାରିକ ଧର୍ମ ପାଇଁ ଗୃହବଧୂର ଭୂମିକା

◆ ସରୋଜିନୀ ଭୂୟାଁ

ସଂସ୍କାରକୁ ପରିବର୍ତ୍ତନ ନ କରି ସଂସାରକୁ ପରିବର୍ତ୍ତନ କର । ଗୁରୁଜନମାନଙ୍କୁ ପରିବର୍ତ୍ତନ କରି ହେବନି । ନିଜକୁ ପରିବର୍ତ୍ତନ କରିବାକୁ ପଡ଼ିବ । ଆଗେ ନିଜକୁ ବୁଝ, ନିଜକୁ ବୁଝି ପାରିଲେ ଅନ୍ୟକୁ ବୁଝି ପାରିବ । ବୁଦ୍ଧି, ବିବେକ ଓ ଜ୍ଞାନକୁ ଆଚରଣ କଲେ ଭଲ ପାଇବା ଆସିବ । ଭଲପାଇବା ଆସିଗଲେ ତୁମେ କେବେ ହେଲେ କୁ ବ୍ୟବହାର କରି ପାରିବ ନାହିଁ । ଆତ୍ମ ସ୍ୱାଭିମାନୀ ହେଲେ ହିଁ ପରାମାତ୍ମା ସଂଗେ ମିଶିବାକୁ ଚହେଁ , ମାଧବ ସେବା କଲେ ମୁକ୍ତି ମିଳେ । ମାଧବଙ୍କ ପାଖରୁଚ ଆଣି ମନୁଷ୍ୟକୁ ଦାନ କର । ଅନ୍ୟକୁ କଷ୍ଟ ଦେବା ପୂର୍ବରୁ ନିଜକୁ କଷ୍ଟ ଆସିଯିବ । ଆଉ ତାକୁ କୌଣସି ଦୁଷ୍କର୍ମରେ ରତ ହେବାକୁ ଇଚ୍ଛା ବିରୋଧ ହେବ । ଭାବିବ ଘର ସଜାନିବାକୁ ଆସିଛି ଉଜାଡ଼ିବାକୁ ନୁହଁ, ଦୁହିତା ଦୁଇ କୁଳକୁ ହିତା । ଶାଶୁ ଘରର ସମ୍ମାନ ବଂଚାଇନ ପାରିବା ହେତୁ ଦୁଇକୂଳପିତା ଆଖ୍ୟା ପାଇବ । ନିଜ ପରିବାର ସଦସ୍ୟଙ୍କ ସୁଖଶାନ୍ତି ହିଁ ମୋର ସୁଖଶାନ୍ତି ବୋଲି ଭାବି ନେବାକୁ ହେବ । ସେମାନଙ୍କ ହୃଦୟ ସଂଗେ ମୋ ହୃଦୟରେ ମଧୁଛନ୍ଦା କେତେ ଖୋଜି ଖୋଜି ସଂପର୍କର ବନ୍ଧନ ସ୍ୱର୍ଗସଦୃଶ ଘରଟିକୁ ନର୍କରେ ପରିଣତ କଲେ ମୋତେ ମଧ ନର୍କରେ ରହିବାକୁ ପଡ଼ିବ । ବାପଘର ଓ ଶାଶୁଘର ଦୁଇ ପରିବାରର କେତେ ଆଶା ଆକାଂକ୍ଷା କଳ୍ପନା ଜଳ୍ପନା ସବୁ ବାସ୍ତବରେ ପରିଣତ ନ ହୋଇ ସ୍ୱପ୍ନ ହୋଇ ରହି ଯାଉଛି । ଘରେ ଘରେ ଆଜିକାଲି ଅଧିକାଂଶ ଅନୁଭବୀ "ସଂପର୍କର ନାଁର ମହତ୍ୱ କର୍ତବ୍ୟରେ ବନ୍ଧା" । ଏସବୁ ସଂଜ୍ଞ୍ୟାକୁ ନ ଭୁଲି ଆପଣି ନିଅ । ପ୍ରଜାପତି ଘଟସୂତ୍ର ସବୁ ଶୁଭ ହୁଏ କୁହନ୍ତି କାହିଁକି ଅଶୁଭ ହେଉଛି । ହେ ପ୍ରଭୁ ! ଶାଶୁ ଶ୍ୱଶୁର ମାନଙ୍କୁ ଲୋତକ ସୁଅରୁ ଉଦ୍ଧାର କର । ନ ହେଲେ ଧରାପୃଷ୍ଠରୁ ଧର୍ମ ଲୋପ ପାଇଯିବ । ନୂଆ ବୋହୂଟି ପ୍ରଥମ ଦିନ ପିତାମାତାଙ୍କ ପାଇଁ, ଦ୍ୱିତୀୟ ଦିନ ଶାଶୁଶ୍ୱଶୁରଙ୍କ ପାଇଁ ପ୍ରାର୍ଥନା କରିବାକୁ ଚରିଦିନ ପୁରା ସମୟ ଦିଆହୋଇଥାଏ । ଚତୁର୍ଥୀ ଦିନ ପିଣ୍ଡବାଡ଼ି ପରିପୂର୍ଣ୍ଣ ସଦସ୍ୟ ହୋଇ ଏକଗୋତ୍ରୀ ହୁଏ । ଶାଶୁଘର ତା' ପାଇଁ ସବୁ କିଛି ହୁଏ । ବାପ ଘର ରାଜଦୁଲଣୀ ଥିଲି କହି ବଡ଼ିଆଣି ଦେଖାଇବା ଭଲ ନୁହଁ । ଏହି ଆତ୍ମଗର୍ବରୁ ଛୋଟ ଛୋଟ ଭୁଲରୁ ମାରାତ୍ମକ ଭୁଲ ସୃଷ୍ଟି ହୋଇ ପରିବାର ଖଣ୍ଡବିଖଣ୍ଡ ହୁଏ ।ମନରେ ଫାଟ ସୃଷ୍ଟି ହୁଏ ଶାଶୁ ମା ତା'ର ଆତ୍ମବିଶ୍ୱସରେ ବୋହୂ କରିଆଣେ । କାରଣ ବଳବୟସ ଗଲେ ଘରର ଯାବତୀୟ ଦାୟିତ୍ୱରୁ ମୁକ୍ତ ହେବା ପାଇଁ । ଏହି ତ ସ୍ରଷ୍ଟାଙ୍କର ସୃଷ୍ଟି କିଛି ନୂଆ ପ୍ରଥା ନୁହଁ ।



ପରଂପରା ଲାଗି ଆସିଛି । ସମୟ ଛାଏଁ ବୋହୂକୁ ଅଧିକାରିଣୀ କରାଇବ । ଆଜିର ଏ ବୋହୂ ସବୁ ଜୋର ଜବରସ୍ତ ସବୁକିଛି ଛଡ଼ାଇ ନେଉଛନ୍ତି । ଏପରିସ୍ଥଳେ ଶାଶୁମାନେ ବିଶ୍ୱାସ ହରାଇବା ତଥା ଅସ୍ୱାଭାବିକ ମନେ କରୁଛନ୍ତି । ଏହାଦ୍ୱାରା ଅଶାନ୍ତି ଘୂଣପୋକ ଭଳି ଶରୀର ଖାଉଛି । ବାର୍ଦ୍ଧକ୍ୟ ମାଡ଼ି ବସିବା ସାଙ୍ଗକୁ ଦାୟିତ୍ୱ ଜଂଜାଳ ବଢ଼ିବା ଦ୍ୱାରା ମନ ଦୁର୍ବଳ ହୋଇପଡୁଛି । ବିବାହ ପୂର୍ବରୁ ପୁଅର ସମୟ ଓ ଭଲ ପାଇବା ପୁରା କେବଳ ମା' ପାଇଁ ଥିଲା । ବୋହୂ ଆସିବା ପରେ ଦୁଇ ଭାଗ ହେବା ତ ସ୍ୱାଭାବିକ । ବୋହୂ ହିସାବରେ ସବୁ ନ ନେଇ କିଛି ମାତ୍ରାରେ ଶାଶୁକୁ ଭାଗ ଦେବା ଆବଶ୍ୟକ । ମା' ଜାଣିଛି ବିଭାଘର ପରେ ପୁଅକୁ ହାତଛଡ଼ା କଡ଼ଛଡ଼ା କରିବାକୁ ପଡ଼ିବ । ଜାଣିଶୁଣି ସବୁକିଛି ତ୍ୟାଗ କରି କେତେ ଖୁସିରେ ପୁଅକୁ ବିଭା କରାଇ ବୋହୂଟେ ଆଣେ । ବୋହୂଟିକୁ ବି ବୁଜିବାକୁ ପଡ଼ିବ ମୋ ସ୍ୱାମୀଙ୍କୁ ବିତ ସମସ୍ତଙ୍କୁ ନେଇ ଚଳିବାକୁ ପଡ଼ିବ । ପ୍ରଥମ ଶାଶୁଙ୍କ ମନକଥା ବୁଝିବାକୁ ଚେଷ୍ଟା କର । ଭଲପାଅ ଶାଶୁଙ୍କଠୁ କିଛି ପାଇବା ପୂର୍ବରୁ ତୁମେ ତାଙ୍କୁ ଦିଅ । ଦେଖିବ ଅସମ୍ଭବକୁ ସମ୍ଭବ କରିପାରିବ । ସ୍ୱାମୀଙ୍କପସନ୍ଦ ନାପସନ୍ଦ ଜାଣିବା ପାଇଁ ମାଆର ସ୍ଥାନ ଅଧିକାର ଜାହିର କର । କିଛି ଦେଲେ କିଛି ପାଇବ ପ୍ରତ୍ୟାଶା ରଖନା । ଝିଅ ଜନମ ତ ପର ଘରକୁ ରାଜା ଝିଅ ଗେଲବସରରେ ବଢ଼ିଥିଲେ ସୁଦ୍ଧ ବାପଘର ଏରୁଣ୍ଡି ବନ୍ଧ ଡେଇଁ ଶାଶୁ ଘରଯାଏ । ଅନେକ ଆଶା ସହିତ ଅଜଣା ଦୁନିଆରେ ପାଦ ରଖେ । ଅଧୁନା ଭବିଷ୍ୟତରେ ତାର କେମିତି ବିତିବ ମନରେ ଅନେକ ପ୍ରଶ୍ନ ଉଙ୍କିମାରେ । ମାଆ ଓ ଶାଶୁଘର ଉଭୟ ଘରର ମର୍ଯ୍ୟାଦା ରକ୍ଷା କରିବା ତା'ର ଧର୍ମ । ଜ୍ଞାନରୂପକ ବଳିତା, ଭକ୍ତିରୂପକ ତେଲରେ ଜୀବନ ପ୍ରଦୀପ ଜଳାଇ ଅନ୍ୟକୁ ଆଲୋକିତ କରିବାକୁ ପଡ଼େ । ପରିବାରର ଶାଶୁର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିନା ଆପତିରେ ମାନିନେବାକୁ ହେବ । ଶାଶୁ ବୋହୂର ମନ ମିଶିବା ପାଇଁ କିଛି ଦିନ ଅପେକ୍ଷା କରିବାକୁ ହେବ । ନୂଆନୂଆ ଶାଶୁ ବୋହୂର ମନମେଳ କିମ୍ବା କଥା ଖାପ୍ ଖାଏନା । ସୁନ୍ଦର ବୋହୂଟେ ବାଛିବା ପାଇଁ ବର୍ଷବର୍ଷ ଧାଁ ଧପଡ଼ କରି ନୟାନ୍ତ ହୋଇ ପଡ଼ନ୍ତି । ସମୟ ଖୋଜି ଆଣେ ବଧୁବେଶ ସଜାଇ ପାଟ ଓଢ଼ଣୀ ପକାଇ ନେଇ ଆସେ । ଆନନ୍ଦ ଉଲ୍ଲାସରେ ୪ ଦିନ କଟିଯାଏ । ଚତୁର୍ଥୀ ଦିନ ବୋହୂ ଦେଖି ସମସ୍ତେ କହନ୍ତି ବୋହୂଟି ବହୁ ସୁନ୍ଦର କେବଳ ଅତିଥିଙ୍କ ପାଇଁ ସୁନ୍ଦର ବୋହୂଟେ ଖୋଜି ଆଣିବାକୁ ପଡ଼େ ବୋଧେ । ବାସ୍ କେଇଟା ମାସ ବିତେ କି ନାହିଁ ରାଗ ରୋଷ, ଅଭିମାନ ଘୋଟି ଆସେ । ଅମା ଅନ୍ଧାର ପରି ଶାଶୁକୁ ଶତ୍ରୁ ମଣିଲେ ଶାଶୁ ବୋହୂର ସୁନ୍ଦର ମୁହଁକୁ ଚହିଲେ ତ ଦେଖିବ । ସାମ୍ନାସାମ୍ନି ହେଲା ମାତ୍ରେ କଳି ଉପୁଜେ । ଅଶାନ୍ତି ମାଡ଼ି ଆସେ । ଶାନ୍ତି ପଳାଏ । ଶାନ୍ତିକୁ ପାଇବାକୁ ହେଲେ ଶାଶୁ ବୋହୂର ସଂପର୍କ ମଧୁର ହେବା ଦରକାର । ନ ହେଲେ ନାନା ବିଶୃଙ୍ଖଳା ଦେଖା ଦେବ । ଶାଶୁଙ୍କ ମନ ଜିଣିବାକୁ କେଇ ପଦ କଥାମାନି ନେଲେ ସବୁ ସମସ୍ୟାର ସମାଧାନ ସହଜରେ ହୋଇ ପାରିବ । ସେ ଘରର ତୁମେ ନୂଆ । ଚାଲିଚଳନ, ରୀତିନୀତି, ରୋଷେଇ ଖାଦ୍ୟପେୟ ପରିବେଶ ସବୁ କିଛି ଭିନ୍ନ । ପ୍ରତ୍ୟେକଟି କଥା ଓ କାମକୁ ଅନୁଧ୍ୟାନ କର । ମାଆ ପୁଅର ଅତୁଟ ସଂପର୍କର ଡୋରି ଏତେ ଶୀଘ୍ର ଛିଡ଼ାଇ ଦେବାଟା ଭଲ ନୁହଁ । ମାକୁ ପୁଅର କଥା ପୂର୍ବଭଳି ବୁଝିବାକୁ ଦିଅ । ମା ସାଙ୍ଗରେ କଥାବାର୍ତ୍ତା, କୋଳରେ ମୁଣ୍ଡ ରଖି ଶୋଇବା ଦୂରତାକୁ ନେଇ ମାକୁ ଲାଗେ ସଂପର୍କରେ କିନ୍ତୁ ସୃଷ୍ଟି ହେଲାଭଳି ସବୁ ତୁମେ କରିବ ଓ ବୁଝିବ ତା'ର କିଛି ମାନେ ନାହିଁ । ଶାଶୁକୁ ଗୃହକାମ କରିବା ପାଇଁ ସୁଯୋଗ ଦିଅ, ସମୟ ଆସ୍ତେ ଆସ୍ତେ ସବୁ ବଦଳେଇବ । ଶାଶୁ ସବୁ କିଛି ତୁମ ହସ୍ତଗତ କରିଦେବେ । ଘୃଣା ପରିବର୍ତ୍ତେ ସଂକୋଚ ନ କରି ବାକ୍ୟାଳାପ କର । ଆତ୍ମାଦେଇ ଯେତେ ଭଲ ପାଇବା କଥା ଦରକାର ସ୍ଥଳେ ତାଠୁ ଅଧିକ ଭଲ ପାଇବାକୁ ଚେଷ୍ଟା କର । ଘରର ସବୁ କାମରେ ଆଗ ତାଙ୍କୁ ସାମିଲ କର । ତାଙ୍କ ସହଯୋଗ, ସହାୟତା ନିଅ । ରୋଷଶାଳା ମାମଲା ନେଇ ଅନେକାଂଶରେ ଶାଶୁ ବୋହୂର ଝଗଡ଼ା ଉପୁଜେ । ଆରେ ଥରୁଟେ ଭାବ ଆସିବା ପୂର୍ବରୁ ଏଇ ଘରର ସର୍ବେସର୍ବା ରୋଷେଇଶାଳ କରି ମାଷ୍ଟ୍ରାରାଣୀ ଥିଲେ । ତୁମଠୁ ରୋଷେଇର ବେଶୀ ଅଭିଜ୍ଞତା ଅଛି । ତେଣୁ ଶାଶୁଙ୍କଠୁ ଶିଖ ଖରାପ ହେଲେ ସେ ଯେମିତି ଚହୁଁଛନ୍ତି ଠିକ୍ ସେମିତି କର । ଶାଶୁ ଶ୍ୱଶୁରଙ୍କ ସାମ୍ନାରେ ତାଙ୍କ ପୁଅ ସଂଗେ ମନାନ୍ତର ଓ ମତାନ୍ତର ହୁଅନା । ଏମିତି ସବୁ କଲେ ସେମାନେ ଭାବିବେ ଆମ ଭାଗ୍ୟ ଖରାପ । ଏଭଳିଆ ଝିଅକୁ ବୋହୂ ରୂପେ ମନୋନୀତ କରି ଭୁ କରିଛୁ । ଏହି କଥାକୁ ଆଖିଆଗରେ ରଖି ଶାଶୁ ମାଙ୍କୁ ପ୍ରାଣ ଦେଇ ଭଲ ପବାଅ । ଧୈର୍ଯ୍ୟ ଧରି ସମୟକୁ ଅପେକ୍ଷା କରିବାର ଅଛି । ବଳ ବୟସ ଗଲେ ସେ ନିଜେ ଅକ୍ଷମ ହୋଇ ପଡ଼େ । ସ୍ରଷ୍ଟାଙ୍କ ସୃଷ୍ଟି ଏଇଥି ପାଇଁ କି ଶାଶୁର ଭୂମିକା ରୂପାୟତ କରିବାକୁ ପଡ଼େ । ବୋହୂକୁ ନାରୀରୁ ନାରାୟଣୀ ସାଜିବା କଥା । ନାଗୁଣୀ ସାଜନାର ତା ଆଶାର କାଗଜ ଡଙ୍ଗାଟିକୁ ଟୁକୁରା ଟୁକୁରା କରି ଫୋପାଡ଼ି ଦିଅନା ।

**ଝିଅ ବାପ ଘରେ ରହେ ଅଳପ ଦିନ,**
**ବୋହୂଶାଶୁ ଘରେ ରହେ ସାରା ଜୀବନ ।**
**ଓଁ ପ୍ରଜାପତେୟ ନମଃ**

*ଗୋପାଳଗାଁ, ବାଲେଶ୍ୱର*





# ଜିଲ୍ଲାସ୍ତରୀୟ ଶକ୍ତି କ୍ଲବ୍ ତାଲିମ ଶିବିର ଅନୁଷ୍ଠିତ

## ଶକ୍ତି ସଂରକ୍ଷଣ ଓ ବିଦ୍ୟୁତ୍ ର ସୁବିନିଯୋଗ ନେଇ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଦକ୍ଷତାଭିତିକ ତାଲିମ



ବାରିପଦା : ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ଅଧୀନସ୍ଥ ସେଂଟର ଫର୍ ଏନଭାଇରନମେଂଟାଲ ଷ୍ଟଡିଜ୍ ର ଯୁଗ୍ମ ଆନୁକୂଲ୍ୟରେ 'ଏନର୍ଜି କ୍ଲବ୍' ଦାୟିତ୍ୱରେ ଥିବା ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ ଦୁଇଦିନିଆ ଜିଲ୍ଲାସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ବାରିପଦାସ୍ଥିତ ଏମ୍.ପି.କେ. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । ଶକ୍ତି ସଂରକ୍ଷଣ, ବିଦ୍ୟୁତ୍ ଶକ୍ତିର ସୁବିନିଯୋଗ, ଅପଚୟ ରୋକିବା ଏବଂ ବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶକ୍ତି ସଚେତନତା ସୃଷ୍ଟି ଉପରେ ତାଲିମରେ ଗୁରୁତ୍ୱ ଦିଆଯାଇ ଥିଲା । ପ୍ରଥମ ଦିବସରେ ବାଙ୍ଗିରିପୋଷି, କୁଳିଅଣା, ଶାମାଖୁଂଟା, ସାରସକଣା, ବାରିପଦା ଓ ଶୁଳିଆପଦା ବ୍ଲକ୍ର ବିଭିନ୍ନ ବିଦ୍ୟାଳୟର ଏନର୍ଜି କ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷକ-ଶିକ୍ଷୟିତ୍ରୀ ମାନେ ଅଂଶଗ୍ରହଣ କରିଥିବା ବେଳେ ଦ୍ୱିତୀୟ ଦିବସରେ ବଡ଼ସାହି, ବେତନଟୀ, ମୋରଡ଼ା ଓ ରାସଗୋବିନ୍ଦପୁର ବ୍ଲକ୍ର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନେ ତାଲିମ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶକ୍ତି ସଂରକ୍ଷଣର ଆବଶ୍ୟକତା ଏବଂ ବିଦ୍ୟାଳୟସ୍ତରରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏନେଇ ସଚେତନତା ସୃଷ୍ଟିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଓ ଗୌତମ କୁମାର ପାତ୍ର ଏବଂ ଜିଲ୍ଲା ସାଇନ୍ସ ସୁପରଭାଇଜର ଜ୍ଞାନରଞ୍ଜନ ଆଚାର୍ଯ୍ୟ ତାଲିମର ଉଦ୍ଦେଶ୍ୟ ଓ ମହତ୍ୱ ସହ ଦୈନନ୍ଦିନ ଜୀବନରେ ଶକ୍ତି ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସି.ଏଚ୍.ସି., ଉତର ଓଡ଼ିଶା ଜୋନ୍ର ଡେପୁଟି ସେକ୍ରେଟାରୀ ରାଜେଶ ପ୍ରଧାନ, ଟାଟା ପାୱାରର ସୁପରିଟେଣ୍ଡିଂ ଇଞ୍ଜିନିୟର ଏବଂ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶକ୍ତି ସଂରକ୍ଷଣର ବିଭିନ୍ନ ମାଧ୍ୟମ ଓ ଉପାୟ, ବିଦ୍ୟୁତ୍ ଶକ୍ତିର ସଠିକ୍ ବିନିଯୋଗ ଏବଂ ଅପଚୟ ରୋକିବା ସମ୍ପର୍କରେ ବ୍ୟବହାରିକ ତଥ୍ୟ ଓ ଉପଦେଶ ପ୍ରଦାନ କରିଥିଲେ । ରାଜ୍ୟସ୍ତରରୁ ଯୋଗଦେଇଥିବା ପ୍ରୋଗ୍ରାମ ଅଫିସର ଡ. ସ୍ୱାଗତିକା ମିଶ୍ର ଏବଂ ପ୍ରୋଜେକ୍ଟ ଅଫିସର ଡ. ରାଜେଶ ମହାନ୍ତ ଶକ୍ତି ସଂରକ୍ଷଣ, ପରିବେଶ ସୁରକ୍ଷା ଏବଂ 'ଲାଇଫ୍' (ଲାଇଫଷ୍ଟାଇଲ୍ ଫୋର୍ ଇନଭିରନମେଂଟ) ର ଉଦ୍ଦେଶ୍ୟ ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ । ମୟୂରଭଞ୍ଜ ଜିଲ୍ଲାର ଇକୋ-କ୍ଲବ୍ ମାଷ୍ଟର ଟ୍ରେନର ଡ. ରାମକାନ୍ତ ମହାନ୍ତ ଶକ୍ତି ସଂରକ୍ଷଣ ଓ ଏନର୍ଜି କ୍ଲବ୍ ପରିଚାଳନା ସମ୍ପର୍କିତ ନିଜର ଅଭିଜ୍ଞତା ଓ ନୂତନ ଚିନ୍ତାଧାରା ଅଂଶଗ୍ରହଣକାରୀଙ୍କ ସହ ବାଂଟିଥିଲେ । ବିଭିନ୍ନ ସମ୍ପଦ ତଥା ବିଷୟ ବିଶେଷଜ୍ଞ ବ୍ୟକ୍ତି ଶକ୍ତି ସଂରକ୍ଷଣର ବ୍ୟବହାରିକ ଦିଗ ସହ ବିଦ୍ୟାଳୟସ୍ତରରେ ଏନର୍ଜି କ୍ଲବ୍ର ସଫଳ ପରିଚାଳନା, କାର୍ଯ୍ୟକଳାପ ଏବଂ ଛାତ୍ରଛାତ୍ରୀଙ୍କୁ ଶକ୍ତି ସଂରକ୍ଷଣ ପ୍ରତି ସଚେତନ କରିବାର ସରଳ ଓ ପ୍ରଭାବଶାଳୀ ପଦ୍ଧତି ସମ୍ପର୍କରେ ଦକ୍ଷତାଭିତିକ ତାଲିମ ପ୍ରଦାନ କରିଥିଲେ । ତାଲିମ କାର୍ଯ୍ୟକ୍ରମର ସୁପରିଚାଳନା ଓ ସଫଳ ଆୟୋଜନରେ ଏମ୍.ପି.କେ. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ତଥା ଜିଲ୍ଲା ଶିକ୍ଷା ବିଭାଗର କର୍ମଚାରୀମାନେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

# 'ପୁସ୍ତକକୁ ସାଥୀ କରିବା' କାର୍ଯ୍ୟକ୍ରମ ଅନୁଷ୍ଠିତ

ଭଦ୍ରକ : ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବ୍ରାହ୍ମଣଗାଁ ସରକାରୀ ନୋଡାଲ ହାଇସ୍କୁଲରେ ଓଡ଼ିଆ ଅସ୍ମିତା ଓ ବହିକୁ ସାଥୀ କରିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ଏଥିରେ ବିଶିଷ୍ଟ ଶିକ୍ଷାବିତ୍ ଗବେଷକ ପ୍ରଧାନଶିକ୍ଷକ ପ୍ରମୁଖ ଯୋଗ ଦେଇ ପ୍ରାଚୀନ ସଂସ୍କୃତିର ପରମ୍ପରା , ତାଳପତ୍ର ପୋଥୀ , ପ୍ରାଚୀନ ମୁଦ୍ରା , ଡାକ ଟିକେଟ , ବହି ବହୁ ପ୍ରଣମ୍ୟ , ପ୍ରତ୍ୟେକ ଲୋକ ଙ୍କ ଜୀବନର ଗତିପଥ କୁ ବଦଳାଇ ଦେବା , ଓଡ଼ିଆ ଅସ୍ମିତା ଭିତରେ ପୁସ୍ତକର ପରିଚୟ ସ୍ୱତନ୍ତତା ରହିଥିବା , ଆଦି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ।

# ବାଘାଯତୀନ ସ୍ମୃତି ପରିଷଦ ପକ୍ଷରୁ ବାଲିଆପାଳରୁ ପୁରୀ ସାଇକେଲ ଯାତ୍ରା ଶୁଭାରମ୍ଭ

ବାଲିଆପାଳ : (ନିପ୍ର) ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ୧୫ ଦିନ ମଧ୍ୟରେ ୩ଥର ବନ୍ୟା ଆସି ଚାଷୀ କୂଳକୁ ହତାଶ କରିଛି । ଏହି ବନ୍ୟା କେବଳ ମୁକୁଳା ନଦୀ ବନ୍ଧ ପାଇଁ ଘଟିଛି । ଯଦି ସରକାର ସୁବର୍ଣ୍ଣରେଖା ନଦୀ ବନ୍ଧକୁ ମାନପୁର ଠାରୁ ଚଉମୁଖ ପର୍ଯ୍ୟନ୍ତ ସ୍ଥାୟୀ ନଦୀ ବନ୍ଧ ସହିତ ନଦୀ ମୁହଁ କୁ ଭଲଭାବରେ ଖନନ କରିବାର ବ୍ୟବସ୍ଥା କରିବେ ତାହେଲେ ସୁବର୍ଣ୍ଣରେଖା ବନ୍ୟା ଜଳ ତଳିଆ ଅଂଚଳକୁ ନଯାଇ ସିଧା ସମୁଦ୍ରକୁ ଚାଲିଯାଆନ୍ତା ଏହି ସବୁକୁ ଦୃଷ୍ଟି ରେ ରଖି ସୁବର୍ଣ୍ଣରେଖା ନଦୀରେ ସ୍ଥାୟୀ ନଦୀବନ୍ଧ ପକାଇବା ଓ ଶୋଳସା ପାଣ୍ଡରୁ ଜଳନିଷ୍କାସନ ଦାବିରେ ବାଘାଯତିନ ସ୍ମୃତି ପରିଷଦ ପକ୍ଷରୁ



ଗୁରୁବାର ପୂର୍ବାହ୍ନ ୧୦ ଘଟିକା ସମୟରେ ବାଲିଆପାଳ ପୂର୍ତ ବିଭାଗ ଡାକବଙ୍ଗଳା ପରିସର ରୁ ଏକ ସାଇକେଲ ଶୁଭାଯାତ୍ରି ଦଳ ପୁରୀ ଅଭିମୁଖେ ବାହାରିଛି ।ଏହି ଶୋଭାଯାତ୍ରାକୁ ବସ୍ତା ନିର୍ବାଚନ ମଣ୍ଡଳୀର ଭାଜପା ନେତା ରବୀନ୍ଦ୍ର ନାଥ ଅଣ୍ଡିଆ ଉଦ୍ଘାଟକ ଭାବରେ ଯୋଗ ଦେଇ ସବୁଜ ପତାକା ଦେଖାଇ ସାଇକେଲ ଅଭିଯାତ୍ରୀ ଦଳର ସାଇକେଲ ଯାତ୍ରାକୁ ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରା ବାଲିଆପାଳ ରୁ ବାହାରି ପ୍ରଥମ ଦିନ ନୀଳଗିରି ଯାଏ ଯାଇ ସେଠାରେ ରାତ୍ରି ଯାପନ କରିବେ ।ପରେ ଏହି ଶୋଭାଯାତ୍ରା ଭଣ୍ଡାରୀପୋଖରୀ, ଭୋବନ, ଗୁରୁଜଙ୍ଗ, ଢେଙ୍କାନାଳ ଦେଇ ମଙ୍ଗଳବାର ଭୁବନେଶ୍ୱରରେ ପହଂଚିବେ । ବୁଧବାର ସକାଳେ ମୁଖ୍ୟ ମନ୍ତ୍ରୀଙ୍କ ସହିତ ସାକ୍ଷାତ କରାଯାଇ ସୁବର୍ଣ୍ଣରେଖା ନଦୀର ସ୍ଥାୟୀ ନଦୀ ଆଡ଼ି ବନ୍ଧ ଓ ଶୋଳସା ପାଣ୍ଡରୁ ଜଳ ନିଷ୍କାସନର ସ୍ଥାୟୀ ପ୍ରତୀକାର ନିମନ୍ତେ ଦାବି ପତ୍ର ପ୍ରଦାନ କରାଯିବ । ପରେ ସେହି ଦିନ ଶୋଭାଯାତ୍ରା ଭୁବନେଶ୍ୱର ରୁ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ବାଲିଆପାଳ ପ୍ରତ୍ୟାବର୍ତନ କରିବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ବାଘାଯତୀନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ସାଇକେଲ ଶୋଭାଯାତ୍ରାରେ ସଦସ୍ୟ ମନୋଜ କୁମାର ସୀ, କ୍ଷୀତିଶ ଜେନା ସଞ୍ଜୟ କୁମାର ପରିଡା, ମନ୍ମଥ ପାତ୍ର, ହରେନ୍ଦ୍ର ପରିଡ଼ା, ଜିତେନ୍ଦ୍ର ପାତ୍ର, ସଞ୍ଜୟ ଦାସ, ଟୁଟୁ ସି, ବୁଲା ବାରିକ,ବିଶ୍ୱରଞ୍ଜନ ସେଠୀ, ମନୋରଞ୍ଜନର ସେଠୀ ଙ୍କ ସହି ପରିଷଦର ବହୁ ସଦସ୍ୟ କାର୍ଯ୍ୟ କ୍ରମ ରେ ସାମିଲ ହୋଇଛନ୍ତି ।

# ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ

ବାରିପଦା : ସ୍ଥାନୀୟ ତକତପୁରସ୍ଥିତ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟ ପରିସରରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଏହି ଆଡ଼ମ୍ବରପୂର୍ଣ୍ଣ କାର୍ଯ୍ୟକ୍ରମକୁ କଲେଜର ଅଧକ୍ଷ ଡଃ ରଞ୍ଜନ କୁମାର ତରେଇଙ୍କ ସଭାପତିତ୍ୱରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଅଧକ୍ଷ ନବାଗତ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଇନ ଶିକ୍ଷାର ମହତ୍ୱ, ଶୃଙ୍ଖଳା, ବୃତିଗତ ନୈତିକତା ଏବଂ ସମାଜ ପ୍ରତି ଥିବା ଦାୟିତ୍ୱବୋଧ ଉପରେ



ଗୁରୁତ୍ୱାରୋପ କରିଥିଲେ । ବରିଷ୍ଠ ଅଧ୍ୟାପକ ଡଃ ବନମାଳୀ ବାରିକ, ଶ୍ରୀ ଭକ୍ତ ଚରଣ ସୋରେନ ଏବଂ ଅଫିସ ସୁପରିଟେଣ୍ଡେଂଟ୍ ଶ୍ରୀ ଅତୁଲ୍ କୁମାର ମହାନ୍ତି ଯୋଗଦେଇ ନିଷ୍ଠା ଓ ମାନବିକ ମୂଲ୍ୟବୋଧକୁ ଆଧାର କରି ଜଣେ ଜଣେ ଦକ୍ଷ ତଥା ଦାୟିତ୍ୱବାନ ଆଇନଜୀବୀ ଭାବେ ନିଜକୁ ଗଢ଼ିତୋଳିବାକୁ ଉପଦେଶ ଦେଇଥିଲେ । ଏହି ସମାରୋହରେ ଅଧ୍ୟାପିକା ଜୟଶ୍ରୀ ମିଶ୍ର, ସୁଶ୍ରୀ ଏସ୍. ନାୟକ, ଶ୍ରୋଦ୍ଧା ଶୋରନ୍, ଅଙ୍କିତା ପଟ୍ଟନାୟକ, ଅଧ୍ୟାପକ ଧୀରେନ୍ଦ୍ର ବେହେରା, ସୁନୀଲ କୁମାର ଜେନା, ବୀରେନ୍ଦ୍ର ମୁର୍ମୁଙ୍କ ସମେତ କର୍ମଚାରୀ ତାପସ ରଞ୍ଜନ ଜେନା, ସ୍ନେହାଶିଷ ଦାସ, ରବୀନ୍ଦ୍ର ପୁଟ୍ଟି, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ଜୟନ୍ତ ବେହେରା, ଧର୍ମେନ୍ଦ୍ର ଦାସ ଓ ସଞ୍ଜୟ ଜେନା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ତୃତୀୟ ବର୍ଷର ଛାତ୍ରୀ ଦେବଯାନୀ ଦାସ ମଂଚ ପରିଚାଳନା କରିଥିବା ବେଳେ ବରିଷ୍ଠ ବିଦ୍ୟାର୍ଥୀମାନେ ନବାଗତଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ନବାଗତ ଛାତ୍ରଛାତ୍ରୀମାନେ ଆତ୍ମପରିଚୟ ପ୍ରଦାନ ସହ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ତେଜେଶ୍ୱିନୀ ସାହୁ, ବିକାଶ ଗୁପ୍ତା, ଦୀନଦୟାଲ ଖଣ୍ଡେଲୱାଲ, ନୀତିଶ ଅତା, ରାଜଲକ୍ଷ୍ମୀ ମଲ୍ଲିକ, ରିତୀକ କୁମାର ମହାନ୍ତ, ଶୁଭ୍ରାଂଶୁ ଶେଖର ଦତ, ରୂପାଲୀ ବରାଳ, ପ୍ରିୟବ୍ରତ ସିଂ ଓ ବର୍ଷା ପାତ୍ର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ପରିଶେଷରେ ଛାତ୍ରୀ ସନ୍ଧ୍ୟାରାଣୀ ବିନ୍ଧାଣି ଧନ୍ୟବାଦ ଅର୍ପଣ କରିଥିଲେ ଏବଂ କଲେଜ କର୍ତୃପକ୍ଷ ନବାଗତ ଶିକ୍ଷାର୍ଥୀମାନଙ୍କର ଉଜ୍ଜ୍ୱଳ ଶିକ୍ଷାଜୀବନ କାମନା କରିଥିଲେ ।

# ସରକାରୀ ଜାଗାରେ ବେଆଇନ ଘର ନିର୍ମାଣ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ

ଜୟପୁର : (ହି.ସ.)- ସରକାରୀ କାର୍ଯ୍ୟାଳୟ ପରିସରରେ ବେଆଇନ ଭାବେ ଘର ନିର୍ମାଣକୁ ଉଚ୍ଛେଦ କରାଯାଇଛି । ସରକାରୀ ଜମି ଜବରଦଖଲ କରି ନିର୍ମାଣ କରାଯାଇଥିବା ଘରକୁ ପ୍ରଶାସନ ପକ୍ଷରୁ ଆଜି ଉଚ୍ଛେଦ କରାଯାଇଛି । ଏଭଳି ଘଟଣା କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ତେନ୍ତୁଲିଗୁମ୍ମା ସଦର ମହକୁମା ସ୍ଥିତ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପରିସରରେ ଦେଖିବାକୁ ମିଳିଛି । ବେଆଇନ ଘର ହଟେଇବା ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ । ଏହା ପରେ ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟ କର୍ମୀ ତଥା ଏଏନଏମ ନିବେଦିତା ସୁନନ୍ୟା ମାଝୀଙ୍କୁ ତହସିଲ ତରଫରୁ ନୋଟିସ ଦିଆଯାଇଥିଲା । କିନ୍ତୁ, ମହିଳା ସ୍ୱାସ୍ଥ୍ୟ କର୍ମୀ ତହସିଲଦାରଙ୍କ ସୂଚନାକୁ ବେଖାତିର କରିଥିଲେ । ଯାହା ଫଳରେ ଆଜି ବାଧ ହୋଇ ଘଟଣାସ୍ଥଳରେ ସ୍ଥାନୀୟ ତହସିଲଦାର ତଥା ମାଜିଷ୍ଟ୍ରେଟ ସିଂଶ୍ୱା ଚୌଧୁରୀ, ବ୍ଲକ ପ୍ରଶାସନିକ ଅଧିକାରୀ ତଥା ମେଡିକାଲ ଅଧିକାରୀ ବସୁବଦତା ନାୟକ, ବିପିଏମ ହେମରାଜ ପାଣିଗ୍ରାହୀ ଏବଂ ତାଙ୍କ ମେଡିକାଲ ଷ୍ଟାଫ, ଏବିଡ଼ିଓ ନିବେଦିତା ଦଣ୍ଡସେନା, ସାମାଜିକ ସୁରକ୍ଷା ଅଧିକାରୀ କାର୍ତିକ ପାଢ଼ୀ, ଯୋଗାଣ ନିରୀକ୍ଷକ, ସରପଂଚ ମନମତି ନାୟକ, ସମିତିସଭ୍ୟ ଶଶୀ ପୂଜାରୀ, ପି.ଇଓ ଦୃତିକୃଷ୍ଣ ପାଙ୍ଗି, ଜିଆରଏଏସ ଜଗନ୍ନାଥ ନାୟକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ରେଡ୍ କର୍ମକର୍ତା ନବୀନ ବିଶୋଇ, ପୋଲିସ ଏଏସଆଇ ସାଧୁ ନାୟକ, ଅନ୍ୟାନ୍ୟ କର୍ମଚାରୀମାନେ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ଜବରଦଖଲ ହଟାଇଥିଲେ । ଉଚ୍ଛେଦ ସମୟରେ ଜବତ ହୋଇଥିବା ସାମଗ୍ରୀ ସ୍ଥାନୀୟ ପଂଚାୟତ କାର୍ଯ୍ୟାଳୟରେ ପିଇଓଙ୍କ ହେପାଜତରେ ରଖାଯାଇଛି । ମେଡିକାଲ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟ କର୍ମୀ ନିବେଦିତା ସୁନନ୍ୟା ମାଝୀଙ୍କୁ ଦଶମନ୍ତପୁର ବ୍ଲକର ଗିରିଲିଗୁମ୍ମାକୁ ବଦଳି ହୋଇଯାଇଛି । ଗତ ଡ଼ିସେମ୍ବର ୪ ତାରିଖରୁ ତାଙ୍କୁ ରିଲିଭ କରାଯାଇଛି କିନ୍ତୁ ସେ ନଅ ମାସ ହେବ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଘର ମାଡି ବସିଛନ୍ତି, କ୍ୱାଟର ମଧ୍ୟ ଛାଡୁ ନାହାନ୍ତି । ଏଣୁ ବାଧ ହୋଇ ଆଜି ବେଆଇନ ନିର୍ମାଣ ଘର ଭଙ୍ଗା ଗଲା କ୍ଷ ସେ ସ୍ୱାସ୍ଥ୍ୟ କର୍ମୀଙ୍କ ମାନସିକ ସମସ୍ୟା ଲକ୍ଷଣ ଦେଖାଯାଇଥିବା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିବା ସନ୍ଦେହ କରାଯାଉଛି । ଏଣୁ ତାଙ୍କ ଚିକିତ୍ସା ସହ ନିଜ କାର୍ଯ୍ୟରେ କିପରି ଯୋଗ ଦେବେ ସେ ନେଇ ବୁଝାସୁଝା ପାଇଁ ଚେଷ୍ଟା ଚାଲିଛି ବୋଲି ମତ ରଖିଛନ୍ତି ।

# ଦେଶୀ ମଦ ଚାଲାଣ ଚଢ଼ଉ :ଜଣେ ଗିରଫ

ଜୟପୁର : (ହି.ସ.)- ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢଉ କରି ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଆମ୍ବାଗୁଡାର ହିରଣ ମୟ ବୈଷ୍ଣବ । ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆମ୍ବାଗୁଡା ରାସ୍ତାରେ ଚଢଉ କରାଯାଇଥିଲା । ଚଢଉ କରି ୨୨ ଲିଟର ଦେଶି ମଦ ଜବତ କରି ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ତରଫରୁ ସୂଚନା ଦିଆଯାଇଛି ।

# ଭୁବନ ପ୍ରସିଦ୍ଧ ଗଣେଶ ପୂଜା ନିମନ୍ତେ ବିଭିନ୍ନ ପ୍ରତିଯୋଗିତା

ଭୁବନ : (ହି.ସ.)- ଢ଼େଙ୍କାନାଳ ଜିଲ୍ଲା ଭୁବନର ପ୍ରସିଦ୍ଧ ଗଣେଶ ପୂଜା ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଗଣେଶ ମେଲଣ ମହୋତ୍ସବ କମିଟି ପକ୍ଷରୁ ସ୍ଥାନୀୟ ବାଜିରାଉତ କଲ୍ୟାଣ ମଣ୍ଡପଠାରେ ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରବନ୍ଧ ପ୍ରତିଯୋଗିତାରେ ୧୫୮ ଜଣ ଓ ଚିତ୍ରାଙ୍କନରେ ୧୨୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ପ୍ରବନ୍ଧରେ ଇଂଟରନେଟ୍ ଓ ଛାତ୍ର ସମାଜ, ରିଲ୍ସ ସଂସ୍କୃତି ବନାମ ବାସ୍ତବ ଜୀବନ ଏବଂ ଜଳବାୟୁ ପରିବର୍ତନ ଓ ଯୁବ ସମାଜର ଦାୟିତ୍ୱ ଭଳି ସମସାମୟିକ ବିଷୟ ରହିଥିଲା ।ସେହିପରି ଚିତ୍ରାଙ୍କନରେ 'ବିଦ୍ୟାଦାତା ଶ୍ରୀ ଗଣେଶ', 'ଭୁବନର ଆରାଧ୍ୟ ବାବା ବୁଦ୍ଧେଶ୍ୱର' ଓ 'ଗର୍ବ ଗୌରବର ମାଟି ଭୁବନ' ବିଷୟରେ ବିଦ୍ୟାର୍ଥୀମାନେ ସୁନ୍ଦର ଚିତ୍ର ଅଙ୍କନ କରିଥିଲେ । ଭୁବନର କଂସା-ପିତଳ ଶିଳ୍ପ, ଦଶହରା ବଳଦ ଯାତ୍ରା ଓ ଐତିହ୍ୟ-ପରମ୍ପରାକୁ ମଧ୍ୟ ଚିତ୍ରରେ ପ୍ରତିଫଳିତ କରିଥିଲେ । ଗଣେଶ ମେଲଣ ମହୋତ୍ସବ କମିଟି ସଭାପତି ସୁବ୍ରତ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ସାହୁ, ସ୍ତମ୍ଭକାର ପ୍ରେମାନନ୍ଦ ପାଣିଗ୍ରାହୀ, ସମାଜସେବୀ ଅମ୍ବୁଜ ସାହୁ, ତୃପ୍ତି ପାଠାଗାର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ, ଗୋପବନ୍ଧୁ ସେବା ସଂଗଠନ ସଭାପତି ଅମ୍ବୁଜ ସାହୁ, ମିଥୁନ ପାତ୍ର, ରାମଚନ୍ଦ୍ର ନାୟକ ପ୍ରମୁଖ ମଂଚାସୀନ ଥିଲେ । ଭୁବନର ଅସ୍ମିତା, ପରମ୍ପରା, ଇତିହାସ, ପର୍ବ ପର୍ବାଣି ଓ ପର୍ଯ୍ୟଟନ ସ୍ଥଳୀ ସଂପର୍କରେ ଅତିଥି ମାନେ ସାରଗର୍ଭକ ଆଲୋଚନା କରୁଥିବା ବେଳେ ଢେଙ୍କାନାଳ ଇତିହାସ ସଂପର୍କିତ ଏକ ୱେବ ସାଇଟରେ ଭୁବନ ଦଶହରା ବଳଦ ଯାତ୍ରା ସ୍ଥାନିତ ନହେବା ଓ ପର୍ଯ୍ୟଟନ ସ୍ଥଳୀ ବାବା ବୁଦ୍ଧେଶ୍ୱର ପୀଠ ନାମ ନରହିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ମତ ଦେଇଥିଲେ । ଶିକ୍ଷକ ବସନ୍ତ ଦାସ ମଂଚ ପରିଚାଳନା କରିଥିଲେ । ଜ୍ୟୋତିଷ କୁମାର ସାହୁ, ବୀଣାପାଣି ବିହାରୀ ଓ ସରୋଜ ନାୟକ ପରୀକ୍ଷା ପରିଚାଳନା କରିଥିଲେ । ଶ୍ରୀ ଗଣେଶ ଚାରିଟେବୁଲେ ଟ୍ରଷ୍ଟ ସଭାପତି ଜିତେନ୍ଦ୍ର କୁମାର ଦାଶ, ସଂପାଦକ ଦୀପକ କୁମାର ବେହେରା, ନାରାୟଣ ନାୟକ, ଟିଟୁ ଦାସ, ମନୋରଞ୍ଜନ ବେହେରା, ସୌରଭ କୁମାର ରାଉତ, ଲିଙ୍ଗରାଜ ସାହୁ, ପିଂଟୁ ଦାସ, ଗୋପାଳ ନାୟକ, ସିଲୁ ନାୟକଙ୍କ ସମେତ କମିଟିର କର୍ମକର୍ତା ସକ୍ରିୟ ସହଯୋଗ କରିଥିଲେ ।

# ପଥପ୍ରାନ୍ତ ନାଟକ ମାଧ୍ୟମରେ ନିଶା ନିବାରଣ ସଚେତନତା

ଘଟଗାଁ : (ହି.ସ.)ଘଟଗାଁ ଏମ୍ ଇ ସ୍କୁଲ୍ ତରଫରୁ ନିଶା ନିବାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ରୋହିତ କୁମାର ବେହେରା ଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ରେ ଛାତ୍ର ଛାତ୍ରୀ ମାନେ ପ୍ଲା କାର୍ଡ ଧରି ନିଶା ନିବାରଣ ଉପରେ ବିଭିନ୍ନ ସ୍ଲୋଗାନ ଦେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପଥ ପ୍ରାନ୍ତ ନାଟକ ମାଧ୍ୟମ ରେ ଛାତ୍ରଛାତ୍ରୀ ମାନେ ନିଶା ସେବନ କଲେ ନିଜର ସୁସ୍ଥ ଶରୀର ଅସୁସ୍ଥ ହେବା ସହ ପରିବାର ସଦସ୍ୟଙ୍କ ଦୁଃଖ ବଢିବା ସଙ୍ଗେ ସମାଜରେ ନିନ୍ଦିତ ହେବାକୁ ପଡିବ ବୋଲି ଲୋକ ମାନଙ୍କୁ ସଚେତନ କରିଥିଲେ ।ଆହୁରି ମଧ୍ୟ ଅଭିନୟ ମାଧ୍ୟମରେ ସଚେତନ କରି ନିଶା କାରବାର ଯୋଗୁଁ ଯୁବପିଢ଼ି ପଥ ଭ୍ରଷ୍ଟ ହେବା ସହ ଅନେକ ଅପ୍ରୀତିକର ଘଟଣା ଘଟୁଛି ବୋଲି ସଂକେତ ଦେଇଥିଲେ । କାର୍ଯ୍ୟକ୍ରମ କୁ ଘଟଗାଁ ବି, ଇ, ଓ ହରେକୃଷ୍ଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏ ବି ଇ ଓ ସଞ୍ଜୟ ପଲେଇ, ସି ଆର ସି ସି କମଳାକାନ୍ତ ପଣ୍ଡା, ନବକୃଷ୍ଣ ରାଉତ, ଘଟଗାଁ ବ୍ଲକ ଏଲିମେଂଟ । ରି ଶିକ୍ଷକ ସଂଘ ଉପସଭାପତି ସିମନ ସ୍ମିତା ପୃଷ୍ଟି ପ୍ରମୃଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଥିଲେ । ପଥପ୍ରାନ୍ତ ନାଟକ ଅବସରରେ ଘଟଗାଁ ର ବରିଷ୍ଠ ନାଗରିକ ପ୍ରମୋଦ ଦେହୁରୀ, ଅଲି ଅହମଦ, ଅବସର ପ୍ରାପ୍ତ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ବିଶିଷ୍ଟ ସମାଜସେବୀ ପଦ୍ମଲୋଚନ ବଳ ଉପସ୍ଥିତ ରହି ବହୁମୂଲ୍ୟ ବାର୍ତା ପ୍ରଦାନ କରିଥିଲେ । ଘଟଗାଁ ଥାନା ଅଧିକାରୀ ସୁଭ୍ରାନ୍ତ କୁମାର ଜେନା କାର୍ଯ୍ୟକ୍ରମ ରେ ସାମିଲ ହୋଇ ପିଲାମାନଙ୍କୁ ଓ ଜନସାଧାରଣ ଙ୍କୁ ଉଦବୋଧନ ଦେଇଥିଲେ । ଠିକ୍ ସେହିପରି ଘଟଗାଁ ବି ଇ ଓ ଙ୍କ କାର୍ଯ୍ୟାଳୟରେ ବରିଷ୍ଠ ଅନୁଭ ।ଗ ଅଧିକାରୀ ଧିରେନ କୁମାର ବେଜ୍, ଅମର କୁମାର ପାତ୍ର ଉପସ୍ଥିତ ରହି ରାଲୀ କୁ ସମ୍ବୋଧିତ କରିଥିଲେ । ସହକାରୀ ଶିକ୍ଷକ ମାଗୁଣି ଚରଣ ମାଝୀ, ସଞ୍ଜୀବ ସାହୁ, ଶୁଭକାନ୍ତ ସେଠୀ, ଶିକ୍ଷୟିତ୍ରୀ ମାଳତୀ କୁମାରୀ ନାଥ ଶର୍ମା, ଭାରତୀ ମହାନ୍ତି, ରଶ୍ମିତା ମହାନ୍ତ, ଗୋଷ୍ଠୀ ଶିକ୍ଷକ ଭରତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଛାତ୍ରୀ ଜାଗୃତି ଭଞ୍ଜ, ରିଙ୍କି ଦାସ, ତିଥି ପ୍ରଜ୍ଞା ସିଂ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ପାଣ୍ଡ୍ରିପାଣି ଠାରେ ମଣ୍ଡଳ ସ୍ତରୀୟ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

ମାଲକାନଗିରି : (ହି.ସ.) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଗାମୀ ଜନ୍ମଦିବସ ଅବସରରେ ପାଣ୍ଡ୍ରିପାଣି ମଣ୍ଡଳ ପକ୍ଷରୁ ମାର୍କାପାଲି ଧାନ ମଣ୍ଡି ଠାରେ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମର ମଣ୍ଡଳ ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଦୀ ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣ ପାଇଁ ଆରମ୍ଭ ଏହି ଦୀର୍ଘ ଯାତ୍ରାକୁ ଦଳ ପକ୍ଷରୁ ସଫଳ କରିବା ପାଇଁ ପ୍ରତ୍ୟେକ ବୁଥ ସ୍ତରରୁ ଲାଭାର୍ଥି ଯଥା ମାଗଣା ଗ୍ୟାସ, ଶୌଚାଳୟ ଓ ମାଗଣା ରାସନ, ଆୟଷ୍ମାନ ଯୋଜନା ପାଇଥିବା ଲାଭାର୍ଥି ଘରେ ଗୋଟିଏ ଗୋଟିଏ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିବା ସହ ଭାଜପା ଶାସନରେ ହୋଇଥିବା କାର୍ଯ୍ୟକୁ ନେଇ ଘରେ ଘରେ ସେବା ଓ ଜନ ସମ୍ପର୍କ ସୃଷ୍ଟି କରିବାକୁ ଶ୍ରୀ ମାଡକାମୀ ଆହ୍ୱାନ ଦେଇଥିଲେ । ସେହିପରି ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକରେ ମା ଓ ଶିଶୁ ପାଇଁ ହେଉଥିବା ଉତମ ଯୋଜନା ଗୁଡ଼ିକ ଦ୍ୱାରା ଶିଶୁ ଓ ମାଆଙ୍କ ଶାରୀରିକ ଅଭିବୃଦ୍ଧି ଓ ଶିଶୁଙ୍କ ମାନସିକ ଅଭିବୃଦ୍ଧି ଏକ ଯୁଗାନ୍ତକାରୀ ପଦକ୍ଷେପ ହୋଇ ରହିଛି ସେ ବାବଦରେ ବର୍ଣ୍ଣନା କରିଥିଲେ । ଏଥିସହ ସେ କାର୍ଯ୍ୟକର୍ତାଙ୍କୁ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ବିକାଶମୂଳକ କାର୍ଯ୍ୟରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ନିହାର ରାୟ, ପୂର୍ବତନ ଉପ ସଭାପତି ଯୋଗିୟା ୱାଙ୍କାଡ଼, ଏସଟି ମୋର୍ଚା ସଭାପତି ସୋମନାଥ ମାଢ଼ୀ, ଏସଟି ମୋର୍ଚା ମଣ୍ଡଳ ସଭାପତି ମୁଆଁ ମାଡକାମୀ, ମହାଦେବ ମାଡକାମୀ, ହଳଧର ୱାଙ୍କାଡ଼, ସନିଆ ମୁଦୁଲି, ତ୍ରିଲୋଚନ ପରିଛା, ଲଖଣ ଖରା ଉପସ୍ଥିତ ରହିଥିଲେ ।

# ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗ ଏବଂ 'ସ୍ୱାତୀ' ଅନୁଷ୍ଠାନ ଦ୍ୱାରା ମାନସିକ ଚାପ ନିୟନ୍ତ୍ରଣ କର୍ମଶାଳା

କନ୍ଧମାଳ : (ହି.ସ.)- କନ୍ଧମାଳ ଜିଲ୍ଲା ଚାଟେଂଡି ଏବଂ ଗୁଟିଙ୍ଗିଆ ର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ଆଜି ପୂର୍ବାହ୍ନ ୧୧ଟା ସମୟରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗ ଏବଂ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ର ମିଳିତ ସହଯୋଗରେ ଏକ ଦିବସୀୟ ଚାପ ନିୟନ୍ତ୍ରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗର ମାନସିକ ସ୍ୱାସ୍ଥ୍ୟ ସାମାଜିକ କର୍ମୀ ମାଳତୀ ବେହେରା, ଆଶାକର୍ମୀ, ଅନଙ୍ଗୱାଡି କର୍ମୀ, ଯତ୍ନକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା, ପରିବାର ସହାୟତା ଗୋଷ୍ଠୀ ସଭ୍ୟ ସଭ୍ୟା, ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁପ୍ରଭା ନାୟକ, ପ୍ରଗତିକା ସାହୁ (ଗୁଟିଙ୍ଗିଆ), ମୁଖ୍ୟ ଅତିଥି ଶ୍ରୀମତି ଆକାଂକ୍ଷ୍ୟା ପ୍ରଧାନ୍ ସରପଂଚ ଗୁଟିଙ୍ଗିଆ, ଏହିପରି ଭାବରେ ମୋଟ ୧୦୮ ଜଣ ଯୋଗଦାନ କରିଥିଲେ । ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ, ମାନସିକ ରୋଗ, ଲକ୍ଷଣ, କାରଣ, ନିରାକରଣ ସହିତ ମାନସିକ ଚାପର କାରଣ ଓ ତାହାର ଉତ୍ପତି ଉପରେ ପରିପ୍ରକାଶ କରି ସମାଜରେ ଘଟି ଯାଉଥିବା ଅନୁପଯୋଗୀ କାର୍ଯ୍ୟକ୍ରମ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ସଚେତନ କରିବା ସହିତ ଚାପ ନିୟନ୍ତ୍ରଣ କିପରି କରାଯାଇ ପାରିବ ଚିତ୍ର ମାଧ୍ୟମରେ ମାଳତୀ ବେହେରା ଆଲୋଚନା କରିଥିଲେ । ମାନସିକ ଅସୁସ୍ଥ ବ୍ୟକ୍ତିମାନେ କିପରି ଚିକିତ୍ସା ହେବେ ଏବଂ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରରେ ଔଷଧ ପାଇବେ ସେ ବିଷୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଚାଂଚେଡି ଏବଂ ଗୁଟିଙ୍ଗିଆ ଲୋକମାନଙ୍କୁ ଅବଗତ କରାଇଥିଲେ । ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗ ଏବଂ ସ୍ୱାତୀର ଏହିପରି ମିଳିତ କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ମାନସିକ ଅସୁସ୍ଥ ବ୍ୟକ୍ତି ମାନେ ଚିକିତ୍ସା ପାଇପାରୁଛନ୍ତି ବୋଲି ପ୍ରଶଂସା କରିବା ସହିତ ଏହିପରି କାର୍ଯ୍ୟକ୍ରମ ଦ୍ୱାରା ପ୍ରତ୍ୟେକ ପଂଚାୟତରେ ଆହୁରି ସଚେତନତା ସୃଷ୍ଟି କରିବା ନିମନ୍ତେ ଶ୍ରୀମତୀ ଆକାଂକ୍ଷ୍ୟା ପ୍ରଧାନ (ଗୁଟିଙ୍ଗିଆ) ମତ ପ୍ରଦାନ କରିଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପ୍ରକଳ୍ପ ସଂଯୋଜକ ଗିରିଶ ଚନ୍ଦ୍ର ସାମଲ ପରିଚାଳନା କରିଥିବା ବେଳେ ସ୍ୱାତୀ ମାନସିକ ସ୍ୱାସ୍ଥ୍ୟ ଗୋଷ୍ଠୀ ସଂଯୋଜକମାନେ ସହଯୋଗ କରିଥିଲେ । ଶେଷରେ ଅଲୋକ ସାମନ୍ତରାୟ ଉପସ୍ଥିତ ଥିବା ସମସ୍ତ ସଭ୍ୟ ସଭ୍ୟା ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।





# ମୃତିକା ବୁଦ୍ଧିମତା: ଭାରତର ଭିତିଭୂମି ବିକାଶରେ ଆଇସିଏଆରର ନୂଆ ଦିଗ

ଭାରତ ଆଜି ଏକ ଅଭୂତପୂର୍ବ ଏବଂ ଐତିହାସିକ ଗତିରେ ନିଜର ଡିଜିଟାଲ୍, ଭୌତିକ ଏବଂ 'ଫିଜିଟାଲ୍' ଭବିଷ୍ୟତ ନିର୍ମାଣ କରୁଛି । ଦେଶରେ ବାର୍ଷିକ ହାରାହାରି ୪.୫ ଲକ୍ଷରୁ ଅଧିକ ରୁଟ୍ କିଲୋମିଟର ଅପ୍ଟିକାଲ୍ ଫାଇବର କେବୁଲ୍ ନେଟୱାର୍କ ସମ୍ପ୍ରସାରଣ କରାଯାଉଛି । ଏହା ସହିତ ପ୍ରତିବର୍ଷ ପ୍ରାୟ ୧୧,୦୦୦ କିଲୋମିଟର ଜାତୀୟ ରାଜପଥ ନିର୍ମାଣ, ୬,୫୦୦ କିଲୋମିଟର ରେଳପଥର ବିଦ୍ୟୁତୀକରଣ ଏବଂ ପ୍ରାୟ ୫,୦୦୦ କିଲୋମିଟର ନୂତନ ରେଳଧାର ଯୋଡ଼ାଯାଉଛି । ଦେଶର ଭୌଗୋଳିକ ପରିସରରେ ବହୁବର୍ଷୀୟ ଜାତୀୟ ବିସ୍ତାର ମାଧ୍ୟମରେ ପ୍ରାୟ ୨.୨୮ ନିୟୁତ କିଲୋମିଟରର ଡିଜିଟାଲ୍ ସଂଯୋଗୀକରଣ ଯୋଡ଼ିବା ପାଇଁ ଏକ ବହୁ-ବର୍ଷୀୟ ଜାତୀୟ ଅଭିଯାନ ଚାଲିଥିବା ବେଳେ, ଦେଶରେ ଦୈନିକ ପ୍ରାୟ ୩୦ କିଲୋମିଟର ରାଜପଥ ଏବଂ ୧୨ ରୁ ୧୫ କିଲୋମିଟର ନୂତନ ରେଳଲାଇନ୍ ବିଛାଯାଉଛି । ତଥାପି, ଏହି ବିସ୍ତୃତ ପରିବହନ କରିଡର, ଅଲ୍ଟ୍ରା-ମେଗା ସୌର ପାର୍କ ଏବଂ ବିଶାଳ ଡିଜିଟାଲ୍ ନେଟୱାର୍କର ବିସ୍ତାର ସହିତ, କୃଷି ବିଜ୍ଞାନ ନେତୃତ୍ୱରେ ଏକ ନୀରବ ବୈଷୟିକ ସହାୟତା ଠିକ୍ ମାଟି ତଳେ ଆଗେଇ ଚାଲିଛି । ବୃହତ୍ ପ୍ରକଳ୍ପ କାର୍ଯ୍ୟାରମ୍ଭ କରିବା ପୂର୍ବରୁ ମାଟି ବାବଦରେ କୌଣସି ସୂଚନା ନଥିଲେ ମଧ୍ୟ ନିଲାମକାରୀମାନଙ୍କୁ ମାଟି ଖୋଳିବାର ଖର୍ଚ୍ଚ ଆକଳନ ପ୍ରସ୍ତୁତ କରିବାକୁ ପଡ଼େ । ପ୍ରକଳ୍ପ ଟେଣ୍ଡର୍ ପ୍ରକ୍ରିୟାର ସମୟସୀମା ସାଧାରଣତଃ ଅତ୍ୟନ୍ତ ସ୍ୱଳ୍ପ ହୋଇଥିବାରୁ, ଦ୍ରୁତ ଏବଂ ବିଶ୍ୱସନୀୟ ମାଟି ସମ୍ବନ୍ଧୀୟ ତଥ୍ୟ ଏହି କାର୍ଯ୍ୟରେ ଆସିବାଥିବା ଆଶଙ୍କାକୁ ଅନେକ ମାତ୍ରାରେ କମାଇପାରେ, ବିଶେଷକରି ଯେତେବେଳେ ପ୍ରକଳ୍ପଟି ଭାରତ ବାହାରେ ହେଉଥାଏ ଏବଂ ସ୍ଥାନୀୟ ଭୂପୃଷ୍ଠ ସମ୍ବନ୍ଧୀୟ ତଥ୍ୟ ପାଇବା କଷ୍ଟକର ହୁଏ ସେତେବେଳେ ଏପରି ଆଶଙ୍କା ଅଧିକ ରହେ । ଏହାସହିତ, ବିଡ୍ ଜିତିବା ପରେ କାର୍ଯ୍ୟନିର୍ବାହକମାନେ ଆସୁଥିବା ଲକ୍ଷ ଲକ୍ଷ ଟଙ୍କାର ଏକ ଦୁଃସ୍ୱପ୍ନର ସମ୍ମୁଖୀନ ହୁଅନ୍ତି । କିନ୍ତୁ ବାସ୍ତବରେ ଏକ ଇଞ୍ଜିନିୟରିଂ ଦଳ ନରମ ମାଟି ମଧ୍ୟରେ ସୁଗମ ଭାବରେ ଖୋଳି ଯାଉଥିବା ବେଳେ ହଠାତ୍ ଭୂଗର୍ଭସ୍ଥ ଅଭେଦ୍ୟ ପଥରର ପ୍ରାଚୀରକୁ ସମ୍ମୁଖୀନ ହୁଏ, କିମ୍ବା କଳା ମାଟି ଉପରେ ନିର୍ମିତ ନୂଆ ରାସ୍ତା ଫାଟିବା ଏବଂ ବଙ୍କିବା ଆରମ୍ଭ କରେ । କାମ ବନ୍ଦ ହୋଇଯାଏ, ଯନ୍ତ୍ରପାତି ନିଷ୍କ୍ରିୟ ହୋଇ ପଡ଼ିରହେ ଏବଂ ପ୍ରକଳ୍ପ ଖର୍ଚ୍ଚ ଆକାଶଛୁଆଁ ହୋଇଯାଏ । ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଅଭାବକୁ ପୂରଣ କରିବା ପାଇଁ, ନାଗପୁରସ୍ଥିତ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏମ୍ଆ)-ଜାତୀୟ ମୃତିକା ଏବଂ ଭୂମି ବ୍ୟବହାର ଯୋଜନା ସର୍ବେକ୍ଷଣ ବ୍ୟୁରୋ (NBSS&LUP)ର ବୈଜ୍ଞାନିକମାନେ ଏକ ଅଭିନବ ପଦ୍ଧତି ବିକଶିତ କରିଛନ୍ତି । ଏହା ହେଉଛି ମୃତିକା ବୁଦ୍ଧିମତା-ଆଧାରିତ ପୂର୍ବାନୁମାନମୂଳକ ଇଞ୍ଜିନିୟରିଂ । ଦଶନ୍ଧି ଧରି ସଂଗୃହୀତ ମୃତିକା ତଥ୍ୟକୁ ଉନ୍ନତ ମେସିନ୍ ଲର୍ଣ୍ଣିଂ ସହିତ ଏକତ୍ରିତ କରି ଆଇସିଏମ୍ଆର, ମୃତିକାର ଏକ "ଏକ୍ସ-ରେ ଦୃଷ୍ଟି" ପ୍ରଦାନ କରିବାରେ ସମର୍ଥ ହୋଇପାରୁଛନ୍ତି । ଏହା ଏତେ ନିର୍ଭରଯୋଗ୍ୟ ଯେ, କୌଣସି ଅଂଚଳର ମୃତିକା ସ୍ଥିତି ଜାଣିବା ପାଇଁ ଗୋଟିଏ କୋଡ଼ି ମାଟି ଖୋଳିବାର ବି ଆବଶ୍ୟକତା ରହେ ନାହିଁ । ଏହା ପ୍ରମାଣ କରୁଛି ଯେ କୃଷି ଗବେଷଣା କେବଳ ଚାଷଜମି ମଧ୍ୟରେ ସୀମିତ ନୁହେଁ, ବରଂ ଜାତୀୟ ବିକାଶର ଏକ ମୌଳିକ ଚାଳକ ହୋଇପାରିଛି । ବେଗ ଏବଂ ବିସ୍ତାରର ଅଦୃଶ୍ୟ ଶୂନ୍ୟସ୍ଥାନ ସାମ୍ପ୍ରତିକ ସମୟରେ ଭାରତ ଯେଉଁଭଳି ଭାବେ ବିକାଶର ବେଗ ଗ୍ରହଣ କରିଛି ତାହା ପାରମ୍ପରିକ ଯୋଜନାଗୁଡ଼ିକ ପାଇଁ ବାଧକ ସାଜୁଛି । ଉପଲବ୍ଧ ପରିସଂଖ୍ୟାନ ଅନୁଯାୟୀ, ଭାରତର ମୋଟ ଡିଜିଟାଲ୍ ଫୁଟପ୍ରିଂଟ୍ ପ୍ରାୟ ୧୯.୩୫ ଲକ୍ଷ ରୁଟ୍ କିଲୋମିଟରରୁ ବଢ଼ି ୪୨.୩୬ ଲକ୍ଷ ରୁଟ୍ କିଲୋମିଟରରୁ ଅଧିକ ହୋଇଛି, ଯାହା ଏକ ବିଶାଳ ବହୁବର୍ଷୀୟ ବିସ୍ତାରକୁ ପ୍ରତିଫଳିତ କରେ । ସେହି ପାଂଚବର୍ଷୀୟ ସମୟଖଣ୍ଡରେ ଦେଶ ଅଭୂତ ପୂର୍ବ ଭାବେ ୫୭,୧୨୫ କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରିଛି । ଏହା ସହିତ, ଭାରତୀୟ ରେଳବାଇ ୩୩,୦୦୦ ରୁଟ୍ କିଲୋମିଟରରୁ ଅଧିକ ରେଳପଥକୁ ବିଦ୍ୟୁତୀକରଣ କରିଛି, ଯାହାର ପରିମାଣ ବାର୍ଷିକ ହାରାହାରି ପ୍ରାୟ ୬,୬୦୦ କିଲୋମିଟର । ଏହା ଫଳରେ ବ୍ରଡ୍-ଗେଜ୍ ନେଟୱାର୍କର ପ୍ରାୟ ୯୯.୬% ବିଦ୍ୟୁତୀକରଣ ହୋଇପାରିଛି ଏବଂ ପ୍ରତିଦିନ ୧୫ରୁ ଅଧିକ ରୁଟ୍ କିଲୋମିଟର ବିଦ୍ୟୁତ୍ ତାର ସଂଯୋଜନ ହେଉଛି । ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ, ଭାରତ ତାହାର ପ୍ରମୁଖ ସୌର ଯୋଜନା ଅଧୀନରେ ୫୪ରୁ ୫୬ଟି ବୃହତ୍ ପରିମାଣର ସୌର ପାର୍କକୁ ଅନୁମୋଦନ କରିଛି । ଏହି ପ୍ରକଳ୍ପଗୁଡ଼ିକର ଅନୁମୋଦିତ କ୍ଷମତା ହେଉଛି ପ୍ରାୟ ୩୯.୫ ଗିଗାୱାଟ । ସେହିପରି ୧୦୦ରୁ ଅଧିକ ସରକାରୀ ଏବଂ ବେସରକାରୀ ପାର୍କରେ ଭୂମି ଉପରେ ସ୍ଥାପିତ ସୌର ଶକ୍ତିର ମୋଟ କ୍ଷମତା ୧୨୨ ଗିଗାୱାଟରୁ ଅଧିକ ହୋଇଛି । ଏହି ବିଶାଳ କାର୍ଯ୍ୟରେ ଜଡ଼ିତ ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥା-ଭୂଗର୍ଭସ୍ଥ ଯୋଗାଯୋଗ ଲାଇନ୍ ବିଛାଇବା, ବିଦ୍ୟୁତ୍ ପ୍ରସାରଣ ଟାୱାର୍ ସ୍ଥାପନ କରିବା କିମ୍ବା ବିଶାଳ ସୌର ମାଉଂଟଗୁଡ଼ିକୁ ମାଟିରେ ଦୃଢ଼ ଭାବେ ସ୍ଥାପନ କରିବା-ସଠିକ୍ ଭୂଗର୍ଭସ୍ଥ ତଥ୍ୟ ଉପରେ ବହୁତ ନିର୍ଭର କରନ୍ତି । କିନ୍ତୁ ପାରମ୍ପରିକ ପ୍ରାରମ୍ଭିକ ଭୂ-ପ୍ରଯୁକ୍ତିବିଦ୍ୟା ସର୍ଭେଗୁଡ଼ିକ ସମୟ ଏବଂ ଖର୍ଚ୍ଚ ଦୃଷ୍ଟିରୁ ଅତ୍ୟନ୍ତ ଅଧିକ । ପ୍ରକଳ୍ପଗୁଡ଼ିକ ଏତେ ଦ୍ରୁତ ଗତିରେ ଆଗକୁ ବଢୁଥିବାରୁ, ଏହି ଗୁରୁତ୍ୱପୂର୍ଣ୍ଣ ମୃତିକା ଅନୁସନ୍ଧାନଗୁଡ଼ିକ ପ୍ରାୟତଃ ଛାଡ଼ି ଦିଆଯାଏ କିମ୍ବା ସୀମିତ କରାଯାଏ । ଫଳସ୍ୱରୂପ, ଅନିଶ୍ଚିତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର), ଅବିଶ୍ୱସନୀୟ ଖର୍ଚ୍ଚ ଆକଳନ ଏବଂ ବିଡର୍ମାନଙ୍କ ପାଇଁ ଗୁରୁତର ଆର୍ଥିକ ସଙ୍କଟ ପ୍ରକଳ୍ପ ଆଗରେ ପ୍ରତିବନ୍ଧକ ସ୍ୱରୂପ ଠିଆ ହୁଏ । କୃଷି-ଭିତିଭୂମି ସମ୍ପର୍କ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏମ୍ଆ)-ଜାତୀୟ ମୃତିକା ଏବଂ ଭୂମି ବ୍ୟବହାର ଯୋଜନା ସର୍ବେକ୍ଷଣ ବ୍ୟୁରୋ ଏହି ଶୂନ୍ୟସ୍ଥାନକୁ ଏକ ପ୍ରମାଣିତ, ସମୟ-ପରୀକ୍ଷିତ ପ୍ରଯୁକ୍ତି ମାଧ୍ୟମରେ ପୂରଣ କରିବାକୁ ଆଗେଇ ଆସିଛି, ଯାହା ଭାରତ ଏବଂ ଅନ୍ୟାନ୍ୟ କେତେକ ଦେଶରେ ଏବେ କାର୍ଯ୍ୟକ୍ଷମ । ସାଟେଲାଇଟ୍ ରିମୋଟ୍ ସେନ୍ସିଂ ଏବଂ ମେସିନ୍ ଲର୍ଣ୍ଣିଂର ସହାୟତା ନେଇ ଆଇସିଏଆର ସ୍ଥାନ-ନିର୍ଦ୍ଦିଷ୍ଟ ଭୂ-ପ୍ରଯୁକ୍ତିବିଦ୍ୟା ମୃତିକା ଗୁଣଧର୍ମ-ଯଥା ମାଟିର ଗଭୀରତା, ସିଭିଲ୍ ଇଞ୍ଜିନିୟରିଂ ଗଠନକୁ ସମର୍ଥନ କରିବାରେ ନିର୍ଣ୍ଣାୟକ ଉପାଦାନ, ଘନତା ଇତ୍ୟାଦି-ଧୀର, ମହଙ୍ଗା ଏବଂ ବ୍ୟାଘାତ ସୃଷ୍ଟିକାରୀ ଭୂମି ଡ୍ରିଲିଂର ଆବଶ୍ୟକତା ବିନା ପୂର୍ବାନୁମାନ କରୁଛି । ଏହି କାର୍ଯ୍ୟପଦ୍ଧତି ଏକ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ପାଇପଲାଇନ୍ ମଧ୍ୟରେ ବହୁ-ଉତ୍ସ ଜିଓସ୍ପାସିଆଲ୍ ଇନପୁଟ୍ ଉପରେ ମେସିନ୍-ଲର୍ନିଂ ରେଗ୍ରେସନ୍ ମଡେଲଗୁଡ଼ିକୁ ନିୟୋଜିତ କରେ । ସାଟେଲାଇଟ୍ ଚିତ୍ର, ଡିଜିଟାଲ୍ ଏଲିଭେସନ୍ ମଡେଲ୍, ଭୂ-ଭାଗର ଢାଲୁ ଉତ୍ପନ୍ନ, ଶିଳାତତ୍ତ୍ୱ, ଏବଂ ଭୂତଳ ଜଳ ସ୍ତରର ପ୍ରକ୍ରିୟାକରଣ କରି, ଆଇସିଏଆରର ମୃତିକା ବର୍ଗୀକରଣ ଇଞ୍ଜିନ୍ ସଠିକ୍, ସ୍ଥାନ-ନିର୍ଦ୍ଦିଷ୍ଟ ପୂର୍ବାନୁମାନ କରେ । ଏହି ବ୍ୟବସ୍ଥା ସଠିକ୍ ଭାବରେ ମାଟିର ଗଭୀରତା (ନରମ, କଠିନ, କିମ୍ବା ମିଶ୍ରିତ ସ୍ତରର ଗଭୀରତା) ଏବଂ ଅନ୍ୟାନ୍ୟ ପାରାମିଟରର ପୂର୍ବାନୁମାନ କରେ । ଏହି ପରିମାପକଗୁଡ଼ିକ ପ୍ରାରମ୍ଭିକ ଜିଓଟେକ୍ନିକାଲ୍ ଡିଜାଇନ୍, ଡିପିଆର ପ୍ରସ୍ତୁତି, ଏବଂ ପ୍ରାକ୍-ଟେଣ୍ଡର ଖର୍ଚ୍ଚ ଆକଳନ ପାଇଁ ଇଞ୍ଜିନିୟରିଂ ସଂସ୍ଥାଗୁଡ଼ିକ ଦ୍ୱାରା ସିଧାସଳଖ ବ୍ୟବହୃତ ହୁଏ । ପାରମ୍ପରିକ କ୍ଷେତ୍ର ସର୍ବେକ୍ଷଣ ତୁଳନାରେ ଏହି ଡିଜିଟାଲ୍ ସମାଧାନ, ଖର୍ଚ୍ଚ ଏବଂ ସମୟ ଉଭୟ କ୍ଷେତ୍ରରେ ୭୫% ହ୍ରାସ ଆଣିଥାଏ । ଏକ ସୀମିତ, ତିନି ଜଣିଆ ସଦସ୍ୟଙ୍କ ଦଳ ପ୍ରତିଦିନ ଆନୁମାନିକ ୧,୦୦୦ କିଲୋମିଟରର ରୈଖିକ ପଥ ପ୍ରକ୍ରିୟାକରଣ କରିପାରିବେ, ଯାହା ଏହାକୁ ବୃହତ-ସ୍କେଲ୍, ସମୟସୀମା-ବଦ୍ଧ ଜାତୀୟ ଯୋଜନା ପାଇଁ ଅନନ୍ୟ ଭାବରେ ଉପଯୁକ୍ତ କରିଥାଏ । ଭାରତର ୫୦,୦୦୦ କିଲୋମିଟରରୁ ଅଧିକ ଅଂଚଳରେ ଏହି ପୂର୍ବାନୁମାନମୂଳକ ଦୃଷ୍ଟିକୋଣକୁ ସାବ୍ୟସ୍ତ କରିବା ପରେ, ସ୍ୱଳ୍ପ ଡାଟା ଥିବା ଅଂଚଳରେ ମଧ୍ୟ ଫିଲ୍ଡ-ଯାଂଚ ହୋଇଥିବା ଡାଟା ତୁଳନାରେ ପ୍ରାୟ ୮୦% ର ପୂର୍ବାନୁମାନ ସଠିକତା (ମୂଲ୍ୟ କ୍ରମାଗତ ଭାବରେ ୦.୭୮ ରୁ ଅଧିକ) ହାସଲ କରିବା ସହ, ଆଲଗୋରିଦମଗୁଡ଼ିକୁ ଏବେ ମାନକୀକୃତ କରାଯାଇଛି । ବିଶ୍ୱବ୍ୟାପୀ ପଦଚିହ୍ନ ଏବଂ ବାଣିଜ୍ୟିକ ବିଶ୍ୱସନୀୟତା ଏହି ବ୍ୟବସ୍ଥାକୁ ଭାରତର ଅତ୍ୟନ୍ତ ବିବିଧ ଭୌଗୋଳିକ ଅଂଚଳ-ଉତରାଖଣ୍ଡ ଓ ଆସାମର ହିମାଳୟ ପର୍ବତମାଳା, ରାଜସ୍ଥାନର ଥର ମରୁଭୂମି, ଦାକ୍ଷିଣାତ୍ୟ ମାଳଭୂମି ଏବଂ ସିନ୍ଧୁ-ଗଙ୍ଗା ସମତଳ ଭୂମି ପର୍ଯ୍ୟନ୍ତ କ୍ଷେତ୍ର ସ୍ତରରେ କଠୋର ଭାବରେ ପରୀକ୍ଷା କରାଯାଇଛି । ଫିଲ୍ଡ ଡାଟା ତୁଳନାରେ ସଫଳତା ହାସଲ କରିଥିବା ଏହି ପ୍ରଯୁକ୍ତିବିଦ୍ୟା ଏବେ ଜାତୀୟ ସୀମା ଅତିକ୍ରମ କରିସାରିଛି । ଭାରତ ଏବଂ ଆନ୍ତର୍ଜାତିକ ଅଂଚଳରେ ଦୁଇଲକ୍ଷରୁ ଅଧିକ ରୁଟ୍-କିଲୋମିଟରର ନକ୍ସା ନିର୍ଦ୍ଧାରଣ କରିବା ପାଇଁ ଅଗ୍ରଣୀ ସରକାରୀ ଓ ବେସରକାରୀ ଭିତିଭୂମି ସଂସ୍ଥାଗୁଡ଼ିକ ଏହି ବ୍ୟବସ୍ଥାକୁ ନିୟୋଜିତ କରିସାରିଛନ୍ତି, ଯାହା



ଡ. ଏମ୍ଏଲ୍ ଜାଟ୍



ଡ. ଏନ୍.ଜି. ପାଟିଲ୍

ଆସିଏଆରର ଗବେଷଣା ପରିସଂସ୍ଥାନ ପାଇଁ ସମ୍ବଳ ସୃଷ୍ଟି କରିବା ସହିତ ମୂଲ୍ୟବାନ ବୈଦେଶିକ ମୁଦ୍ରା ସଂଚୟ କରୁଛି ଏବଂ ଭାରତୀୟ କମ୍ପାନୀଗୁଡ଼ିକୁ ବିଶ୍ୱସ୍ତରୀୟ ସଂସ୍ଥାଗୁଡ଼ିକ ସହିତ ପ୍ରତିଯୋଗିତା କରିବା ଓ ବୃଦ୍ଧି ପାଇବାରେ ସାହାଯ୍ୟ କରୁଛି । ଅଦାନୀ ଟ୍ରାନ୍ସମିସନ୍ ଲିମିଟେଡ୍, ଷ୍ଟେରଲାଇଟ୍ ଟେକ୍ନୋଲୋଜିସ୍ ଲିମିଟେଡ୍, ଟାଟା ପ୍ରୋଜେକ୍ଟସ୍ ଲିମିଟେଡ୍, ଏବଂ କେଇସି ଇ[ରନ୍ୟାସନାଲ୍ ଲିମିଟେଡ୍ ଭଳି ପ୍ରମୁଖ ବିଶ୍ୱ ଭିତିଭୂମି ସଂସ୍ଥାଗୁଡ଼ିକ ଏହି ସମାଧାନକୁ ଆପଣେଇଛନ୍ତି । କେଇସି ଇଂଟରନ୍ୟାସନାଲ୍ ପରି ଏକ ଆନ୍ତର୍ଜାତିକ ସଂସ୍ଥା, ଯାହା ୧୦୦ରୁ ଅଧିକ ଦେଶରେ ଟ୍ରାନ୍ସମିସନ୍ ଲାଇନ୍ ଡିଜାଇନ୍ ଏବଂ ନିର୍ମାଣ କରେ, ମୃତିକା ସମ୍ବନ୍ଧୀୟ ଡାଟା ହେଉଛି ଆର୍ଥିକ ସ୍ଥିରତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଧାରକ । ମୂଳଦୁଆ କାର୍ଯ୍ୟ ଏବଂ ପ୍ରକଳ୍ପର ବିପଦ ସମ୍ପୂର୍ଣ୍ଣ ଭାବରେ ମାଟିର ପ୍ରକାର ଉପରେ ନିର୍ଭର କରେ । ଯେଉଁ ଶିଳ୍ପରେ ୬,୦୦୦ କୋଟି ଟଙ୍କାରୁ ଅଧିକ ରାଜସ୍ୱ ଆଧାର ଉପରେ ମାତ୍ର ୦.୧% ର ମାର୍ଜିନ୍ ପ୍ରଭାବିତ ହେଲେ ବାର୍ଷିକ ୬ କୋଟି ଟଙ୍କାର କ୍ଷତି ହୁଏ, ସେଠାରେ ସଠିକ୍ ମୃତିକା ବୁଦ୍ଧିମତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ୟୁଏଇ, ସାଉଦି ଆରବ, ନାଇଜର, ରାଷ୍ଟ୍ରସଂଘ ଏବଂ ରୁଷ, କେନୟା, ମୋରୋକୋ, ମୋଲଡୋଭା, ମେକ୍ସିକୋ, ମାଲେସିଆ, ଆବୁଧାବି, ନେପାଳ, ବାଂଲାଦେଶ ଏବଂ ଟ୍ୟୁନିସିଆ ଭଳି ଭୌଗୋଳିକ ଭାବରେ ଜଟିଳ ଦେଶଗୁଡ଼ିକରେ ଟ୍ରାନ୍ସମିସନ୍ ଲାଇନ୍ ପ୍ରକଳ୍ପ ପାଇଁ ନିଲାମ ଡାକିବା ସମୟରେ, ମୃତିକା ଡାଟାର ଅଭାବ କିମ୍ବା ଭୁଲ୍ ଡାଟା ପ୍ରକଳ୍ପରେ ଲାଭ ଅଂଶକୁ ପ୍ରଭାବିତ କରିପାରେ । ଆଇସିଏଆରର ପ୍ରଯୁକ୍ତିବିଦ୍ୟା ନିର୍ଭରଯୋଗ୍ୟ ତୃତୀୟ-ପକ୍ଷ ଯାଂଚ ପ୍ରଦାନ କରେ, ଯାହା କ୍ଲାଏଂଟ କିମ୍ବା ପ୍ରୋଜେକ୍ଟ ମ୍ୟାନେଜରମାନଙ୍କ ମୃତିକା ସ୍ଥିତି ଦାବିକୁ ଯାଂଚ କରିବା ପାଇଁ ଏକ ନିରପେକ୍ଷ ସତ୍ୟାପନକାରୀ ଭାବରେ କାର୍ଯ୍ୟ କରେ, ଯାହାଦ୍ୱାରା ନିଲାମ ପ୍ରକ୍ରିୟାରେ ଆତ୍ମବିଶ୍ୱାସ ବୃଦ୍ଧି ପାଏ । ସ୍ୱଳ୍ପ-ବଜେଟ୍ ଟେଣ୍ଡରଗୁଡ଼ିକ ପାଇଁ, ଯେଉଁଠାରେ ସମୟ କିମ୍ବା ଆର୍ଥିକ ପ୍ରତିବନ୍ଧକ ହେତୁ ଭୌତିକ ସର୍ବେକ୍ଷଣ ସମ୍ଭବ ହୋଇନଥାଏ, ଏହି ପୂର୍ବାନୁମାନମୂଳକ ଡାଟା ସେହି ଶୂନ୍ୟସ୍ଥାନକୁ ପୂରଣ କରିଥାଏ । ଜାତୀୟ ପ୍ରଗତିର ଚାଳକ ଏହି ତଥ୍ୟ ଏବଂ ବିଶ୍ଳେଷଣର ସଫଳତା ଭିତିଭୂମି କ୍ଷେତ୍ରର ପ୍ରମୁଖ ସଂସ୍ଥାଗୁଡ଼ିକ ପାଇଁ ଆଇସିଏଆଇର ପ୍ରଯୁକ୍ତିବିଦ୍ୟାକୁ ବିଭିନ୍ନ ବ୍ୟବସାୟିକ କ୍ଷେତ୍ରରେ ବ୍ୟାପକ ଭାବରେ ବ୍ୟବହାର କରିବାକୁ ଉତ୍ସାହିତ କରିଛି, ଯାହା ଏହାର ଉପଯୋଗିତାକୁ ବିଦ୍ୟୁତ୍ ଟ୍ରାନ୍ସମିସନ୍ ଲାଇନରୁ ରେଳବାଇ, ସୌର ଶକ୍ତି ପ୍ରକଳ୍ପ ଏବଂ ଭୂତଳ କେବୁଲିଂ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିଛି । ଜାତୀୟ ଏବଂ ଆନ୍ତର୍ଜାତିକ ନିର୍ମାଣ କରିଡରଗୁଡ଼ିକୁ ବିପଦମୁକ୍ତ କରିବା ପାଇଁ ଆଧୁନିକ ମୃତିକା ବିଜ୍ଞାନର ବ୍ୟବହାର କରି, କୃଷି ଗବେଷଣା ନିଜକୁ ଭାରତର ସମଷ୍ଟିଗତ ଆର୍ଥିକ ଅଭିବୃଦ୍ଧିର ଏକ ଅପରିହାର୍ଯ୍ୟ ଇଞ୍ଜିନ୍ ଭାବରେ ପ୍ରମାଣିତ କରିଛି । ଏହି ପ୍ରଯୁକ୍ତିବିଦ୍ୟା ଦର୍ଶାଉଛି ଯେ ମୃତିକା ବିଜ୍ଞାନରେ ନିବେଶ କେବଳ ଦେଶର ଆହାର ଯୋଗାଏ ନାହିଁ-ଏହା ବିଶ୍ୱସ୍ତରୀୟ ଭବିଷ୍ୟତର ଭିତିପ୍ରସ୍ତର ମଧ୍ୟ ସ୍ଥାପନ କରେ । ଏହି ସଫଳତାକୁ ଆଧାର କରି, ଆଇସିଏଆରର ବୈଜ୍ଞାନିକମାନେ ଏବେ ଆତ୍ମବିଶ୍ୱାସର ସହିତ ୯୦ ମିଟର ରେଜୋଲ୍ୟୁସନ୍ ଭିତିକ ମୃତିକା ଗଭୀରତା ମାନଚିତ୍ର ଏବଂ ନିକଟରେ ସମାନ ରେଜୋଲ୍ୟୁସନ୍ ସହିତ ମୃତିକା ଗଠନ ମାନଚିତ୍ର ଭଳି ପୂର୍ବାନୁମାନମୂଳକ ଡିଜିଟାଲ୍ ମୃତିକା ମାନଚିତ୍ର ପ୍ରକାଶ କରୁଛନ୍ତି । ଏହି ମାନଚିତ୍ରଗୁଡ଼ିକ ଭାରତକୁ ଡିଜିଟାଲ୍ କୃଷି ଆଡ଼କୁ ଦୃଢ଼ ଭାବରେ ଆଗେଇ ନେବ, ବିଶେଷ କରି ନିକଟ ଭବିଷ୍ୟତରେ ଭାରତର କୃଷକମାନଙ୍କୁ ଜମି ଭିତିକ-ନିର୍ଦ୍ଦିଷ୍ଟ ସମାଧାନ ପ୍ରଦାନ କରିବାରେ ଅତ୍ୟନ୍ତ ସହାୟକ ହେବ ।

***(ଲେଖକଦ୍ୱୟ ହେଉଛନ୍ତି କୃଷି ଗବେଷଣା ଏବଂ ଶିକ୍ଷା ବିଭାଗର ସଚିବ ଏବଂ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର), କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ ଏବଂ ନାଗପୁରସ୍ଥିତ ଜାତୀୟ ମୃତିକା ଏବଂ ଭୂମି ବ୍ୟବହାର ଯୋଜନା ସର୍ବେକ୍ଷଣ ବ୍ୟୁରୋର ନିର୍ଦ୍ଦେଶକ ।)***

# ଗଣେଶ ପୂଜା ଶୋଭାଯାତ୍ରାରେ ଡିଜେ ସମ୍ପୂର୍ଣ୍ଣ ନିଷେଧ



ଭଦ୍ରକ(ନିପ୍ର): ଆସନ୍ତା ଗଣେଶ ପୂଜା ଓ ଶୋଭାଯାତ୍ରାକୁ ଶାନ୍ତିପୂର୍ଣ୍ଣ ଏବଂ ଶୃଙ୍ଖଳିତ ଭାବେ ପାଳନ ସହ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଲକ୍ଷ୍ୟରେ ଭଦ୍ରକ ଉପଖଣ୍ଡରେ ଗଣେଶ ପୂଜା ଶୋଭାଯାତ୍ରା ସମୟରେ ଡିଜେ, ଡିଜେ ବକ୍ସ, ହାଇ-ପାୱାର ସାଉଣ୍ଡ ସିଷ୍ଟମ ଓ ଅନୁରୂପ ଉଚ୍ଚଶବ୍ଦ ବର୍ଦ୍ଧକ ଯନ୍ତ୍ର ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଭଦ୍ରକ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍ ସୌରଭ ଚକ୍ରବର୍ତୀ ଏ ସମ୍ପର୍କରେ ଭଦ୍ରକ ଉପଖଣ୍ଡ ଅଧୀନ ସମସ୍ତ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗଣେଶ ପୂଜା ଶୋଭାଯାତ୍ରାରେ ଶୋଭାଯାତ୍ରାର ବିଶେଷକରି ଆବାସିକ ଅଂଚଳ, ହସ୍ପିଟାଲ ଓ ଶିକ୍ଷାନୁଷ୍ଠାନ ନିକଟରେ ଶବ୍ଦସ୍ତର ଉପରେ ନଜର ରଖାଯିବ । ସମ୍ପୃକ୍ତ କର୍ତୃପକ୍ଷଙ୍କ ଅନୁମତି କିମ୍ବା ବୈଧ ଲାଇସେନ୍ସ ବିନା ଲାଉଡ୍ ସ୍ପିକର, ଆମ୍ପ୍ଲିଫାୟର କିମ୍ବା ଅନ୍ୟ ଅଡିଓ ଯନ୍ତ୍ର ବ୍ୟବହାର କରାଯାଇପାରିବ ନାହିଁ । ରାତିର ନିଷିଦ୍ଧ ସମୟ ମଧ୍ୟରେ କୌଣସି ପ୍ରକାର ଶବ୍ଦ ଉତ୍ପାଦନକାରୀ ଯନ୍ତ୍ର ଚାଲୁ ନକରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ଥାନାର ଓଓ ମାନେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍, ତହସିଲଦାର ଓ ସ୍ଥାନୀୟ ପୂଜା କମିଟି ସହ ସମନ୍ୱୟ ରଖି ଏହି ନିର୍ଦ୍ଦେଶଗୁଡ଼ିକ ପୂଜା କମିଟି ଓ ଆୟୋଜକମାନଙ୍କୁ ପୂର୍ବରୁ ଅବଗତ କରାଇବେ । ନିୟମ ଉଲ୍ଲଂଘନ ହେଲେ ଅନୁମୋଦନ ବିହୀନ ସାଉଣ୍ଡ ଯନ୍ତ୍ର ଜବତ/ ବାଜ୍ୟାପ୍ତ କରିବା ସହ ପ୍ରଚଳିତ ଆଇନ ଅନୁଯାୟୀ ତୁରନ୍ତ ଆଇନଗତ ପଦକ୍ଷେପ ନିଆଯିବ । ପରମ୍ପରା, ପୂଜାର ଉତ୍ସାହ କିମ୍ବା ଜନସାଧାରଣଙ୍କ ଦାବିକୁ ଡିଜେ ନିଷେଧ କିମ୍ବା ନିର୍ଦ୍ଧାରିତ ଶବ୍ଦସୀମା ଉଲ୍ଲଂଘନର କୌଣସି ଯଥାର୍ଥ କାରଣ ଭାବେ ଗ୍ରହଣ କରାଯିବ ନାହିଁ ।

# ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳିତ




ନୟାଗଡ଼(ନିପ୍ର): ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳନ ଅବସରରେ ନୟାଗଡ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟା ଳୟରେ ମନସ୍ତତ୍ୱ ବିଭାଗ ଏବଂ ଆ.କିଉ.ଏ.ସି ର ମିଳିତ ଉଦ୍ୟମରେ ଏକ ସମ୍ମାନ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ସରୋଜା ଷଡଙ୍ଗୀ ପ୍ରଦୀପ ଜାଳି ସମ୍ମାନ ଉଦ୍‌ଘାଟନ କରିଥିଲେ । ବିଭାଗୀୟ ମୁଖ୍ୟା ଅନ୍ୱେଷା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଆତ୍ମହତ୍ୟା ନିବାରଣ ଦିବସର ଗୁରୁତ୍ୱ ଏବଂ ପ୍ରାସଙ୍ଗିକତା ଉପରେ ଅଲୋକପାତ କରିଥିଲେ । ଅଧକ୍ଷା ଷଡଙ୍ଗୀ ଆତ୍ମହତ୍ୟା ଭାବନା ଓ ଉଦ୍ୟମକୁ ରୋକିବାରେ ଆବେଗିକ ବୁଦ୍ଧି କିପରି ଜ୍ଞାନାତ୍ମକ ବୁଦ୍ଧି ତୁଳନାରେ ସ୍ୱତନ୍ତ୍ର ଓ ଭିନ୍ନ ଦର୍ଶାଇଥିଲେ । ପ୍ରାଶାସନିକ ଅଧିକାରୀ ରୀନାବାଳା ଆଚାର୍ଯ୍ୟ ମହାବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନେ ଶିକାର ହେଉଥିବା ଦୃଶ୍ୟମାନ ଏବଂ ଅଦୃଶ୍ୟମାନ ଆର୍ଥିକ, ସାମାଜିକ, ଜାତିଗତ ତଥା ଲିଙ୍ଗଗତ ବୈଷମ୍ୟ ଓ ଭେଦଭାବ କିପରି ସେମାନଙ୍କୁ ଅବସାଦଗ୍ରସ୍ତ ଏବଂ ଆତ୍ମହତ୍ୟାପ୍ରବଣ କରୁଛି ବର୍ଣ୍ଣନା କରିଥିଲେ । ସମ୍ମାନର ମୁଖ୍ୟ ବକ୍ତା ତଥା ଆଇ.କିଉ.ଏ.ସିର ମୁଖ୍ୟା ମିନାକ୍ଷୀ ମିଶ୍ର ନିଜର ନିବନ୍ଧ 'ଆତ୍ମହତ୍ୟା ଭାବନା ଏବଂ ଉଦ୍ୟମରୁ ବ୍ୟକ୍ତିକୁ ସୁରକ୍ଷା ପ୍ରଦାନ କରିବାରେ ଆବେଗିକ ବୁଦ୍ଧିର ଭୂମିକା' ପାଠ କରିଥିଲେ । ମନସ୍ତତ୍ୱ ବିଭାଗ ଛାତ୍ରୀ ଅର୍ପିତା ପ୍ରିୟଦର୍ଶିନୀ ଏବଂ ଇସ୍ୱଶ୍ରୀ ସାହୁ ଆତ୍ମହତ୍ୟା ସମ୍ବନ୍ଧରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବିଭାଗୀୟ ଅଧ୍ୟାପକ ଅଧ୍ୟାପିକା ମାନଙ୍କମଧ୍ୟରେ ପ୍ରସନ୍ନ ପାଣି, ବିଜୟ ମହାପାତ୍ର ଏବଂ କାଦମ୍ବିନୀ ଯାଦବ ସମ୍ମାନର ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ବହୁସଙ୍ଖ୍ୟକ ଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ଏହି ସମ୍ମାନରେ ବିଭାଗୀୟ ଛାତ୍ରୀ ଖୁସି ମହାରଣା ଧନ୍ୟବାଦ୍ ପ୍ରଦାନ କରିଥିଲେ ।

# ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତି ଭଙ୍ଗା ଘଟଣାକୁ ଦୃଢ଼ ନିନ୍ଦା

ପାରାଦୀପ(ନିପ୍ର): ୧୯୬୦ ଦଶକ ସମୟରେ ପାରାଦୀପ ବନ୍ଦର ପ୍ରତିଷ୍ଠା କରି ପ୍ରବାଦ ପୁରୁଷ ବିଜୁ ବାବୁ କେବଳ ଉପକୂଳ ଓଡ଼ିଶାର ଉନ୍ନତି କଥା ଚିନ୍ତା କରିନଥିଲେ ତତସହିତ ଓଡ଼ିଶାର ଖଣିଜ ପଦାର୍ଥ ଆମଦାନୀ ରପ୍ତାନି ଫଳରେ ସମଗ୍ର ଓଡ଼ିଶାର ଆର୍ଥିକ ବିକାଶ ହୋଇପାରିବ ସେ କଥା ମହାନ ଜନନାୟକ ଚିନ୍ତା କରିଥିଲେ । ପାରାଦୀପ ବନ୍ଦର ପ୍ରତିଷ୍ଠା ଫଳରେ ଏହାର ସଂଲଗ୍ନ ଅଂଚଳରେ ଇଫକୋ, ପିପିଏଲ ଓ ଆଇଓସିଏଲ ଭଳି ଅନେକ ଗୁଡିଏ ଶିଳ୍ପ ପ୍ରତିଷ୍ଠା ହୋଇ ପାରାଦୀପ ର ପାଶ୍ୱବର୍ତୀ ବ୍ଲକ ଏରସମା ଅନ୍ତର୍ଗତ ଢ଼ିଙ୍କିଆ ଚାରିଦେଶ ରେ ଜେଏସଡବ୍ଲୁ କମ୍ପାନୀ ମେଗା ଷ୍ଟିଲ ପ୍ଲାଂଟ ସହ ବନ୍ଦର ପ୍ରତିଷ୍ଠା କରିବାକୁ ଯାଉଥିବାରୁ ଏରସମା ଉପକୂଳ ଅଂଚଳ ବିଶେଷ ଭାବେ ବିକାଶର ରାସ୍ତା ଫିଟିବ । ଉପରୋକ୍ତ ପ୍ରଗତିକୁ ଦୃଷ୍ଟିରେ ରଖି ଏରସମା ପାରାଦୀପର



ତତ୍କାଳୀନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ଦୁରଦୃଷ୍ଟି ରଖି ଶିଆଳି ବେଳାଭୂମିର ପର୍ଯ୍ୟଟନ ବିକାଶ ପାଇଁ ବିଶେଷ ଭାବେ ଦୃଷ୍ଟି ପ୍ରଦାନ କରି ଶିଆଳି ବେଳାଭୂମିର ବିକାଶ ସହିତ ଏରସମା ପାରାଦୀପ ବିକାଶର ସୂତ୍ରଧର ବିଜୁ ପଟନାୟକ ଙ୍କ ପ୍ରତିମୂର୍ତି ୨୦୧୯ ମସିହାରେ ସ୍ଥାପନ କରିଥିଲେ ଏବଂ ଗତ କିଛିଦିନ ତଳେ ଏରସମା ଅଂଚଳର ସର୍ବମାନ୍ୟ ନେତା ଡା. ଦାମୋଦର ରାଉତ ଙ୍କ ପ୍ରତିମୂର୍ତି ଶିଆଳି ବେଳାଭୂମିରେ ପ୍ରତିଷ୍ଠା କରିବାକୁ ଯାଉଥିଲେ । କିନ୍ତୁ କିଛି ହିନମାନ୍ୟ କୁଚକ୍ରୀ ଅସହିଂଶୁ ବ୍ୟକ୍ତି ଦାମ ବାବୁଙ୍କ ନିର୍ମାଣଧୀନ ପ୍ରତିମୂର୍ତିକୁ ଭାଙ୍ଗି ଦେଇଥିଲେ । ଯାହାକୁ ନେଇ ସର୍ବସାଧାରଣରେ ଦଳମତ ନିର୍ବିଶେଷରେ ଦୃଢ଼ ନିନ୍ଦା ଓ ପ୍ରତିବାଦ କରାଯାଇଥିଲା । ଏବେ ପୁଣିଥରେ ସେହି କଥାର ପୁନରାବୃତି ହୋଇ ପୂଜ୍ୟପୂଜାକୁ ଅସମ୍ମାନ କରି ଶିଆଳି ବେଳାଭୂମିରେ ବିଜୁ ବାବୁଙ୍କ ପ୍ରତିମୂର୍ତି ଭଙ୍ଗା ଘଟଣାକୁ ପାରାଦୀପ ବିଜୁ ଜନତା ଦଳ ଦୃଢ଼ ନିନ୍ଦା ଓ ପ୍ରତିବାଦ କରିଛି । ଏ ବାବଦରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ସମ୍ପୃକ୍ତ ଅସାମାଜିକ ବ୍ୟକ୍ତି ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ନଗର ବିଜେଡି ସଭାପତି କୁମରବର ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଚିତ ରଞ୍ଜନ ରାଉତ ଓ ଚିନ୍ମୟ ରଞ୍ଜନ ପରିଡା, ବିଜେଡି ନେତା ଶଙ୍କର ରାଉତ, ରଶ୍ମୀ ରଞ୍ଜନ ପରିଡା, ଆଲୋକ ମହାପାତ୍ର, ନାରୀ ନେତ୍ରୀ ଚପଳା ସ୍ୱାଇଁ, ପ୍ରଭାତୀ ନାୟକ, ବିଜେଡି ପାରିଷଦ ବୃନ୍ଦ ପ୍ରମୁଖ ଦାବୀ କରିଛନ୍ତି ।



# ଜିଲ୍ଲାସ୍ତରୀୟ ପରିବେଶ ସଚେତନତା ଅଭିଯାନ

ଝାରସୁଗୁଡ଼ା,(ନି.ପ୍ର.) ପରିବେଶ ସୁରକ୍ଷା ତଥା ସ୍ଥାନୀୟ ଅଂଚଳରେ ସବୁଜିମା ବୃଦ୍ଧି ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆଜି ଠରକସପୁର ସ୍ଥିତ ଶ୍ରୀ ଲିଙ୍ଗେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ 'ପରିବେଶ ସଚେତନତା ଅଭିଯାନ-୨୦୨୬' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସମୁଦାୟଙ୍କୁ ପରିବେଶ ପ୍ରତି ଦାୟିତ୍ୱବାନ କରିବା, ଏକକ-ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ ବ୍ୟବହାର ବର୍ଜନ କରିବା ଏବଂ ବ୍ୟାପକ ବୃକ୍ଷରୋପଣକୁ ପ୍ରୋତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ଥିଲା ।ଏହି କାର୍ଯ୍ୟକ୍ରମରେ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଆଂଚଳିକ ଅଧିକାରୀ ହିରଣ୍ୟ କୁମାର ନାଏକ, ଝାରସୁଗୁଡ଼ା ଜିଲ୍ଲା ବନ୍ୟପ୍ରାଣୀ ସଂରକ୍ଷକ ତଥା ବୃକ୍ଷରୋପଣ ତଦାରଖ କମିଟିର ଅଧକ୍ଷ ପ୍ରହ୍ଲାଦ ନାୟକ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଝାରସୁଗୁଡ଼ା ଜୋନର ପରିବେଶ ବୈଜ୍ଞାନିକା



ଶ୍ରୀମତୀ ଅନୁସୂୟା ଏକ୍କା, ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ଏମସିଏଲ ବସୁନ୍ଧରା ଏରିଆର ଜେନେରାଲ ମ୍ୟାନେଜର ଏବଂ ଏନଟିପିସି ଦର୍ଲିପାଲିର ହେଡ୍ ଅଫ୍ ପ୍ଲା[ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସମେତ ସ୍ଥାନୀୟ ଅଂଚଳର ଏକ ହଜାରରୁ ଉର୍ଦ୍ଧ୍ୱ ଲୋକ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ମନ୍ଦିର ପରିସରରେ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଅତିଥିମାନେ ବୃକ୍ଷରୋପଣ କରିବା ସହ ଉପସ୍ଥିତ ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କୁ ମାଗଣାରେ ବିଭିନ୍ନ ପ୍ରଜାତିର ଚାରା ବ[ନ କରିଥିଲେ । ପ୍ଲାଷ୍ଟିକ ବର୍ଜନ ବାର୍ତ୍ତାକୁ ଆଗକୁ ନେବା ପାଇଁ ଜନସାଧାରଣଙ୍କ ମଧ୍ୟରେ ଝୋଟ ରୁ ପ୍ରସ୍ତୁତ ବ୍ୟାଗ ବ[ନ କରାଯାଇଥିଲା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସମ୍ପୂର୍ଣ୍ଣ ପ୍ଲାଷ୍ଟିକମୁକ୍ତ ଖାଦ୍ୟ ଷ୍ଟଲ ପରିଚାଳନା କରାଯାଇଥିଲା । ଏହା ସହିତ ପରିବେଶ ସଚେତନତା ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷିତ ହୋଇଥିଲା । ସଚେତନତା କାର୍ଯ୍ୟକ୍ରମ ପରେ ଜିଲ୍ଲାପାଳ ଓ ଅତିଥିମାନେ ବାଘିଆବେରଣା ଠାରେ ଥିବା ଏନଟିପିସି ମିଆୱାକି ନର୍ସରୀ ପରିଦର୍ଶନ କରି ବୃକ୍ଷରୋପଣ କାର୍ଯ୍ୟର ଅନୁଧ୍ୟାନ କରିଥିଲେ । ପରିଶେଷରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ପରିବେଶ ବୈଜ୍ଞାନିକା ଅନୁସୂୟା ଏକ୍କା ସମସ୍ତ ଅତିଥି, ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରଛାତ୍ରୀ ତଥା ଉପସ୍ଥିତ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛାତ୍ରଛାତ୍ରୀଙ୍କ ପାଇଁ ଆର୍ଥିକ ସାକ୍ଷରତା ଓ ସାଇବର ସୁରକ୍ଷା କର୍ମଶାଳା

ଛତ୍ରପୁର(ନି.ପ୍ର.) : ଛାତ୍ରଛାତ୍ରୀଙ୍କୁ ଆର୍ଥିକ ଭାବେ ସଚେତନ କରିବା ସହ ଡିଜିଟାଲ ମାଧ୍ୟମର ସୁରକ୍ଷିତ ବ୍ୟବହାର ଓ ସାଇବର ଅପରାଧରୁ ସୁରକ୍ଷିତ ରହିବା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରୀ ଭାରତ ପତି ମହାବିଦ୍ୟାଳୟ ଏବଂ ଜବାହାର ନବୋଦୟ ବିଦ୍ୟାଳୟ, ସୁରଙ୍ଗିଠାରେ ଆର୍ଥିକ ସାକ୍ଷରତା ଓ ସାଇବର ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ସୁନିଲ କୁମାର କେର୍କେଟା ଛାତ୍ରଛାତ୍ରୀଙ୍କୁ ସଂଚୟର ଅଭ୍ୟାସ ଗଢ଼ି ତୋଳିବା ସହ ଜୀବନର ପ୍ରତ୍ୟେକ ପରିସ୍ଥିତିରେ ଉପସ୍ଥିତ ବୁଦ୍ଧି ଓ ଜ୍ଞାନର ସଠିକ୍? ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ ।ନିଜକୁ ଜଣେ ଆଦର୍ଶ ନାଗରିକ ଭାବେ ଗଢ଼ି ତୋଳିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ



ପରାମର୍ଶ ଦେଇଥିଲେ । ଜିଲ୍ଲା କ୍ଷୁଦ୍ର ସଂଚୟ ଅଧିକାରୀ ସୁଦାମ କୁମାର ସ୍ୱାଇଁ ନିୟମିତ ସଂଚୟର ଗୁରୁତ୍ୱ ଏବଂ ଅନଲାଇନ୍? କାରବାର ଓ ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ବୁଝାଇଥିଲେ ।ଛତ୍ରପୁର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ସାଇବର ସେଲ୍?ର ସହକାରୀ ଆରକ୍ଷୀ ଉପନିରୀକ୍ଷକ କିରଣ କୁମାର ପାତ୍ର ଅଜଣା ଆପ୍? କିମ୍ବା ଫାଇଲ୍? ଡାଉନଲୋଡ୍? ନକରିବା, ଅନଲାଇନ୍? ପ୍ରତାରଣା ଓ ମିଥ୍ୟା ଜରୁରୀକାଳୀନ ଫୋନ୍? କଲ୍?ରୁ ସତର୍କ ରହିବା, ବ୍ୟକ୍ତିଗତ ତଥ୍ୟ ସୁରକ୍ଷିତ ରଖିବା ଏବଂ ମୋବାଇଲ୍?ରେ ଡିଜିଟାଲ ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପାତ୍ରପୁର ଡାକ ବିଭାଗର ସୁନିଲ କୁମାର ସଂଚୟ, ଆର୍ଥିକ ଅନ୍ତର୍ଭୁକ୍ତି ଓ ଆର୍ଥିକ ସୁରକ୍ଷା ସମ୍ପର୍କରେ ଆଲୋଚନା କରିବା ସହ ସୁକନ୍ୟା ସମୃଦ୍ଧି ଯୋଜନାର ଉପକାରିତା ବିଷୟରେ ସଚେତନ କରିଥିଲେ । କର୍ମଶାଳାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମେତ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

# ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ ଉପରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ଛତ୍ରପୁର(ନି.ପ୍ର.): ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ର ସଠିକ୍ କାର୍ଯ୍ୟକାରିତା ଓ ବାଲ୍ୟ ବିବାହ ନିଷେଧ ଅଧିକାରୀମାନଙ୍କ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସଚ୍ଚିଦାନନ୍ଦ ନାୟକ ଅଧକ୍ଷତା କରି ବାଲ୍ୟ ବିବାହ ରୋକିବାରେ ବାଲ୍ୟ ବିବାହ ନିଷେଧ ଅଧିକାରୀମାନଙ୍କ ଭୂମିକା ଓ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ବାଲ୍ୟ ବିବାହ ସମ୍ପର୍କରେ ସୂଚନା ମିଳିବା ମାତ୍ରେ ସମନ୍ୱିତ ଭାବେ ତ୍ୱରିତ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ୟୁନିସେଫ୍?, ଭୁବନେଶ୍ୱରର ଶିଶୁ ସୁରକ୍ଷା ବିଭାଗର ରାଜ୍ୟ ପରାମର୍ଶଦାତା ଘାସିରାମ ପଣ୍ଡା ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇ ବାଲ୍ୟ ବିବାହର କାରଣ ଓ ପ୍ରଭାବ, ବାଲ୍ୟ ବିବାହ ନିଷେଧ ଆଇନର ବ୍ୟବସ୍ଥା, ପ୍ରତିରୋଧ, ଉଦ୍ଧାର ଓ ପୁନର୍ବାସ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । 'ବାଲ୍ୟ ବିବାହ ମୁକ୍ତ ଭାରତ' ପୋର୍ଟାଲରେ ରିପୋର୍ଟିଂ ଓ ମନିଟରିଂ ସହ ଗଞ୍ଜାମ ପାଇଁ ସ୍ୱତନ୍ତ୍ର କାର୍ଯ୍ୟଯୋଜନା ପ୍ରସ୍ତୁତି ନେଇ ମଧ୍ୟ ଆଲୋଚନା ହୋଇଥିଲା । ପ୍ରଶିକ୍ଷଣରେ ପଂଚାୟତିରାଜ ଓ ପାନୀୟଜଳ ବିଭାଗର ୧୭୬ ଜଣ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ୪୦ ଜଣ ଛାତ୍ରାବାସ ଅଧୀକ୍ଷକ ଓ ମାଟ୍ରନ୍? ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ୨୪ ଜଣ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଟି. ସୁଶାନ୍ତ, ମହିଳା ସୁରକ୍ଷା ଅଧିକାରୀ ଡି. ନାଗୋରାନ୍ତମ ଓ କାର୍ଯ୍ୟକ୍ରମ ଅଧିକାରୀ ଏସ୍. ରାଜେଶ୍ୱରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ହିତଧାରୀ ଯୋଗଦେଇଥିଲେ । ଏହି ଅବସରରେ ମଧ୍ୟ ଏକ ଶପଥ ପାଠ କରାଯାଇଥିଲା ।

# ରିଲିଫ୍ ବଂଟନରେ ସଂଘର୍ଷ:ସରପଂଚଙ୍କ ନାଁରେ ସମିତି ସଭ୍ୟ,ୱାର୍ଡ ସଭ୍ୟାଙ୍କ ଏତଲା

ଜଳେଶ୍ୱର,(ନି.ପ୍ର)ପଶ୍ଚିମବାର୍ଡ ପଂଚାୟତ,ବନ୍ୟାରେ ବିଶେଷ ପ୍ରଭାବିତ ହୋଇଥିବାରୁ ପ୍ରଶାସନ ପକ୍ଷରୁ ରିଲିଫ୍ ସାମଗ୍ରୀ ଏବଂ ଗୋଖାଦ୍ୟ ଯୋଗାଇ ଦିଆଯାଇଥିଲା । ରିଲିଫ୍ ବ[ନରେ ପକ୍ଷପାତିତା, ଅନିୟମିତତା କୁ ନେଇ ନମକାନା ଗାଁର ୪ ନଂ ୱାର୍ଡ ସଭ୍ୟା ଏବଂ ସମିତି ସଭ୍ୟ ସରପଂଚ ଙ୍କୁ ବିରୋଧ କରିଥିଲେ । ଫଳରେ ସରପଂଚ ଶମ୍ଭୁନାଥ ଜେନା ୱାର୍ଡ ସଭ୍ୟା କାବେରୀ ଧଳ ଏବଂ ତାଙ୍କ ସ୍ୱାମୀ ଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ଆକ୍ରମଣ କରିଥିବା ନାମ୍ପୋ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଘଟଣା ରେ ସମିତି ସଭ୍ୟ ହରିଶ୍ଚନ୍ଦ୍ର ମହାଲିକ ହସ୍ତକ୍ଷେପ କରିବାରୁ ତାଙ୍କୁ ମଧ୍ୟ ଗାଳିଗୁଲଜ କରିବା ସହିତ ଧମକ ଦେଇଥିବା ଅଭିଯୋଗ ହୋଇଛି ।ପରେ ପଂଚାୟତ କାର୍ଯ୍ୟାଳୟରେ ଦୁଇ ପକ୍ଷ ମଧ୍ୟରେ ଆପୋଷ ବୁଝାମଣା ମଧ୍ୟ ହୋଇଥିଲା । ପରେ ସମିତି ସଭ୍ୟ ସରପଂଚ ଙ୍କ ଘର ସମ୍ମୁଖ ରାସ୍ତାରେ ଯିବା ବେଳେ ପୁଣି ଗଣ୍ଡଗୋଳ ସୁତ୍ରପାତ ହୋଇଥିଲା । ସର୍ବ ସାଧାରଣ ରେ ସରପଂଚ ଶମ୍ଭୁନାଥ ଜେନା ସମିତି ସଦସ୍ୟ ଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ ମାରି ଲୁହୁ ଲୁହାଣ କରିଥିବା,ଗୁରୁବାର ନାମ୍ପୋ ଥାନାରେ ଲିଖିତ ଏତାଲା ଦିଆଯାଇଛି । ହାତ ଆଙ୍ଗୁଠି ଏବଂ ଛାତିରେ ଆଘାତ ଲାଗିଥିବାରୁ ହରିଶ୍ଚନ୍ଦ୍ର ଜିକେ ଭଞ୍ଜ ହସ୍ପିଟାଲରେ ଚିକିତ୍ସିତ ହୋଇଛନ୍ତି ।ଏ ଘଟଣାରେ ସରପଂଚ ଶମ୍ଭୁନାଥ ଜେନା ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଛନ୍ତି ।ଶୁକ୍ରବାର ସନ୍ଧ୍ୟାରେ ସମସ୍ତ ୱାର୍ଡ ସଭ୍ୟ ଓ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତ ରେ ସମାଧାନ ପାଇଁ ପ୍ରୟାସ ହେଉଥିବା ଜଣାପଡିଛି ।

# ବିଷ୍ଣୁପୁର ଛକରେ ଟ୍ରକ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଧାମନଗର,(ନି.ପ୍ର.): ଧାମନଗର ଥାନା ୧୬ ନଂ ଜାତୀୟ ରାଜପଥ ବିଷ୍ଣୁପୁର ଛକ ଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ଧାମନଗର ପୋଲିସ ପହଂଚି ତଦନ୍ତ ଜାରି ରଖିଛି । ସୂଚନା ମୁତାବକ କେନ୍ଦୁଆପଦା-ଗଣ୍ଡଗରା ଅଂଚଳର ଅଶୋକ କୁମାର ସେଠୀ (୪୪) କୌଣସି କାମ ନେଇ ମୋଟର ସାଇକେଲରେ ଶୁକ୍ରବାର ପୂର୍ବାହ୍ନରେ ଭଦ୍ରକ ଯାଉଥିଲେ । ୧୬ ନଂ ଜାତୀୟ ରାଜପଥ ବିଷ୍ଣୁପୁର ଛକ ଓଭର ବ୍ରିଜ୍ ବାଇପାସ୍ ନିକଟରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ବାଇକ ଚାଳକ ଟ୍ରକ ଚକା ତଳେ ଚାପି ହେବା ସହ ଘଟଣାସ୍ଥଳରେ ମୃତ୍ୟୁ ହେବା ନେଇ ସୂଚନା ମିଳିଛି । ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଟ୍ରକକୁ ଅଟକ ରଖିଥିଲେ ଓ ପ୍ରତିବାଦ ରେ ରାସ୍ତା ରୋକ୍ କରିଥିଲେ । ଧାମନଗର ପୋଲିସ ଘଟଣାସ୍ଥଳରେ ପହଂଚି ଟ୍ରକକୁ ଜବତ କରିଛି । ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଦ୍ରୁତଗାମୀ ଯାନବାହନ ଚଳାଚଳ ଯୋଗୁଁ ଏଭଳି ଦୁର୍ଘଟଣା ବୃଦ୍ଧି ପାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।ପୋଲିସ ଘଟଣା ର ତଦନ୍ତ କରୁଥିବା ବେଳେ ଏକ ମାମଲା ରୁଜୁକରିବା ସହ ଟ୍ରକ ଟିକୁ ଜବତ କରିଛନ୍ତି ।

# ଅବ୍ୟବସ୍ଥାର ବଳୟରେ ଧାମନଗର ସାନ ବଜାର ରାସ୍ତା

ଧାମନଗର:(ନି.ପ୍ର.) ଧାମନଗର ସା'ନ ବଜାର ମୁଖ୍ୟ ରାସ୍ତା ଏବେ ଜଳବନ୍ଦୀ ସମସ୍ୟାର ଏକ କରୁଣ ଚିତ୍ର । ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା ଉପରେ ପାଣି ଜମିରହି ଲହଡ଼ି ମାରୁଛି, ଯାହାଫଳରେ ସାଧାରଣ ଜନତା ଓ ଯାତ୍ରୀମାନେ ଅନେକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ସରକାରୀ ପାଣ୍ଠିରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ପ୍ରଶାସନିକ ଉଦାସୀନତା ଯୋଗୁଁ ଜନସାଧାରଣଙ୍କ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଛି ।ପ୍ରାୟ ଦୁଇ ବର୍ଷ ତଳେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା କଡ଼ରେ ଜଳ ନିଷ୍କାସନ ପାଇଁ ଏକ ଡ୍ରେନ୍ ନିର୍ମାଣ କରାଯାଇଥିଲା । କିନ୍ତୁ ନିର୍ମାଣ କାମରେ ବ୍ୟାପକ ଅନିୟମିତତା ଓ ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଥିବା ଅଭିଯୋଗ ହୋଇଥିଲା । ଫଳରେ ନିର୍ମାଣର କିଛି ଦିନ ନ ପୂରୁଣୁ ଡ୍ରେନ୍?ଟି ବିଭିନ୍ନ ସ୍ଥାନରେ ଭାଙ୍ଗି ଏବଂ ପୋତି ହୋଇଯାଇଥିଲା । ଏହାର କୁପରିଣାମ ସ୍ୱରୂପ ବର୍ଷାଜଳ ନିଷ୍କାସନ ହୋଇପାରୁ ନାହିଁ ଏବଂ ପାଣି ସିଧାସଳଖ ରାସ୍ତା ଉପରେ ଜମିରହି ପୋଖରୀର ଭ୍ରମ ସୃଷ୍ଟି କରୁଛି ।ସବୁଠାରୁ ଦୁର୍ଭାଗ୍ୟଜନକ କଥା ହେଲା, ଲୋକମାନେ ଏପରି ନର୍କଯନ୍ତ୍ରଣା ଭୋଗୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ କିମ୍ବା ଧାମନଗର ଏନଏସି କର୍ତ୍ତୃପକ୍ଷ ଏହାର ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଭଙ୍ଗା ଡ୍ରେନ୍ ମରାମତି ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଛନ୍ତି ।ଏହି ସମ୍ପର୍କରେ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଶ୍ରୀନିବାସ ମଲିକ ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଉକ୍ତ ଡ୍ରେନ ଟି ବହୁ ଆଗରୁ ନିର୍ମାଣ ହୋଇଥିଲା ଏବଂ ଭବିଷ୍ୟତରେ ରାସ୍ତା ସମ୍ପ୍ରସାରଣ ହେଲେ ନୂତନ ଡ୍ରେନ୍ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯିବ । ତୁରନ୍ତ ଏହି ଡ୍ରେନ୍ ମରାମତି କରାଯାଇ ଜଳ ନିଷ୍କାସନର ସୁବ୍ୟବସ୍ଥା ନ କଲେ ଆଗାମୀ ଦିନରେ ସାଧାରଣ ଜନତା ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।ପ୍ରକାଶ ଥାଉ କି ଉକ୍ତ ରାସ୍ତା ଟି ଏକ ଜନଗହଳି ପୂର୍ଣ୍ଣ ରାସ୍ତା ଦୈନିକ ଶହ ଶହ ଲୋକ ଙ୍କ ଯାତାୟାତ ସ୍ଥଳ, ଏବେ ପିର ବାବା ଙ୍କ ବାର୍ଷିକ ଉତ୍ସବ ହେବ ପ୍ରାୟ ଲକ୍ଷ ଲକ୍ଷ ଭକ୍ତ ଙ୍କ ସମାବେଶ ହେବ,ପାଖରେ ମଧ୍ୟ ଦୁର୍ଗା ପୂଜା ଓ ଗଣେଷ ପୂଜା ଏଠି ପ୍ରବଳ ଜନ ସମାଗମ ହେବ ।ଏପରି ସ୍ଥଳେ ଉକ୍ତ ସ୍ଥାନରେ ଯଦି ଏମିତି ଅପରିଷ୍କାରରୁହେ ସାଧାରଣ ଲୋକ କାହାକୁ ଦାୟୀ କରିବେ । ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁଦାବି ହେଉଛି ।



# ଉତ୍କଳ ବିଶ୍ୱବିଦ୍ୟାଳୟରେ ପାଳିତ ହେଲା ବିଶ୍ୱ ଆତ୍ମହତ୍ୟା ନିରାକରଣ ଦିବସ




ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟରେ ସମ୍ପ୍ରତି ବିଶ୍ୱ ଆତ୍ମହତ୍ୟା ନିରାକରଣ ଦିବସ ପାଳିତ ହୋଇଯାଇଛି । ଚଳିତ ବର୍ଷର ବିଷୟବସ୍ତୁ 'ଚେଞ୍ଜିଂ ଦି ନାରେଟିଭ୍ ଅନ୍ ସୁଇସାଇଡ୍'କୁ ଆଧାର କରି ବିଶ୍ୱବିଦ୍ୟାଳୟର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।କାର୍ଯ୍ୟକ୍ରମରେ ଭୁବନେଶ୍ୱର-କଟକ ପୁଲିସ କମିଶନର ଡ. ସୁରେଶ ଦେବଦତ ସିଂହ ମୁଖ୍ୟ ଅତିଥି ଏବଂ ସିଆଇଡି କ୍ରାଇମବ୍ରାଂଚର ଅତିରିକ୍ତ ଏସ୍‌ପି ଅଞ୍ଜନା ଟୁଡୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟର ସୁରକ୍ଷା ଓ ଆତ୍ମହତ୍ୟା ନିରାକରଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ମାନସିକ ଅବସାଦର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ, ଖୋଲା ମନରେ ଆଲୋଚନା ଏବଂ ସଙ୍କଟ ସମୟରେ ଉପଯୁକ୍ତ ସହାୟତା ଯୋଗାଇ ଦିଆଗଲେ ଅନେକ ଅମୂଲ୍ୟ ଜୀବନକୁ ରକ୍ଷା କରାଯାଇପାରିବ ବୋଲି ସେମାନେ କହିଥିଲେ ।କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ମାନସିକ ଶାନ୍ତି ଓ ଆତ୍ମବଳ ବୃଦ୍ଧି ପାଇଁ ଗଳ୍ପ, ପ୍ରେରଣାଦାୟୀ ଲେଖା ଓ ସକାରାତ୍ମକ ସାହିତ୍ୟ ପଢ଼ିବା ଉପରେ ଗୁରୁତ୍ୱ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ମନୋବଳ ବଢ଼ାଇ ସେ କହିଥିଲେ, "ଜୀବନ ହାରିବା ନୁହେଁ, ଆଗକୁ ବଢ଼ିବାର ନାମ ।" ପ୍ରତିକୂଳ ପରିସ୍ଥିତିକୁ ଧୈର୍ଯ୍ୟ ଓ ସାହସର ସହ ସାମ୍ନା କରି ଜୀବନରେ ଆଗକୁ ବଢ଼ିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ପିଜି କାଉନ୍ସିଲ୍ ଅଧକ୍ଷ ପ୍ରଫେସର ଜଗ୍ନେଶ୍ୱର ଦଣ୍ଡପାଟ ଏବଂ ରେଜିଷ୍ଟ୍ରାର ଡ. ସ୍ୱାତୀ ମିଶ୍ର ଉପସ୍ଥିତ ଥିଲେ । ମନସ୍ତତ୍ୱ ବିଭାଗର ମୁଖ୍ୟ ଡ. ଭାସ୍ୱତୀ ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଡ. ମୌସୁମୀ ସେଠୀ, ଡ. ଲୁସି ସୋନାଲି ହେମ୍ବ୍ରମ ଏବଂ ଡ. ସୁନନ୍ଦା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଅବକାରୀ ବିଭାଗର ଚଢ଼ାଉ ଜଣେ ଗିରଫ, ଗୋଟିଏ କାର୍ ଓ ୩୫୦ ଲିଟର ମଦ ଜବତ

କଟକ: (ନି.ପ୍ର) ଅବକାରୀ ବିଭାଗର ଅଧିକ୍ଷକ ଶ୍ରୀ କରୁଣାକର ତିୱାରୀଙ୍କ ନିର୍ଦ୍ଦେଶରେ କଟକ ଜିଲ୍ଲା ଅବକାରୀ ବିଭାଗର ମୋବାଇଲ ୟୁନିଟ୍ ଦ୍ୱାରା ଚଢ଼ାଉ କରାଯାଇଥିଲା । ତା ୧୦.୦୯.୨୬ ରିଖରେ କଟକ ଅବକାରୀ ବିଭାଗର ଟିମ୍ ପି ଆର୍ ନମ୍ବର ୮୬/ ୨୦୨୬-୨୭ ୟୁ/ ଏ ୫୨(ଏ) (ଆଇ), ଓଡ଼ିଶା ଅବକାରୀ ଆକ୍ଟ ୨୦୦୮ ଅନୁଯାୟୀ କଟକ ଜିଲ୍ଲାର ଆଠଗଡ଼ ଥାନା ଅନ୍ତର୍ଗତ ସାମସଦପୁର ସାଥିଲୋ ଗ୍ରାମର ନିତ୍ୟାନନ୍ଦ ମହାନ୍ତିଙ୍କ ୪୨ବର୍ଷର ପୁଅ ଅଭିଯୁକ୍ତ ଦୁର୍ଗାଚରଣ ମହାନ୍ତିଙ୍କୁ ଦିନ ୫.୩୦ ସମୟରେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓ ଏମ୍ ପି ଛକରେ ଗିରଫ କରି ୩୫୦ ଲିଟର ଯାହାର ମୂଲ୍ୟ ଆଇ ଡି ଲିକର ଯାହାର ମୂଲ୍ୟ ୩,୭୦,୦୦୦, ଗୋଟିଏ ସ୍ମାର୍ଟ ଫୋନ୍ ଏବଂ ମାରୁତି



ସୁଜୁକି ସ୍ୱିଫ୍ଟ ଏଲ୍ ଏକ୍ସ କାର ଜବତ କରାଯାଇଛି । ଅବକାରୀ ବିଭାଗର ଟିମ୍ ଅଭିଯୁକ୍ତ ଦୁର୍ଗା ଚରଣ ମହାନ୍ତିଙ୍କୁ ଗିରଫ କରି ମାନ୍ୟବର କୋର୍ଟକୁ ଚାଲାଣ କରିଛନ୍ତି । ମୋବାଇଲ୍ ଟିମ୍ ର ମୁଖ୍ୟ ଥିଲେ ଅବକାରୀ ବିଭାଗର ଆଇ ଆଇ ସି କମଳ ଲୋଚନପାଇକ ରାୟ ,ଓ ଆଇ ସି ସୁଶ୍ରୀ ସଙ୍ଗୀତା ମହାପାତ୍ର ଏବଂ ତାଙ୍କର ସହଯୋଗୀମାନେ ହେଲେ ଏ ଏସ ଆଇ ସୁନିଆ ଆଇନ୍ଦ, ଲେଡି କନଷ୍ଟେବଲ ବାସନ୍ତୀ ସଲିମା, କନଷ୍ଟେବଲ ସୁନୀଲ କୁମାର ବଲ, କନଷ୍ଟେବଲ ରଞ୍ଜନ କୁମାର ଭୋଇ ପ୍ରମୁଖ ଯୋଜନାବଦ୍ଧ ଭାବରେ କାର୍ଯ୍ୟାନୁଷ୍ଠାନ ନେବାରେ ସଫଳ ହୋଇଥିଲେ ।

# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଅନ୍ଧବିଶ୍ୱାସ, ଡାହାଣୀ ଶିକାର ଓ ବିଭିନ୍ନ ସାମାଜିକ କୁପ୍ରଥା ସମ୍ପର୍କିତ ସଚେତନତା



ଝାରସୁଗୁଡ଼ା(ନି.ପ୍ର.)ଦଳକି ଗ୍ରାମ ପଂଚାୟତ ଅନ୍ତର୍ଭୁକ୍ତ ପୂର୍ଣା ଗ୍ରାମର ଜଗନ୍ନାଥ ମନ୍ଦିର ପରିସରରେ ଆଜି ଡାହାଣୀ ଶିକାରର ଭୟଙ୍କରତାକୁ ରୋକିବା ପାଇଁ ଲୋକକଳା (ପାଲା) ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଶ୍ରୀମତୀ ତନୟା କୁସୁମ ଓ ତାଙ୍କ ସମସ୍ତ ସାଥୀ ପାଲା ମାଧ୍ୟମରେ ଏହି କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ରିତାକାନ୍ତି ବଲିୟାରସିଂହ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଜିଲ୍ଲା କଳା ସଂସ୍କୃତି ସଂଘର ଉପ ସଭାପତି ଶ୍ରୀ ସୁରଂଗ ପଧାନ ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ପାଲା ମାଧ୍ୟମରେ ଗାଁ ରେ ଥିବା ଅନ୍ଧବିଶ୍ୱାସ, ଡାହାଣୀ ଶିକାର ଓ ବିଭିନ୍ନ ସାମାଜିକ କୁପ୍ରଥା ସମ୍ପର୍କିତ ଲୋକମାନଙ୍କୁ ସଚେତନ କରାଯାଇଥିଲା କ୍ଷ ଏହି କାର୍ଯ୍ୟକ୍ରମରେ ସରପଂଚ ଦଳକି ଗ୍ରାମ ପଂଚାୟତ ଯଶୋବନ୍ତି ଧୁରୁଆ , ପ୍ରଧାନ ଶିକ୍ଷୟତ୍ରୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ପୂର୍ଣା ଅମ୍ବିକା ନାଏକ, ସହକାରୀ ଶିକ୍ଷୟତ୍ରୀ ଗୀତାଞ୍ଜଳି ପଟେଲ ଏବଂ ସୁଷମା ନାଏକ, ଜଗନ୍ନାଥ ମନ୍ଦିରର ପୂଜକ ଭବାନୀ ଶଙ୍କର ପାଣିଗ୍ରାହୀ , ପୂର୍ବତନ ସମିତି ସଭ୍ୟା ଆଲ୍ଲାଦିନି ଡିଲ୍ଲା , ସି.ଆର.ପି ପୁର୍ଣ୍ଣା କଳ୍ପନା ପାଣିଗ୍ରାହୀ, ଅଙ୍ଗନବାଡି କର୍ମୀ ତିଲୋତମା ମାଝୀ , କୃଷି ମିତ୍ର ପ୍ରତିଭା ବେହେରା , ସି.ଆର.ପି ସାବିତ୍ରୀ ଛଟାନ , ଯାଜ୍ଞସେନୀ ପଟେଲ , ପୁଷ୍ପା ରୋହିଦାସ , ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା ମାଳତୀ ସେଠ, ଅଙ୍ଗନବାଡି ସହାୟକ ରୀନା ପଟେଲ, ଜ୍ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀ ରାଜେଶ ସେଠ ଏବଂ ଜ୍ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ରବୀନ୍ଦ୍ର ନିଆଲ, ରାମଚନ୍ଦ୍ର ବୈଠା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଲଘୁଚାପ ସକ୍ରିୟ : ୧୦ ଜିଲ୍ଲାରେ ବର୍ଷା ସମ୍ଭାବନା



ଭୁବନେଶ୍ୱର : ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଲଘୁଚାପର ରୂପ ନେଇଛି । ଫଳରେ ଗୁରୁବାର ଅଧିକାଂଶ ଜିଲାରେ ବର୍ଷା ହୋଇଥିବାବେଳେ କଟକ ଜିଲା ବାଙ୍କୀଠାରେ ସର୍ବାଧିକ ୧୦୪ ମି.ମି. ବର୍ଷ ରେକର୍ଡ ହୋଇଛି । ଶୁକ୍ରବାର ମଧ ପ୍ରବଳ ବର୍ଷା ହେବ ବୋଲି ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ବିଶେଷକରି କଳାହାଣ୍ଡି, ନବରଙ୍ଗପୁର ଏବଂ କୋରାପୁଟ ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି । ଏସବୁ ଜିଲାରେ ଘଡ଼ଘଡ଼ି ସହିତ ଝଡ଼ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି । ସେହିପରି ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, ଗଜପତି ଏବଂ ଗଞ୍ଜାମ ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଛି । ଏହାବାଦ୍ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲାରେ ଘଡ଼ଘଡ଼ି ସହିତ ଝଡ଼ବର୍ଷା ନେଇ ସତର୍କ କରାଯାଇଛି । ଶନିବାର ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ଏବଂ ଏହାପରେ ବର୍ଷା ପରିମାଣ କମିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।











## ବୈଶ୍ୱିକ ଆର୍ଥିକ ବ୍ୟବସ୍ଥାରେ ଅସ୍ଥିରତା ମଧ୍ୟରେ ନମନୀୟତା ବୃଦ୍ଧି କରିବାର ରହିଛି ଆବଶ୍ୟକତା : ଏସ୍. ଜୟଶଙ୍କର



ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଶୁକ୍ରବାର କହିଛନ୍ତି ଯେ ବିଶ୍ୱର ରାଜନୈତିକ ଏବଂ ଅର୍ଥନୈତିକ ବ୍ୟବସ୍ଥା ବର୍ତ୍ତମାନ ଅସ୍ଥିରତା, ଅସ୍ଥିରତା ଏବଂ ଜଟିଳତା ଦେଇ ଗତି କରୁଛି । ଭୌଗୋଳିକ ରାଜନୈତିକ ବିବାଦ, ମହାମାରୀ ଏବଂ ଜଳବାୟୁ ଜନିତ ବ୍ୟାଘାତର ଆର୍ଥିକ ପ୍ରଭାବ ମଧ୍ୟରେ ସ୍ଥିତିସ୍ଥାପକତା ବର୍ତ୍ତମାନ ଯେକୌଣସି ଦେଶର ଅର୍ଥନୈତିକ ରଣନୀତିର ଏକ କେନ୍ଦ୍ରୀୟ ଉପାଦାନ ହୋଇପାରିଛି । ସେ କହିଥିଲେ ଯେ ଏଭଳି ସମୟରେ ନବସୃଜନ, ନିରନ୍ତର ବିକାଶ ଏବଂ ସୁଦୃଢ଼ ଅନ୍ତର୍ଜାତୀୟ ଭାଗିଦାରୀ ଜରିଆରେ ଆର୍ଥିକ ଆଘାତ ପ୍ରତି ସହନଶୀଳତା ସୃଷ୍ଟି କରିବା ନିହାତି ଆବଶ୍ୟକ । ବ୍ରିକ୍ସ୍ ବ୍ୟବସାୟିକ ମଂଚକୁ ସମ୍ବୋଧିତ କରି ଜୟଶଙ୍କର କହିଛନ୍ତି ଯେ ଦ୍ରୁତ ଡିଜିଟାଇଜେସନ୍ ଏବଂ ବୈଷୟିକଗତି ଅଭିବୃଦ୍ଧି, ଉତ୍ପାଦକତା ଏବଂ ଅର୍ଥନୈତିକ ସମ୍ପ୍ରସାରଣ ପାଇଁ ନୂତନ ସୁଯୋଗ ଖୋଲିଛି, କିନ୍ତୁ ସେମାନଙ୍କ ସହିତ ନୂତନ ବିଦ ମଧ୍ୟ ଆଣିଛି । ତେଣୁ ଦେଶଗୁଡିକ ପରିବର୍ତ୍ତିତ ପରିସ୍ଥିତିର ପୂର୍ବାନୁମାନ କରିବା, ଖାପଖୁଆଇବା ଏବଂ ପ୍ରଭାବଶାଳୀ ଭାବରେ ପ୍ରତିକ୍ରିୟା ଦେବା ପାଇଁ କ୍ଷମତା ବିକାଶ କରିବା ଆବଶ୍ୟକ । ସେ କହିଥିଲେ ଯେ ବର୍ତ୍ତମାନର ପରିସ୍ଥିତିରେ, ବ୍ରିକ୍ସର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଯାଏ । ବିଭିନ୍ନ ସମ୍ବଳ, ବଜାର, ସାମର୍ଥ୍ୟ ଏବଂ ଅଭିଜ୍ଞତା ଥିବା ଅର୍ଥବ୍ୟବସ୍ଥାକୁ ବ୍ରିକ୍ସ୍ ଏକତ୍ର ଆଣିଥାଏ । ଏହା ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ସେମାନଙ୍କ ଦୃଷ୍ଟିକୋଣ ବାଂଟିବା, ସୁଦୃଢ଼ ବ୍ୟବସ୍ଥା ବିକଶିତ କରିବା ଏବଂ ଆର୍ଥିକ ସହଯୋଗ ପାଇଁ ନୂତନ ସୁଯୋଗ ଅନ୍ୱେଷଣ କରିବା ଲାଗି ଏକ ମଂଚ ପ୍ରଦାନ କରିଥାଏ । ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଥିଲେ ଯେ ସରକାରମାନଙ୍କ ମଧ୍ୟରେ ସହଯୋଗ ଦ୍ୱାରା ଆବଶ୍ୟକ ଭିତିଭୂମି ସୃଷ୍ଟି ହୋଇପାରିବ, କିନ୍ତୁ ବ୍ୟବସାୟ ଜଗତ ହିଁ ଏହାକୁ କୃତ ଆର୍ଥିକ ରୂ ଦେଇଥାଏ । ବ୍ରିକ୍ସର ସମ୍ଭାବନାକୁ ବାସ୍ତବ ପରିଣାମରେ ପରିଣତ କରିବାରେ ବ୍ୟବସାୟୀ ସମୁଦାୟ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର । ବ୍ରିକ୍ସ୍ ବ୍ୟବସାୟ ପରିଷଦ ଏବଂ ବ୍ରିକ୍ସ୍ ମହିଳା ବ୍ୟବସାୟ ମେଂଟ, ଶିଳ୍ପ, ଉଦ୍ୟୋଗୀ ଏବଂ ବ୍ୟବସାୟିକ ନେତୃତ୍ୱର ଅଂଶଗ୍ରହଣକୁ ବ୍ରିକ୍ସ୍ ପ୍ରକ୍ରିୟା ସହିତ ଯୋଡ଼ିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ଜୟଶଙ୍କର କହିଛନ୍ତି ଯେ ଯୋଗାଣ ଶୃଙ୍ଖଳା ସଂଯୋଗ ଏବଂ ବାଣିଜ୍ୟ ସୁବିଧା ହେଉଛି ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତା । ଏହା ସହିତ ସେବା, କୃଷି ଏବଂ କୃଷି-ପ୍ରଯୁକ୍ତି, ଡିଜିଟାଲ ସେବା, ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ୍ ଏବଂ ମହିଳା ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ମଧ ଆବଶ୍ୟକ । ସେ କହିଥିଲେ ଯେ ବ୍ରିକ୍ସ୍ ଦେଶଗୁଡ଼ିକର ବ୍ୟବସାୟୀମାନଙ୍କ ପାଇଁ ଅଂଶୀଦାର ଖୋଜିବା, ବଜାର ପର୍ଯ୍ୟନ୍ତ ପହଂଚିବା ଏବଂ ଯୋଗାଣ ନେଟୱାର୍କକୁ ଯୋଡ଼ିବା ସହଜ ହେବା ଉଚିତ । ସେ କହିଥିଲେ ଯେ ଅଧିକ ଅର୍ଥନୈତିକ କାର୍ଯ୍ୟକଳାପ ଆର୍ଥିକ ସୁରକ୍ଷା ଏବଂ ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିଥାଏ । ଏଥିପାଇଁ ନିର୍ଭରଯୋଗ୍ୟ ଲଜିଷ୍ଟିକ୍ସ, ଏକ ପୂର୍ବାନୁମାନଯୋଗ୍ୟ ବ୍ୟବସାୟିକ ପରିବେଶ, ବିବିଧ ବ୍ୟବସାୟିକ ସମ୍ପର୍କ ଏବଂ ସ୍ୱଚ୍ଛ ବାଣିଜ୍ୟ ଏବଂ ନିବେଶ ବ୍ୟବସ୍ଥା ଆବଶ୍ୟକ ।

## ଆମ ସାଥୀ ହ୍ୱାଟ୍ସଆପ୍ ସେବାକୁ ଉନ୍ମୋଚନ କଲେ ଡିଜିପି



ଭୁବନେଶ୍ୱର: ପୋଲିସ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଜରୁରୀ ସେବା ପ୍ରାପ୍ତି ନିମନ୍ତେ ପୋଲିସ ଥାନା କିମ୍ବା ସମ୍ପୃକ୍ତ କାର୍ଯ୍ୟାଳୟକୁ ଯିବାର ଆବଶ୍ୟକତା ପଡିବ ନାହିଁ । ପୋଲିସ ସେବା ବ୍ୟବସ୍ଥାକୁ ଅଧିକ ସରଳ, ଦ୍ରୁତ, ସ୍ୱଚ୍ଛ, ନାଗରିକ-କେନ୍ଦ୍ରିକ ଓ ତ୍ୱରିତ ସେବା ଯୋଗାଇ ଦେବାକୁ ଓଡିଶା ପୋଲିସ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛି । ଏଣିକି ଘରେ ବସି 'ଆମ ସାଥୀ' ହ୍ୱାଟ୍ସଆପ୍ ବଟ୍ ମାଧ୍ୟମରେ ସାଧାରଣ ଲୋକମାନେ ୧୪ଟି ପୋଲିସ-ନାଗରିକ ସେବା ପାଇପାରିବେ । ଡିଜିପି ଶ୍ରୀ ବିନୟତୋଷ ମିଶ୍ର ଆଜି ଡିଜିପି କ୍ୟାମ୍ପ ଅଫିସ୍, ଭୁବନେଶ୍ୱରରେ ଏହି ସେବାର ଶୁଭାରମ୍ଭ କରିଛନ୍ତି । ଉଲ୍ଲେଖ ଯୋଗ୍ୟ ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୨୫ ଡିସେମ୍ବର ୨୦୨୫, ସୁଶାସନ ଦିବସ ଅବସରରେ 'ଆମ ସାଥୀ' ହ୍ୱାଟ୍ସଆପ୍ ବଟ୍‌ର ଶୁଭାରମ୍ଭ କରିଥିଲେ । ଏହା ମାଧ୍ୟମରେ ବିଭିନ୍ନ ସରକାରୀ ସେବା ଲୋକଙ୍କ ନିକଟରେ ପହଂଚାଇବାକୁ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶା ସରକାରଙ୍କ Centre for Modernizing Government Initiativର, State Crime Records Bureau, ଓଡ଼ିଶା ପୋଲିସ ଏବଂ Meta India ର ସହଭାଗିତାରେ 'ଆମ ସାଥୀ' ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍ ଜନ ସାଧାରଣଙ୍କ ସେବା ଉଦ୍ଦେଶ୍ୟରେ ବିକଶିତ କରାଯାଇଛି ।

## ଉତ୍କଳ ବିଶ୍ୱବିଦ୍ୟାଳୟ ସମାଜଶାସ୍ତ୍ର ବିଭାଗର ପ୍ରବେଶୋତ୍ସବ ଅନୁଷ୍ଠିତ ସମାଜ ଆମ ଯୋଗାଯୋଗ ପଦ୍ଧତିକୁ ଆକାର ଦେଇଥାଏ : ଅଖିଳ କୁମାର ମିଶ୍ର





ଭୁବନେଶ୍ୱର : ଭୁବନେଶ୍ୱର ବାଣୀବିହାରଠାରେ ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜଶାସ୍ତ୍ର ବିଭାଗ ପକ୍ଷରୁ ଅାଜ 'ଯୋଗାଯୋଗ ଓ ପ୍ରଶାସନର ସମାଜଶାସ୍ତ୍ର' ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ସମାଜଶାସ୍ତ୍ର ଓ ଯୋଗାଯୋଗ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ସାମାଜିକ ଢାଂଚା, ପରିଚୟ, ସମ୍ପର୍କ ଏବଂ ସାଂସ୍କୃତିକ ପରିଦୃଶ୍ୟ କିପରି ଲୋକଙ୍କ ଯୋଗାଯୋଗ ଏବଂ ବାର୍ତ୍ତା ପ୍ରସାରର ପଦ୍ଧତିକୁ ପ୍ରଭାବିତ କରିଥାଏ ତାହା ସେ ବିସ୍ତୃତ ଭାବେ କହିଥିଲେ । ଯୋଗାଯୋଗକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ସମାଜକୁ ବୁଝିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ମିଶ୍ର ଛାତ୍ରଛାତ୍ରୀଙ୍କ ସହିତ ମତ ବିନିମୟ କରିଥିଲେ ଏବଂ ସମାଜଶାସ୍ତ୍ର ଓ ଯୋଗାଯୋଗର ବିଭିନ୍ନ ଦିଗ ଉପରେ ନିଜର ବିଚାର ବ୍ୟକ୍ତ କରିଥିଲେ । ଯୋଗାଯୋଗକୁ ଏକ ବ୍ୟାପକ ସାମାଜିକ ଦୃଷ୍ଟିକୋଣରୁ ଦେଖିବା ଲାଗି ସେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜଶାସ୍ତ୍ର ବିଭାଗର ପ୍ରାଧ୍ୟାପକ ତଥା ମୁଖ୍ୟ ପ୍ରଫେସର ରବୀନ୍ଦ୍ର ଗରଡ଼, ସମାଜ ଓ ଶାସନ ବ୍ୟବସ୍ଥାକୁ ବୁଝିବାରେ ଯୋଗାଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ କହିଥିଲେ । ସେ ସମାଜଶାସ୍ତ୍ରୀୟ ଦୃଷ୍ଟିକୋଣରୁ ସାମ୍ପ୍ରତିକ ସାମାଜିକ ପ୍ରସଙ୍ଗଗୁଡ଼ିକ ସହ ଜଡ଼ିତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡକ୍ଟର ଚିତ୍ରସେନ ପସାୟତ ପ୍ରଶାସନ କ୍ଷେତ୍ରରେ ତାଙ୍କ ଅଭିଜ୍ଞତା ବାଂଟିଥିଲେ । ସେ ପ୍ରଶାସନିକ ଯୋଗାଯୋଗର ପରିବର୍ତ୍ତିତ ପ୍ରକୃତି ବିଷୟରେ କହିଥିଲେ । ତାଙ୍କର ପ୍ରାରମ୍ଭିକ ସାର୍ବଜନୀନ ସେବା ସମୟରେ ଯୋଗାଯୋଗ କିପରି ପାରମ୍ପରିକ ଏବଂ ଏକପାଖିଆ ଥିଲା ତାହା ସେ ଉଲ୍ଲେଖ କରିଥିଲେ । ସେ କହିଥିଲେ, ବର୍ତ୍ତମାନ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକ ଏହାକୁ ଦ୍ରୁତ, ପାରସ୍ପରିକ ଏବଂ ଅଧିକ ଅଂଶଗ୍ରହଣକାରୀ କରିଛି । ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ବିଶେଷଜ୍ଞମାନଙ୍କ ସହ ଆଲୋଚନା କରିବା ଲାଗି ସୁଯୋଗ ଦେଇଥିଲେ । ସେମାନେ ଯୋଗାଯୋଗ, ସମାଜ ଓ ଶାସନ ବ୍ୟବସ୍ଥାର ପରିବର୍ତ୍ତନଶୀଳ ଦିଗଗୁଡ଼ିକ ସମ୍ପର୍କରେ ଗଭୀର ଜ୍ଞାନ ଆହରଣ କରିବାକୁ ସକ୍ଷମ ହୋଇଥିଲେ ।

## ଉପକୂଳ ପରିବେଶ ବିଜ୍ଞାନ, ସୁରକ୍ଷା ଏବଂ ସ୍ଥାୟୀତ୍ୱ ସମ୍ପର୍କିତ ଜାତୀୟ ସମ୍ମିଳନୀକୁ ସମ୍ବୋଧିତ କଲେ ଡ. ଜିତେନ୍ଦ୍ର ସିଂହ



ନୂଆଦିଲ୍ଲୀ : ଭାରତର ଉପକୂଳକୁ ପରିବେଶ ବିଜ୍ଞାନ, ସୁରକ୍ଷା, ଅର୍ଥନୀତି, ପ୍ରଯୁକ୍ତିବିଦ୍ୟା ଏବଂ ମାନବ ବିକାଶର ଏକ ଆନ୍ତଃସଂଯୁକ୍ତ ସ୍ଥାନ ଭାବରେ ଦେଖାଯିବା ଉଚିତ, କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ ପୃଥିବୀ ବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କାର୍ମିକ, ସାଧାରଣ ଅଭିଯୋଗ, ପେନସନ, ପରମାଣୁ ଶକ୍ତି ଏବଂ ମହାକାଶ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ଉପକୂଳ ପରିବେଶ ବିଜ୍ଞାନ, ସୁରକ୍ଷା ଏବଂ ସ୍ଥାୟୀତ୍ୱ ୨୦୨୬ ଉପରେ ଜାତୀୟ ସମ୍ମିଳନୀକୁ ଭର୍ଚୁଆଲ୍ ଭାବରେ ସମ୍ବୋଧିତ କରିବା ସମୟରେ କହିଛନ୍ତି । ଭାରତର ସେ ଆହୁରି ମଧ କହିଛନ୍ତି ଯେ ୧୧,୦୦୦-୧୨,୦୦୦ କିଲୋମିଟର ଲମ୍ବା ଉପକୂଳ ସାମୁଦ୍ରିକ ସମ୍ପଦ ଏବଂ 'ନୀଳ ଅର୍ଥନୀତି' ପାଇଁ ଗୁରୁତ୍ୱପୂର୍ଣ୍ଣ ସମ୍ଭାବନା ପ୍ରଦାନ କରେ । ମନ୍ତ୍ରୀ କହିଛନ୍ତି ଯେ ଦେଶର ଦୀର୍ଘ ଉପକୂଳ ଏବଂ ବ୍ୟାପକ ସାମୁଦ୍ରିକ ପରିସଂସ୍ଥା ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରେ, ଏବଂ ବୈଜ୍ଞାନିକ ଜ୍ଞାନ, ପରିବେଶଗତ ସ୍ଥିରତା, ସୁରକ୍ଷା ଏବଂ ଆର୍ଥିକ ବିକାଶକୁ ମିଶ୍ରଣ କରି ଏକ ସମନ୍ୱିତ ଆଭିମୁଖ୍ୟ ଆବଶ୍ୟକ କରେ । ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ଯେ ଭାରତରେ ୧୧,୦୦୦-୧୨,୦୦୦ କିଲୋମିଟର ଲମ୍ବା ଉପକୂଳ ଅଂଚଳ ଅଛି, ଯାହା ବିଶ୍ୱର ସବୁଠାରୁ ଲମ୍ବା ଉପକୂଳ ଅଂଚଳ ମଧ୍ୟରେ ଅନ୍ତର୍ଭୁକ୍ତ, ଏବଂ ଦେଶର ଭବିଷ୍ୟତ ବିକାଶରେ ସମୁଦ୍ର ଏବଂ ଉପକୂଳ ଅଂଚଳଗୁଡ଼ିକର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ ସମୁଦ୍ର ସହିତ ଭାରତର ଐତିହାସିକ ସମ୍ପର୍କ ଏହାର ପୂର୍ବପୁରୁଷମାନଙ୍କ ଦ୍ୱାରା ଅର୍ଜିତ ସାମୁଦ୍ରିକ ପରିବେଶର ଜ୍ଞାନ ଏବଂ ବୁଝାମଣାକୁ ମଧ ପ୍ରତିଫଳିତ କରେ ।

## ଖଡ଼ଗପୁର ଡିଭିଜନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ଟ୍ରେନ ବାତିଲ୍



ଭୁବନେଶ୍ୱର : ଖଡ଼ଗପୁର ଡିଭିଜନରେ ଚାଲିଥିବା ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି, କାର୍ଯ୍ୟଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନା ପାଇଁ କେତେକ ଟ୍ରେନର ଚଳାଚଳକୁ ନିର୍ଦ୍ଦିଷ୍ଟ ତାରିଖରେ ବାତିଲ୍ କରାଯାଇଛି । ସେହି ଅନୁଯାୟୀ, ଟ୍ରେନ ନମ୍ବର ୧୨୮୩୭ ହାଓ୍ୱଡ଼ା-ପୁରୀ, ଟ୍ରେନ ନମ୍ବର ୧୨୮୩୮ ପୁରୀ-ହାଓ୍ୱଡ଼ା, ଟ୍ରେନ ନମ୍ବର ୧୮୦୦୫ ହାଓ୍ୱଡ଼ା-ଜଗଦଲପୁର, ଟ୍ରେନ ନମ୍ବର ୧୮୦୦୬ ଜଗଦଲପୁର-ହାଓ୍ୱଡ଼ା ଏବଂ ଟ୍ରେନ ନମ୍ବର ୨୨୮୯୦ ପୁରୀ-ଦୀଘା ୧୯ ସେପ୍ଟେମ୍ବର ୨୦୨୬ ଦିନ ଯାତ୍ରା ଆରମ୍ଭ କରିବାକୁ ଥିବା ଟ୍ରେନଗୁଡ଼ିକ ବାତିଲ୍ ରହିବ । ଏହା ବ୍ୟତୀତ, ଟ୍ରେନ ନମ୍ବର ୨୨୮୮୯ ଦୀଘା-ପୁରୀ ୨୦ ସେପଟ୍ମେର ୨୦୨୬ ଦିନ ଯାତ୍ରା ଆରମ୍ଭ କରିବାକୁ ଥିବା ଗାଡ଼ି ମଧ ବାତିଲ୍ ରହିବ । ଯାତ୍ରା ଆରମ୍ଭ କରିବା ପୂର୍ବରୁ ଟ୍ରେନ୍‌ର ଅଧିକ ସୂଚନା ପାଇଁ ଯାତ୍ରୀମାନେ ନ୍ୟାସନାଲ୍ ଟ୍ରେନ୍ ଇନ୍‌କ୍ୱାୟାରି ସିଷ୍ଟମ୍ (NTES) କିମ୍ବା ଭାରତୀୟ ରେଳବାଇର ଅଧିକୃତ ୱେବସାଇଟ୍ ଯାଂଚ କରିବାକୁ ପରାମର୍ଶ ।

## ଦ୍ୱିତୀୟ ପର୍ଯ୍ୟାୟ ବିଏଡ୍ ନାମଲେଖା ପାଇଁ ବିଜ୍ଞପ୍ତି ଜାରୀ



ଭୁବନେଶ୍ୱର : ରାଜ୍ୟରେ ଚଳିତ ଶିକ୍ଷାବର୍ଷ (୨୦୨୬-୨୭)ରୁ ଦ୍ୱିତୀୟ ପର୍ଯ୍ୟାୟ ୪ ବର୍ଷିଆ ବି.ଏଡ୍‌ରେ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ୪ ବର୍ଷିଆ ଇଂଟିଗ୍ରେଟେଡ୍ ଟିଚର ଏଜୁକେସନ୍ ପ୍ରୋଗ୍ରାମ (ଆଇଟିଇପି) ତଥା ବିଏଡ୍ ନାମଲେଖା ଆରମ୍ଭ ହୋଇଛି । ଏହାର ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଶେଷ ହୋଇଥିବା ବେଳେ ବଳକା ଥିବା ସିଟ୍ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ । ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସାମ୍ସ ୱେବ୍‌ସାଇଟ୍ ମାଧ୍ୟମରେ ଆଜି (ଗୁରୁବାର)ଠୁ ୨୦ ତାରିଖ ଯାଏ ନାମଲେଖା ପାଇଁ ଅନ୍‌ଲାଇନ୍ ଆବେଦନ ପତ୍ର ଆହ୍ୱାନ କରାଯିବ । ୨୪ ତାରିଖରେ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ । ଉଚ୍ଚଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁଯାୟୀ, ନାମଲେଖା ପାଇଁ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୨୫ରୁ ୨୮ ତାରିଖ ମଧ୍ୟରେ ନାମଲେଖାଇବେ । ଏହାପରେ ସିଧାସଳଖ ସ୍ପଟ୍ ନାମଲେଖା ପ୍ରକ୍ରିୟା କରାଯିବ । ଏଥିପାଇଁ ୨୪ ତାରିଖରେ ମଧ ଏକ ୱେଟ୍‌ଲିଷ୍ଟ ପ୍ରକାଶ ପାଇବ । ଏହି ୱେଟ୍‌ଲିଷ୍ଟରେ ଥିବା ଇଚ୍ଛୁକ ଛାତ୍ରଛାତ୍ରୀମାନେ ୨୯ରୁ ୩୦ ତାରିଖ ମଧ୍ୟରେ ନିଜର ପସନ୍ଦର କଲେଜରେ ପୁନଃ ଆବେଦନପତ୍ର ଦାଖଲ କରିବେ । ନାମଲେଖା ପାଇଁ ଉଚ୍ଚଶିକ୍ଷାନୁଷ୍ଠାନମାନେ ନିଜର ନୋଟିସ୍ ବୋର୍ଡ କିମ୍ବା ୱେବ୍‌ସାଇଟ୍‌ରେ ଅକ୍ଟୋବର ୧ ତାରିଖରେ ନିଜର ମେଧାତାଲିକା ପ୍ରକାଶ କରିବେ । ଚୟନ ଛାତ୍ରଛାତ୍ରୀମାନେ ଅକ୍ଟୋବର ୩ ତାରିଖରୁ ୫ ତାରିଖ ମଧ୍ୟରେ ନାମଲେଖାଇବେ । ଯଦି ଏହା ବାଦ୍ ସିଟ୍ ଖାଲି ରୁହେ ତେବେ ୱେଟ୍‌ଲିଷ୍ଟରେ ଥିବା ଛାତ୍ରଛାତ୍ରୀଙ୍କର ୬ରୁ ୭ ତାରିଖ ମଧ୍ୟରେ ନାମଲେଖା ସଂପୂର୍ଣ୍ଣ କରାଯାଇ ସାମ୍ସ ୱେବ୍‌ସାଇଟ୍‌ରେ ସଂପୂର୍ଣ୍ଣ ଡାଟାକୁ ଅପଡେଟ୍ କରାଯିବ ।

## ଓଡ଼ିଶା ଏଫ୍‌ସିକୁ ଫେରିଲେ ତାରକା ୱିଙ୍ଗର ନନ୍ଦକୁମାର ଶେକର

ଭୁବନେଶ୍ୱର : ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ୍) ଫ୍ରାଂଚାଇଜ୍ ଓଡ଼ିଶା



ଏଫ୍‌ସି (ଓଏଫ୍‌ସି)କୁ ପୁଣି ଫେରିଛନ୍ତି ଭାରତୀୟ ଦଳର ଅଭିଜ୍ଞ ୱିଙ୍ଗର ନନ୍ଦକୁମାର ଶେକର । ଇଷ୍ଟ ବେଙ୍ଗଲ୍ ଏଫ୍‌ସି ପାଇଁ କିଛି ସମୟ ଖେଳିବା ପରେ ସେ ପୁନର୍ବାର ଭୁବନେଶ୍ୱର ଭିତିକ ଏହି କ୍ଲବ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ନନ୍ଦକୁମାରଙ୍କ ସହ ଓଡ଼ିଶା ଏଫ୍‌ସି ୨୦୨୬-୨୭ ସିଜିନ୍ ପାଇଁ ଗୋଟିଏ ବର୍ଷର ଚୁକ୍ତି କରିଛି । ଏହା ପୂର୍ବରୁ ସେ ଓଡ଼ିଶା ଏଫ୍‌ସି ପାଇଁ ୪ ବର୍ଷ ଧରି ଖେଳି ନିଜର ଦକ୍ଷତା ପ୍ରମାଣିତ କରିଥିଲେ । ଏହି ସମୟ ମଧ୍ୟରେ ସେ କ୍ଲବ୍ ତରଫରୁ ୫୯ଟି ଆଇଏସ୍‌ଏଲ୍ ମ୍ୟାଚ୍ ଖେଳି ୭ଟି ଗୋଲ୍ କରିବା ସହିତ ୫ଟି ଗୋଲ୍‌ରେ ସହାୟତା (ଆସିଷ୍ଟ) କରିଥିଲେ । ବିଶେଷ କରି ୨୦୨୨-୨୩ ସିଜିନ୍‌ରେ ତାଙ୍କର ଚମତ୍କାର ପ୍ରଦର୍ଶନ ବଳରେ ଓଡ଼ିଶା ଏଫ୍‌ସି ପ୍ରଥମ ଥର ପାଇଁ ଆଇଏସ୍‌ଏଲ୍ ପ୍ଲେ-ଅଫ୍‌କୁ ଯୋଗ୍ୟତା ଅର୍ଜନ କରିବା ସହ ଐତିହାସିକ ଭାବେ 'ସୁପର କପ୍' ଟ୍ରଫି ବିଜୟୀ ହୋଇଥିଲା । ସେହି ଋତୁରେ ସେ ଆଇଏସ୍‌ଏଲ୍‌ରେ ୬ଟି ଏବଂ ସୁପର କପ୍‌ରେ ୪ଟି ଗୋଲ୍ ସ୍କୋର କରିଥିଲେ । ଓଡ଼ିଶା ଏଫ୍‌ସିରେ ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁଁ ତାଙ୍କୁ ଭାରତୀୟ ଜାତୀୟ ଦଳରେ ସ୍ଥାନ ମିଳିଥିଲା ।

## ଭିଏତ୍‌ନାମ ଓପନ୍ ବ୍ୟାଡ୍‌ମିଂଟନ ମାଳବିକାଙ୍କୁ ହରାଇ ସେମିଫାଇନାଲ୍‌ରେ ତନ୍ୱୀ ଶର୍ମା

ନୂଆଦିଲ୍ଲୀ : ଚାଲିଥିବା ଭିଏତ୍‌ନାମ ଓପନ୍ ସୁପର ୧୦୦ ବ୍ୟାଡ୍‌ମିଂଟନ ପ୍ରତିଯୋଗିତାରେ ଭାରତୀୟ ମହିଳା ଖେଳାଳିମାନେ ଉଲ୍ଲେଖନୀୟ ପ୍ରଦର୍ଶନ



ଜାରି ରଖିଛନ୍ତି । ଭାରତର ତିନି ଜଣ ମହିଳା ସିଙ୍ଗଲ୍ସ ଖେଳାଳି ତନ୍ୱୀ ଶର୍ମା, ଈଶାରାଣୀ ବରୁଆ ଏବଂ ରକ୍ଷିତା ଶ୍ରୀ ସନ୍ତୋଷ ରାମରାଜ ନିଜ ନିଜ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଜିତି ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଏକ ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲ୍ ମୁକାବିଲାରେ ତନ୍ୱୀ ଶର୍ମା ବିଶ୍ୱର ୨୭ ନମ୍ବର ତଥା ଶୀର୍ଷ ମାନ୍ୟତାପ୍ରାପ୍ତ ନିଜ ଦେଶର ମାଳବିକା ବଂଶୁଦଙ୍କୁ ୨୧-୧୮, ୧୫-୨୧, ୨୧-୧୪ ସେଟ୍‌ରେ ପରାସ୍ତ କରି ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି । ସେମିଫାଇନାଲ୍‌ରେ ତନ୍ୱୀ ଥାଇଲାଣ୍ଡର ସରୁନରାକ୍ ଭିତିଦ୍‌ସର୍ନଙ୍କ ସହିତ ମୁହାଁମୁହିଁ ହେବେ । ଅନ୍ୟପକ୍ଷରେ, ତୃତୀୟ ମାନ୍ୟତାପ୍ରାପ୍ତ ଈଶାରାଣୀ ବରୁଆ ଚାଇନିଜ୍ ତାଇପେଇର ହୁଆଙ୍ଗ ଚିଙ୍ଗ ପିଙ୍ଗ୍‌ଙ୍କୁ ସିଧାସଳଖ ୨୧-୧୫, ୨୧-୧୮ ସେଟ୍‌ରେ ପରାସ୍ତ କରିଥିବା ବେଳେ ଷଷ୍ଠ ମାନ୍ୟତାପ୍ରାପ୍ତ ରକ୍ଷିତା ଶ୍ରୀ ୨୧-୧୨, ୨୧-୧୦ରେ ଅନ୍ୟତମ ଭାରତୀୟ ଖେଳାଳି ମାନସୀ ସିଂହଙ୍କୁ ମାତ୍ ଦେଇଛନ୍ତି । ଏବେ ସେମିଫାଇନାଲ୍‌ରେ ଈଶାରାଣୀ ଓ ରକ୍ଷିତା ପରସ୍ପରକୁ ଭେଟିବାକୁ ଥିବାରୁ ଫାଇନାଲ୍‌ରେ ଜଣେ ଭାରତୀୟଙ୍କ ସ୍ଥାନ ନିଶ୍ଚିତ ହୋଇଛି । ତେବେ ମିଶ୍ରିତ ଯୁଗଳରେ ଭାରତକୁ ନିରାଶ ହେବାକୁ ପଡ଼ିଛି ।

## ବାଂଲାଦେଶକୁ ହରାଇ ଫାଇନାଲରେ ଭାରତ



ଦୁବାଇ : ଚଳିତ ମହିଳା ଟି-ଟ୍ୱେଂଟି ଏସିଆ କପ୍‌ରେ ଭାରତ ପ୍ରଥମ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଛି । ଗୁରୁବାର ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ୍‌ରେ ଦଳ ୪୦ ରନ୍‌ରେ ବାଂଲାଦେଶକୁ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ଶେଫାଳି ବର୍ମାଙ୍କ ଅର୍ଦ୍ଧଶତକ ବଳରେ ୬ ୱିକେଟ୍ ହରାଇ ୧୪୯ରନ୍ ସଂଗ୍ରହ କରିଥିଲା । ଜବାବରେ ବାଂଲାଦେଶ ୭ ୱିକେଟ୍ ବିନିମୟରେ ୧୦୯ ରନ୍ କରିବାକୁ ସକ୍ଷମ ହୋଇଥିଲା । ପ୍ରଥମେ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା ବାଂଲାଦେଶ । ଯଦିଓ ସ୍ପିନର ସୁଲତାନା ଖାତୁନ ଇନିଂସ୍‌ର ଦ୍ୱିତୀୟ ଓଭରରେ ଓପନର ସ୍ମୃତି ମନ୍ଧନାଙ୍କୁ (୨) ଆଉଟ୍ କରିଥିଲେ । ଏହାପରେ ପ୍ରତୀକା ରାଓ୍ୱଲ କ୍ରିଜ୍‌ରେ ଯୋଗଦେଇ ଅନ୍ୟ ଓପନର ଶେଫାଳି ବର୍ମାଙ୍କ ସହ ମିଶି ସ୍କୋରକୁ ୫୯ରେ ପହଂଚାଇଥିଲେ । ପ୍ରତୀକା ୨୦ (୧ଚୌକା, ୧ଛକା) ରନ୍ କରି ପାଭିଲିୟନ ଫେରିଥିଲେ । ଅଧିନାୟିକା ହର୍ମନପ୍ରୀତ କୌର ବାଂଲାଦେଶ ବୋଲରଙ୍କ ସାମ୍ନାରେ ସଂଘର୍ଷ କରିଥିଲେ । ଅନ୍ୟ ପଟରେ ଶେଫାଳି ଚିରାଚରିତ ଆକ୍ରମଣାତ୍ମକ ବ୍ୟାଟିଂ କରି ୩୫ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ । ତୃତୀୟ ୱିକେଟରେ ସଂଗୃହୀତ ହୋଇଥିଲା ୩୩ରନ୍ । ଦଳୀୟ ସ୍କୋର ୯୨ରେ ଶେଫାଳିଙ୍କ ୱିକେଟର ପତନ ଘଟିଥିଲା । ସେ ୭ଚୌକା ଓ ୩ ଛକା ବଳରେ ୬୪ ରନ୍ ସଂଗ୍ରହ କରିଥିଲେ । ୱିକେଟ୍ କିପର ବ୍ୟାଟର ରିଚା ଘୋଷ ୨୧ (୨ଛକା) ରନ୍ କରି ବିଦାୟ ନେଇଥିଲେ । ମାତ୍ର ଅଲରାଉଣ୍ଡର ଦୀପ୍ତି ଶର୍ମା ୬ବଲ୍‌ରେ ୧୩ (୧ଚୌକା, ୧ଛକା) ରନ୍ ଯୋଗ କରିବା ଫଳରେ ଦଳୀୟ ସ୍କୋର ୬/୧୪୯ରେ ପହଂଚିଥିଲା ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**